


▶ପୃଷ୍ଠା 9 ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-196 ♦BHUBANESWAR ♦SATURDAY ♦11 JANUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୯୬ ♦ଭୁବନେଶ୍ୱର ♦ଶନିବାର ♦୧୧ ଜାନୁଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦


# ବିକଶିତ ରାଷ୍ଟ୍ର ନିର୍ମାଣରେ ପ୍ରବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ମିଳିତ ଭାବେ ଏପରି ଏକ ଭାରତ ନିର୍ମାଣ କରିବା, ଯାହା ବିଶ୍ୱ ପାଇଁ ଆଲୋକବର୍ତ୍ତିକା ସାଜିବ: ରାଷ୍ଟ୍ରପତି

- ମୂଲ୍ୟବୋଧ ଏବଂ ନୈତିକତା ଆମ ସଭ୍ୟତାର ମୂଳଦୁଆ
- 'ବସୁଧୈବ କୁଟୁମ୍ବକମ୍' ବିଶ୍ୱ କଲ୍ୟାଣରେ ସହାୟକ ହେବ
- ତ୍ରିଦିବସୀୟ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଉଦ୍‌ଘାଟିତ
- ୨୭ ଜଣ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି



■ **ଭୁବନେଶ୍ୱର,୧୦।୧(ସମିସ):** ପ୍ରବାସୀ ଭାରତୀୟ ସମ୍ମିଳନୀ କେବଳ ଏକ କାର୍ଯ୍ୟକ୍ରମର ପରିସୀମା ମଧ୍ୟରେ ସୀମିତ ନାହିଁ। ଏହା ଏପରି ଏକ ମଞ୍ଚ ଯେଉଁଠାରେ ଭିନ୍ନଭିନ୍ନ ବିଚାର ସମ୍ମିଳିତ ହୋଇଥାଏ, ସହଯୋଗ ସୃଷ୍ଟି ହୋଇଥାଏ ଏବଂ ଭାରତ ଓ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ବନ୍ଧନ ସୁଦୃଢ଼ ହୋଇଥାଏ। ପ୍ରବାସୀ ଭାରତୀୟମାନଙ୍କର ସଫଳତାର କାହାଣୀ କେବଳ ଭାରତ ପାଇଁ ଗର୍ବର ବିଷୟ ନୁହେଁ; ବରଂ ଏହା ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କୁ ଉତ୍କର୍ଷ ପ୍ରତିପାଦନ ଲାଗି ପ୍ରୟାସ କରିବାକୁ ପ୍ରେରଣା ମଧ୍ୟ ଦେଇଥାଏ ବୋଲି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି।

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଳନ ▶ପୃଷ୍ଠା-୭

## ଦଳୀୟ ନେତ୍ରୀଙ୍କ ପଦ ବଞ୍ଚାଇବାକୁ ବିଜେପିର କୁତ୍ସିତ ରାଜନୀତି

# ଗଣତନ୍ତ୍ରର ଗଳାରୋଧ

- ୧୨ ନିର୍ବାଚିତ ପ୍ରତିନିଧିଙ୍କ ସହ ବିଶାଳ ଦାସ ୧୭ ଘଣ୍ଟା ଅଟକ
- ଓଡ଼ିଶା ପୁଲିସ ସହ ଇଙ୍ଗିତରେ ଅଟକ ରଖିଲା ଛତିଶଗଡ଼ ପୁଲିସ
- ଥାନାଧିକାରୀ ଓ ସମ୍ବଲପୁର ଆଇଜିଙ୍କ ଭୂମିକାକୁ ନେଇ ଉଠିଲା ପ୍ରଶ୍ନ
- ଲୋକ ପ୍ରତିନିଧିଙ୍କୁ ଅନାସ୍ଥା ବୈଠକରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର

■ **ଭୁବନେଶ୍ୱର/ଝାରସୁଗୁଡ଼ା, ୧୦।୧ (ସମିସ):** କ୍ଷମତା ପାଇଁ ବିଜେପି ସବୁ କିଛି କରିପାରେ। କ୍ଷମତାସୀନ ବିଜେପି ନେତାମାନେ ସବୁ ନୀତି ବହିର୍ଭୂତ କାମ କାର୍ଯ୍ୟକାରୀ କରିବା ପାଇଁ ସବୁ ସରକାରୀ ବ୍ୟବସ୍ଥାକୁ ବ୍ୟବହାର କରିପାରନ୍ତି। ଏବେ ଓଡ଼ିଶାରେ ବିଜେପି ଏହିପରି କୁତ୍ସିତ ପରମ୍ପରା ଆରମ୍ଭ କରିଛି। ପୁଲିସ ସହାୟତାରେ ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ୍‌ରେ ବିଜେପି ଗଣତନ୍ତ୍ରର ଗଳାରୋଧ କରି ଘୃଣ୍ୟ ଓ ନୀଚ ପରମ୍ପରା ସୃଷ୍ଟି କରିଛି। ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ବିନା କାରଣରେ ଅଟକ ରଖି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁଥିବା ଅନାସ୍ଥା ବୈଠକରୁ ବଞ୍ଚିତ କରିଛନ୍ତି। କିର୍ମିରା ବ୍ଲକ୍ ଅଧ୍ୟକ୍ଷାଙ୍କ ପଦ ବଞ୍ଚାଇବା ପାଇଁ ଶାସକ ଦଳର ଏହି ନୀଚ ଷଡ଼ଯନ୍ତ୍ରରେ ପୁଲିସ ଅଂଶୀଦାର ହେବା ଓ ପଡ଼ୋଶୀ ରାଜ୍ୟର ପୁଲିସକୁ ଏଥିରେ ସାମିଲ କରିବା ଘଟଣା ରାଜନୀତିରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବା ▶ପୃଷ୍ଠା-୭

# ନବୀନଙ୍କ ହସ୍ତକ୍ଷେପ; ମୁକୁଳିଲେ ବିଶାଳ



■ **ଭୁବନେଶ୍ୱର,୧୦।୧(ସମିସ):** ଦିବଂଗତ କ୍ୟାବିନେଟ ମନ୍ତ୍ରୀ ନବ କିଶୋର ଦାସଙ୍କ ପୁଅ ବିଶାଳ ଦାସଙ୍କ ସହ କିର୍ମିରା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ବେଆଇନ ଭାବରେ ଛତିଶଗଡ଼ରେ ଅଟକ ରଖାଯିବା ଘଟଣାରେ ଚିନ୍ତାପ୍ରକଟ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଗତକାଲି ମଧ୍ୟରାତ୍ରିରୁ ବିନା କାରଣରେ ବିଶାଳ ଓ ଅନ୍ୟମାନଙ୍କୁ ଅଟକ ରଖାଯିବା ପ୍ରସଙ୍ଗରେ ନବୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଚିଠି ଲେଖିବା ସହ ଓଡ଼ିଶାର ▶ପୃଷ୍ଠା-୭




ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

# ହଲିଉଡ୍ର ଅନୁଭବ ଦେବ ‘ଟକ୍ସିକ୍’



ସାଉଥ୍ ସୁପରଷ୍ଟାର୍ ୟଶ୍ ତାଙ୍କ ଚମତ୍କାର ଅଭିନୟ ଦ୍ୱାରା ଏବେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ପାଲଟି ଯାଇଛନ୍ତି। ‘କେଜିଏଫ୍’ ଫ୍ରାଞ୍ଚାଇଜ୍ ଯୋଗୁଁ ଏହା ସମ୍ଭବ ହୋଇଛି। ୟଶ୍ଙ୍କ ପ୍ରଶଂସକମାନେ ଏବେ ତାଙ୍କ ଫିଲ୍ମ ‘ଟକ୍ସିକ୍: ଏ ଡାର୍କ ଫ୍ୟାରିଟେଲ୍’କୁ ଚାହିଁ ବସିଛନ୍ତି। ନିକଟରେ ୟଶ୍ ତାଙ୍କର ୩୯ତମ ଜନ୍ମଦିନ ପାଳନ କରିଛନ୍ତି। ୟଶ୍ଙ୍କ ଜନ୍ମଦିନ ଅବସରରେ ‘ଟକ୍ସିକ୍’ର ଟିଜର୍ ଜାରି କରାଯାଇଥିଲା। ୨୫ ସେକେଣ୍ଡର ଏହି ଟିଜର୍ରେ ୟଶ୍ ଏକ ଆଲିଶାନ୍ ଗାଡ଼ିରେ ଏକ କ୍ୟାସିନୋ ମଧ୍ୟକୁ ଏଣ୍ଟ୍ରି କରିଛନ୍ତି। କ୍ୟାସିନୋ ମଧ୍ୟକୁ ଯାଇ ସେ ବାର୍ ଗାର୍ଲଙ୍କ ସହ ନାଚୁଥିବାର ଦେଖାଯାଇଛି। ଏହି ସମୟରେ ସେ ଧଳା ରଙ୍ଗର ଏକ ସୁଟ୍ ପିନ୍ଧିବା ସହ ମୁଣ୍ଡରେ ଏକ ଟୋପି ଲଗାଇଛନ୍ତି। ତେବେ ଟିଜର୍ ଜାରି ହେବା ପରେ ୟଶ୍ଙ୍କ ପ୍ରଶଂସକମାନେ ଏହା ହଲିଉଡ୍ ଭାଇବ୍ସ ଦେଉଛି ବୋଲି କହୁଛନ୍ତି। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏପ୍ରିଲ୍ ୧୦ରେ ଏହା ରିଲିଜ୍ ହେବ। ଏଠାରେ ପ୍ରକାଶ ଥାଉ କି, ୟଶ୍ଙ୍କୁ ଶେଷ ଥର ପାଇଁ ‘କେଜିଏଫ୍: ଚାପ୍ଟର ୨’ରେ ଦେଖିବାକୁ ମିଳିଥିଲା।

# ସ୍ମାର୍ଟୱାଚ୍ ଫିତାରୁ ହୋଇପାରେ କର୍କଟ



ବର୍ତ୍ତମାନ ସମୟରେ ସ୍ମାର୍ଟୱାଚ୍ ଏବଂ ଫିଟ୍ନେସ୍ ବ୍ୟାଣ୍ଡର ବହୁଳ ବ୍ୟବହାର ହେଉଛି। ଏଥିରେ ବିଭିନ୍ନ ପ୍ରକାର ସୁବିଧା ସେଟିଂ କରାଯାଇଥାଏ। ଏହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଦେବାରେ ମଧ୍ୟ ସହାୟକ ହୋଇଥାଏ। ସ୍ମାର୍ଟୱାଚ୍ ଏବଂ ଫିଟ୍ନେସ୍ ବ୍ୟାଣ୍ଡର ଫିତାଗୁଡ଼ିକରେ ହାନିକାରକ ଜୀବାଣୁ ଥିବା ନେଇ ବର୍ଷ ପୂର୍ବରୁ କରାଯାଇଥିବା ଏକ ଗବେଷଣାରୁ ପ୍ରକାଶ ପାଇଥିଲା। ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ସ୍ମାର୍ଟୱାଚ୍ ଏବଂ ଫିଟ୍ନେସ୍ ବ୍ୟାଣ୍ଡର ଫିତାରେ ହାନିକାରକ ପିଏଫ୍ଏଚ୍ଏକ୍ସଏ ରାସାୟନିକ ଅମ୍ଳ ଥାଏ। ଯାହା କର୍କଟର କାରଣ ହୋଇପାରେ। ଏହି ଗବେଷଣାରେ ବଡ଼ ବଡ଼ କମ୍ପାନୀର ସ୍ମାର୍ଟୱାଚ୍କୁ ପରୀକ୍ଷା ପାଇଁ ନିଆଯାଇଥିଲା। ଅଧିକାଂଶ କମ୍ପାନୀ ସ୍ମାର୍ଟୱାଚ୍ର ଫିତାରେ ଏକପ୍ରକାର ସିନ୍ଥେଟିକ୍ ରବର Fluoroelastomersର ବ୍ୟବହାର କରନ୍ତି। ଏହି ରବରଗୁଡ଼ିକରେ ଉଚ୍ଚ ସ୍ତରର ପିଏଫ୍ଏଚ୍ଏକ୍ସଏ ଥାଏ। ଏବେ ଲୋକମାନେ ସ୍ଲିପ୍-କ୍ୱାଲିଟି ମନିଟର ଏବଂ ସ୍ଲିପ୍ ଏପନିଆ ଆଦି ଉପରେ ନଜର ରଖିବାକୁ ରାତିରେ ସ୍ମାର୍ଟୱାଚ୍ ପିନ୍ଧି ଶୋଉଛନ୍ତି। ଏହି ପିଏଫ୍ଏଚ୍ଏକ୍ସ ଦୈନିକ ୧୨ ଘଣ୍ଟାରୁ ଅଧିକ ସମୟ ତ୍ୱଚା ସମ୍ପର୍କରେ ଆସିଲେ ଏହା ବିପଜ୍ଜନକ ହୋଇଥାଏ। ତେବେ ବଡ଼ ବଡ଼ କମ୍ପାନୀର ସ୍ମାର୍ଟୱାଚ୍ ଫିତାରେ ପିଏଫ୍ଏଚ୍ଏକ୍ସଏ ମାତ୍ରା ଅଧିକ ମିଳିଥାଏ। ଗବେଷକଙ୍କ କହିବାନୁଯାୟୀ, ସ୍ପୋର୍ଟସ୍ ଏବଂ ଫିଟ୍ନେସ୍ ବ୍ୟାଣ୍ଡରେ ମଧ୍ୟ ଏହି ରବର ଉପଯୋଗ ହୋଇଥାଏ। ଏହି ରବରରେ ଥିବା ପିଏଫ୍ଏଚ୍ଏକ୍ସଏ ଅମ୍ଳ ଝାଳ ସମ୍ପର୍କରେ ଆସିଥାଏ। ଏହା ଲୋମକୂପକୁ ଖୋଲି ଦେଉଥିବାରୁ ୫୦ ପ୍ରତିଶତ ପିଏଫ୍ଏଚ୍ଏକ୍ସଏ ତ୍ୱଚା ମଧ୍ୟକୁ ଚାଲିଯାଇଥାଏ। ଏହାର ଏକ ତୃତୀୟାଂଶ ରକ୍ତରେ ମିଶିଯାଇଥାଏ। ତେଣୁ ଏହି ରସାୟନ ସମ୍ପର୍କରେ ଦୀର୍ଘ ସମୟ ରହିବା ଦ୍ୱାରା କର୍କଟ ଭଳି ଗମ୍ଭୀର ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଥାଏ।

# ନଖର ଲମ୍ବ ୪ ଫୁଟ



ସାଧାରଣତଃ ମହିଳାମାନେ ନଖ ବଢ଼ାଇବାକୁ ଭଲପାଆନ୍ତି। ଏହା ହାତକୁ ଅଧିକ ସୁନ୍ଦର କରିଥାଏ। ସେହିପରି କିଛି ମହିଳା ନକଲି ନଖ ବି ଲଗାଉଛନ୍ତି। ଏହାବାଦ୍ ଆଉ କିଛି ମହିଳା ଏଭଳି ବି ଅଛନ୍ତି, ଯେଉଁମାନଙ୍କ ନିଶା ନଖକୁ ଅଧିକରୁ ଅଧିକ ବଡ଼ କରିବା। ଏହି କ୍ରମରେ ଏମିତି ଜଣେ ଯୁବତୀ ଅଛନ୍ତି, ଯିଏ କି ଏବେ ତାଙ୍କ ଲମ୍ବା ନଖ ପାଇଁ ଚର୍ଚ୍ଚାରେ ଅଛନ୍ତି। ତାଙ୍କ ନଖର ଲମ୍ବ ୪ ଫୁଟ। ମାରିଆ ନାମ୍ନୀ ଏହି ଯୁବତୀଙ୍କ ନଖ ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ମାରିଆ ଟିକ୍ଟକ୍ରେ ବେଶ୍ ସକ୍ରିୟ। ଜାନୁଆରୀ ତିନି ତାରିଖରେ ସେ ତାଙ୍କ ନୂଆ ନଖର ଭିଡିଓ ପୋଷ୍ଟ କରିଥିଲେ। ଏହାକୁ ଏବେ ୧୩ ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ସେହିପରି ସେ ତାଙ୍କ ଭିଡିଓରେ ଚାରି ଫୁଟ୍ ଲମ୍ବର ନଖକୁ ଦେଖାଇଛନ୍ତି। ଏହାସହ ଏତେ ବଡ଼ ନଖ ରଖି ସମସ୍ତ ଘର କାମ କିଭଳି କରୁଛନ୍ତି, ସେକଥା ମଧ୍ୟ କହିଛନ୍ତି। ତେବେ ଏହା ତାଙ୍କର ଅସଲି ନୁହେଁ, ବରଂ ନକଲି ନଖ। ଯାହାକୁ ହାତରେ ଲଗାଇ ସେ ସମସ୍ତ ଘର କାମ କରୁଥିବା ଦାବି କରିଛନ୍ତି। ନକଲି ନଖ ଗୋଲାପି ରଙ୍ଗ ହୋଇଥିବା ବେଳେ ତାରା, ଫୁଲ ଭଳି ଅନ୍ୟାନ୍ୟ ଚିତ୍ର ବି ହୋଇଛି। ଏତେ ବଡ଼ ନଖ ରଖି ସେ ନିଜ ଚାରି ପିଲାଙ୍କ ଦେଖାଶୁଣା କରୁଥିବା କହିଛନ୍ତି। କେବଳ ସେତିକି ନୁହେଁ, ଏହି ନଖ ରଖି ସେ ତାଙ୍କ ନବଜାତ ଶିଶୁଟିକୁ ମଧ୍ୟ ସମ୍ଭାଳୁଛନ୍ତି। ଅନ୍ୟପଟେ ସେ କହିଛନ୍ତି, ନକଲି ନଖକୁ ଲଗାଇବା ଦ୍ୱାରା ଅଙ୍ଗୁଳିର ମାଂସପେଶୀ ବିକଶିତ ହୋଇଥାଏ ଏବଂ ଏହି ନଖ ଆଦୌ ଭାରି ନୁହେଁ। ଏଥିରେ ସେ ଅସହଜ ଅନୁଭବ କରୁ ନ ଥିବା କହିଛନ୍ତି।

# ଜୀବନରେ ଦୁଇଥର ଗାଧୋଇଥିବା ରାଜା

ପ୍ରତିଦିନ ଗାଧୋଇବା ଦ୍ୱାରା ତ୍ୱଚା ସଫା ରହିବା ସହ ଶରୀର ସୁସ୍ଥ ରହିଥାଏ। ସେଥିପାଇଁ କୁହାଯାଏ, ନିୟମିତ ଗାଧୋଇଲେ ଶରୀରର ଅଧା ରୋଗ ଦୂର ହୋଇଥାଏ। ତେଣୁ ଅଧିକାଂଶ ଦିନରେ ଥରେ କି ଦୁଇଥର ସ୍ନାନ କରନ୍ତି। ହେଲେ କେହି କେବେ ପୂରା ଜୀବନରେ କେବଳ ଦୁଇଥର ଗାଧୋଇଥିବା କଥା ଶୁଣି ନ ଥିବେ। ହେଲେ ଫ୍ରାନ୍ସର ରାଜା ଚତୁର୍ଦ୍ଦଶ ଲୁଇ ତାଙ୍କ ଜୀବନକାଳରେ ମାତ୍ର ଦୁଇଥର ଗାଧୋଇଥିଲେ। ରାଜାଙ୍କର ନ ଗାଧୋଇବା ପଛର କାରଣ ହେଉଛି, ସେ ଗାଧୋଇବାକୁ ଭାରି ଭୟ କରୁଥିଲେ। ଏପରି ସ୍ଥିତିରେ ସେ ଶରୀରର ଦୁର୍ଗନ୍ଧ ଦୂର କରିବାକୁ ଅତର ବ୍ୟବହାର କରୁଥିଲେ। ପିତାଙ୍କ ଅକାଳ ବିୟୋଗ ପରେ କିଙ୍ଗ ଲୁଇ ମାତ୍ର ଚାରି ବର୍ଷ ବୟସରେ ରାଜଗାଦିରେ ବସିଲେ। ତେବେ ୧୭ ଶତାବ୍ଦୀରେ ଫ୍ରାନ୍ସରେ ପ୍ରତିଦିନ ଗାଧୋଇଲେ ଗମ୍ଭୀର ରୋଗ ବ୍ୟାପୁଥିବା ଗୁଜବ ବ୍ୟାପିଯାଇଥିଲା। କେବଳ ସେତିକିନୁହେଁ, ଯିଏ ଯେତେ କମ୍ ଗାଧୋଇବ ସେ ସେତେ ନୀରୋଗ ରହିବ ବୋଲି କୁହାଯାଉଥିଲା। ଖାସ୍ ଏହି କାରଣରୁ ରାଜା ଗାଧୋଇବାକୁ ଡରୁଥିଲେ। ତେବେ ଶରୀରରୁ ଦୁର୍ଗନ୍ଧ ଦୂର କରିବାକୁ ପ୍ରତିଦିନ ସେ ନୂଆ ନୂଆ ସୁଗନ୍ଧଯୁକ୍ତ ଅତର ଲଗାଉଥିଲେ। ରାଜାଙ୍କ ରାଜ ଦରବାରରେ ସବୁଦିନ ଅତର ସିଞ୍ଚନ କରାଯାଉଥିଲା। ଖାସ୍ ଏହି କାରଣରୁ ତାଙ୍କ ରାଜପ୍ରାସାଦର ନାଁ ମଧ୍ୟ ‘ଦ ପରଫ୍ୟୁମ୍ କୋର୍ଟ’ ରଖାଯାଇଥିଲା।



# ଗ୍ୟାରେଜ୍ ବର୍ଜ୍ୟରେ ଘର



ଆଜିକାଲି ବର୍ଜ୍ୟ ଜିନିଷକୁ ଉପଯୋଗ କରାଯାଇ ଅନେକ କିଛି କଳାକୃତି ତିଆରି କରାଯାଉଛି। ଏହି କ୍ରମରେ କେରଳର ଜଣେ ବ୍ୟକ୍ତି ଗ୍ୟାରେଜ୍ର ଅଦରକାରୀ ଜିନିଷଗୁଡ଼ିକୁ ଉପଯୋଗ କରି ଏକ ସୁନ୍ଦର ତଥା ସମ୍ପୂର୍ଣ୍ଣ ଭିନ୍ନଧରଣର ଘର ତିଆରି କରିଛନ୍ତି। ଅବଶ୍ୟ ଏ ଲାଗି ସେ ତାଙ୍କ ସୃଜନାତ୍ମକ ଜ୍ଞାନକୌଶଳକୁ ବ୍ୟବହୃତ କରିଛନ୍ତି। କହିବାକୁ ଗଲେ, ଗ୍ୟାରେଜର ପୁରୁଣା ଏବଂ ଅନାବଶ୍ୟକ ଜିନିଷକୁ ନିଆରା ତରିକାରେ ଉପଯୋଗ କରି ସେ ତାଙ୍କର ସ୍ୱପ୍ନର ଘର ତିଆରି କରିଥିବା କହିଛନ୍ତି। ସେ ଆମ୍ବାସଡର କାର୍କୁ ସୋଫା ଭାବେ ଡିଜାଇନ୍ କରିଛନ୍ତି। ସେହିପରି ଘରର ଝରକାକୁ ପୁରୁଣା ଟାୟାର୍ରେ ତିଆରି କରାଯାଇଛି। ଅନ୍ୟପଟେ ଘରର ମୁଖ୍ୟ ଦ୍ୱାରରେ ଯେଉଁ ଲାଇଟ୍ ଲାଗିଛି, ତାହା ଅସଲରେ ବଜାଜ୍ ଚେତକର ହ୍ୟାଣ୍ଡେଲରେ ନିର୍ମିତ। ବାଇକ୍ ଇଞ୍ଜିନରେ ଟେବୁଲ ଏବଂ ପୁରୁଣା ସ୍କୁଟର୍ରେ ସୋଫା ବି ତିଆରି କରାଯାଇଛି। ଏହାବାଦ୍ ଗୋଟିଏ ସ୍ୱିଫ୍ଟ କାର୍ର ଫ୍ରେଶର ଫ୍ଲାଟ୍ରେ ତିଆରି ଘଣ୍ଟା ଏବଂ ବାଇସାଇକେଲ ରିମ୍ରେ ତିଆରି ଲାଇଟ୍ ବି ଏହି ଘରର ଶୋଭାକୁ ଦ୍ୱିଗୁଣିତ କରିଛି। ଏପରିକି ରୋଷେଇ ଲାଗି ଗ୍ୟାରେଜ ବର୍ଜ୍ୟରୁ ତିଆରି ଏକ ଗ୍ଲାସ୍ ଟେବୁଲ, ଫୁଏଲ ନୋଜଲରେ ତିଆରି ୱାଶ୍ ବେସିନ୍ ଏବଂ ଷ୍ଟିୟରିଂ ହ୍ୱିଲ୍ରୁ ତିଆରି ତଉଲିଆ ହୋଲଡର ଘରେ ଅଛି। ଏହାବାଦ୍ ଘରର ଫ୍ରିଜ୍ ବି କାର୍ ପାର୍ଟରୁ ତିଆରି ହୋଇଛି। ସେହିପରି କଣ୍ଟେଣ୍ଟ କ୍ରିଏଟର ପ୍ରିୟମ୍ ସାରସ୍ୱତ ଏହି ଘରର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ସୀମିତ ଜିନିଷରେ ତିଆରି ଉକ୍ତ ଘରକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି।

# ୨୭୬ କିଲୋର ଟୁନା ମାଛ ୧୧ କୋଟିରେ ନିଲାମ

ବହୁ ଦୁର୍ଲଭ ତଥା ବିଶିଷ୍ଟ ଲୋକଙ୍କ ଜିନିଷକୁ କୋଟି କୋଟି ଟଙ୍କାରେ ନିଲାମ କରାଯାଇଥାଏ। ଏ କଥା ସମସ୍ତେ ଜାଣିଛନ୍ତି। ଏହି ପରିପ୍ରେକ୍ଷୀରେ ଗୋଟିଏ ମାଛକୁ ୧୧ କୋଟି ଟଙ୍କାରେ ନିଲାମ କରାଯିବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସାମାଜିକ ଗଣମାଧ୍ୟମରେ ଏବେ ଏହି ମାଛ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ମାଛଟି ତା’ର ଆକାର ଏବଂ ଦର ପାଇଁ ଚର୍ଚ୍ଚା ସାଉଁଟୁଥିବା କୁହାଯାଉଛି। ନୂଆବର୍ଷ ଅବସରରେ ଜାପାନର ଟୋକିଓରେ ଏକ ମାଛ ନିଲାମ ହୋଇଥିଲା। ଯାହାର ନା ବ୍ଲୁଫିନ୍ ଟୁନା। ଟୋକିଓ ମାଛ ବଜାରରେ ହୋଇଥିବା ଏହି ନିଲାମ ସମସ୍ତ ରେକର୍ଡ ଭାଙ୍ଗିଛି। ଏଠାକାର ଏକ ପ୍ରତିଷ୍ଠିତ ସୁଶି ରେସ୍ତୋରାଁ ୧୧ କୋଟି ଟଙ୍କାରେ ଏହି ମାଛକୁ କିଣିଛି। ଏହି ପ୍ରକାରେ ଏହି ମାଛର କିଲୋ ପ୍ରତି ଟଙ୍କା ହେଉଛି ପ୍ରାୟ ୪ ଲକ୍ଷ। ସେହିପରି ମାଛର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅବଶ୍ୟ ଏହା କୌଣସି ଛୋଟ ମାଛ ନୁହେଁ। ଏହାର ଓଜନ ୨୭୬ କିଲୋ। ଏହାବାଦ୍ ଏହାର ଆକାର ବାଇକ୍ ସହ ସମାନ ହେବ ବୋଲି ଅନୁମାନ କରାଯାଉଛି। ତେବେ ଏଭଳି ବିଶାଳକାୟ ଟୁନା ମାଛଗୁଡ଼ିକ ୪୦ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥାନ୍ତି। ଅନ୍ୟପଟେ ୧୯୯୯ ମସିହାର ଏକ ତଥ୍ୟ ଅନୁସାରେ, ଏହା ଟୋକିଓ ମାଛ ବଜାରରେ ନିଲାମରେ ବିକ୍ରି ହୋଇଥିବା ଦ୍ୱିତୀୟ ସବୁଠୁ ମହଙ୍ଗା ମାଛ। ତେବେ ଏହା ପୂର୍ବରୁ ୨୦୧୯ରେ ୨୭୮ କିଲୋ ଓଜନର ବ୍ଲୁଫିନ୍ ଟୁନା ମାଛ ପାଇଁ ୨୬.୫ କୋଟି ଟଙ୍କା ନିଲାମ ଡକାଯାଇଥିଲା। ମୁଖ୍ୟତଃ ଏହାର ଆକାର ଓ ବିରଳତା ଯୋଗୁଁ ଏହାର ଚାହିଦା ଅଧିକ ହୋଇଥାଏ।



## ଆଜିର ଦିନରେ

- ୧୫୬୯-ପ୍ରଥମ ଲଟେରିର ଆରମ୍ଭ ଇଂଲଣ୍ଡରେ ହୋଇଥିଲା।
- ୧୯୨୨- ମଧୁମେହ ରୋଗୀଙ୍କୁ ପ୍ରଥମ ଥର ପାଇଁ ଇନ୍ସୁଲିନ୍ ଦିଆଗଲା।
- ୧୯୪୨- ଜାପାନ ମାଲୟେସିଆର ରାଜଧାନୀ କୁଆଲା ଲାମ୍ପୁର ଉପରେ କବ୍ଜା କଲା।
- ୧୯୬୬- ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଦେହାନ୍ତ।
- ୨୦୦୯ - ୬୬ତମ ଗୋଲ୍ଡେନ୍ ଗ୍ଲୋବ୍ ପୁରସ୍କାରରେ ‘ସ୍ଲମ୍ଡଗ୍ ମିଲେନିୟର୍’ଙ୍କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଲା।

## ଆଜିର ରାଶିଫଳ

**ମେଷ:** ସକାରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ପୂର୍ବର ଭୁଲ୍କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ। ବ୍ୟବସାୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦୀର୍ଘଦିନ ଧରି ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି, ତେଣୁ ସ୍ୱାସ୍ଥ୍ୟ ଉପରେ ଅଧିକ ଧ୍ୟାନ ଦିଅନ୍ତୁ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** କାମ କରିବାର ତରିକାକୁ ବଦଳାନ୍ତୁ। ଆର୍ଥିକ ସ୍ଥିତି ଠିକ୍ ରହିବ। ବ୍ୟବସାୟିକ ନିଷ୍ପତ୍ତି ଭାବିଚିନ୍ତି ନେବା ଭଲ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଯଥା କଥାରେ ଯୁକ୍ତି କରନ୍ତୁନି।

**କର୍କଟ:** ମାନସିକ ଶାନ୍ତି ଓ ଆରାମ ମିଳିବ। ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ବ୍ୟବସାୟ କ୍ଷେତ୍ରରେ କାହା ଉପରେ ଅଧିକ ବିଶ୍ୱାସ କରନ୍ତୁନି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଅଧିକ ବୁଲାବୁଲି ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ଅହଂକାର ମନୋଭାବକୁ ଦୂର କରନ୍ତୁ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିବେ। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ପ୍ରେମୀ ଯୁଗଳଙ୍କର ଦିନଟି ଭଲରେ ବିତିବ।

**ବିଛା:** ପରିଶ୍ରମ କଲେ ଫଳ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ। ଯୋଜନା ଅନୁସାରେ କାମ କରିବା ଭଲ। ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍ର ସହକର୍ମୀଙ୍କ ସହ ମତମତାନ୍ତର ହୋଇପାରେ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅତିଥି ସତ୍କାରରେ ଦିନ ବିତିବ। କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ପଦୋନ୍ନତି ହୋଇପାରେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

# ସହଦେବ ହତ୍ୟାକାଣ୍ଡ ପଛରେ ବଡ଼ଧରଣର ଷଡ଼ଯନ୍ତ୍ର: ବିଜେଡି



■ ପୁଲିସର ଭୂମିକା ସନ୍ଦେହଜନକ; ବିଚାର ବିଭାଗୀୟ ତଦନ୍ତ ହେଉ
■ ଦୁଇମାସ ତଳେ ସହଦେବଙ୍କୁ ଫସାଇବା ଉଦ୍ୟମ ହୋଇଥିଲା
■ ଅପରେସନ୍ ସ୍ପାଇଡର୍‌କୁ ମନ୍ଥର କରିବା ପଛରେ କାହା ହାତ ?

**ଭୁବନେଶ୍ୱର,୧୦।୧(ସମିସ):** ପୁଲିସ ମିତ୍ର ସହଦେବ ନାୟକ ହତ୍ୟା ଘଟଣାରେ ୫ ଜଣଙ୍କୁ ଗିରଫ କରି ରହସ୍ୟ ଭେଦ କରିଥିବା ବିଜେଡି ଦାବି କରୁଛି; ମାତ୍ର ପୁରା ଘଟଣାକ୍ରମକୁ ଦେଖିଲେ ପୁଲିସର ଭୂମିକାକୁ ନେଇ ସନ୍ଦେହ ଜାଗ୍ରତ ହୋଇଛି। ଏହା ପଛରେ ବଡ଼ ଧରଣର ଷଡଯନ୍ତ୍ର ରହିଛି। ନଭେମ୍ବର ମାସରେ ପୁଲିସ ହିଁ 'ପୁଲିସ ମିତ୍ର' ସହଦେବଙ୍କୁ ଫସାଇବା ପାଇଁ ଚକ୍ରାନ୍ତ ହୋଇଥିଲା, ସହଦେବଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପୁଲିସ ଧମକ ଦେଇଥିଲା। ତେଣୁ ବ୍ରାଉନସୁଗର ବେପାରୀଙ୍କ ଇସାରାରେ ଏପରି କାଣ୍ଡ ଘଟିଥିବା ସନ୍ଦେହ ହେଉଛି। ଏହି ଘଟଣା ସାରା ବିଶ୍ୱବାସୀଙ୍କ ଆଗରେ ଓଡିଶାକୁ ନିନ୍ଦିତ କରିଛି। ତେଣୁ ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବିଜେଡି ଦାବି କରିଛି। ଆଜି ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ମୁଖପାତ୍ର ଗୌତମବୁଦ୍ଧ ଦାସ ଓ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ୍ ମହାନ୍ତି ପୁଲିସ ଓ ଗୃହ ବିଭାଗର ଭୂମିକାକୁ ନେଇ ସାଂଘାତିକ ପ୍ରଶ୍ନ ଉଠାଇଛନ୍ତି। ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଏହି ସ୍ୱର୍ଣକାତର ଘଟଣା ପୁଲିସ ପ୍ରଶାସନ ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିଛି । ତେଣୁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏବଂ ପୁଲିସ ମହାନିର୍ଦ୍ଦେଶକ ଏହା ଉପରେ ସ୍ପଷ୍ଟିକରଣ ରଖିବା ଉଚିତ ବୋଲି ବିଜେଡି କହିଛି।

ଗୌତମବୁଦ୍ଧ କହିଛନ୍ତି ଯେ ସାରା ଭୁବନେଶ୍ୱର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ବେଳେ ରାଜରାସ୍ତାରେ ସ୍ପଷ୍ଟ ଦିବା ଲୋକରେ ସହଦେବଙ୍କୁ ଅପରାଧୀମାନେ ଅତି ନିର୍ମମ ଭାବେ ହାଣି ହତ୍ୟା କଲେ। ଏଥିରେ ୫ ଜଣଙ୍କୁ ଗିରଫ କରି ପୁଲିସ ତା କାମ ସାରି ଦେଇଛି। ମାତ୍ର ପୁରା ଘଟଣାକ୍ରମ ଏକ ଫିଲ୍ମ ପରି ଲାଗୁଛି। ପୂର୍ବରୁ ପୁଲିସ ଅନେକବାର ସହଦେବଙ୍କୁ ଫସାଇବା ଉଦ୍ୟମ କରିଥିବା ନିଜେ ସହଦେବ ନଭେମ୍ବର ମାସରେ ଅଭିଯୋଗ କରିଛନ୍ତି । ଗଣମାଧ୍ୟମକୁ ସହଦେବ କହିଥିଲେ, ସ୍ପେସିଆଲ ସ୍କ୍ୱାଡ୍ ନାମରେ କିଛି ଲୋକ ତାଙ୍କ ଘରେ ବ୍ରାଉନସୁଗାର ରଖି ତାଙ୍କୁ ଫସାଇବାକୁ ଚେଷ୍ଟା କରୁଥିଲେ। ପୁଲିସ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଚମକ ଦେଇଥିଲା। ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଭୟଭୀତ କରାଯାଇଥିଲା। ପରେ ତାଙ୍କ ଘରେ ସିସି କ୍ୟାମେରା ଲାଗିଥିବା ଜାଣିବା ପରେ ପୁଲିସ ସେଠାରୁ ଚାଲି ଯାଇଥିଲା। ତା ପୂର୍ବରୁ ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ମଧ୍ୟ ଧମକ ଦିଆଯାଇଥିଲା। ଜଣେ ପୁଲିସ ମିତ୍ରର ଘରେ ପଶି ତାକୁ ଧମକ ଚମକ ଦେବା ଓ ତା ଘରେ ବ୍ରାଉନସୁଗାର ରଖି ତାକୁ ଫସାଇବାକୁ ଉଦ୍ୟମ କରିବା କେଉଁ କାରଣ ପାଇଁ ପୁଲିସକୁ ଆବଶ୍ୟକତା ପଡିଲା? ଏପରିକି ଡିସିପିଙ୍କୁ ସହଦେବ ଏ ସମ୍ପର୍କରେ ଜଣାଇଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଏତେ ଗୁରୁତର ଅଭିଯୋଗ ଉପରେ ତଦନ୍ତ କରାଗଲା ନାହିଁ କାହିଁକି? ହତ୍ୟା ଧମକ ମିଳିବା ସତ୍ତ୍ୱେ ସହଦେବଙ୍କୁ କାହିଁକି ସୁରକ୍ଷା ଦିଆଗଲା ନାହିଁ ବୋଲି ଅନେକ ପ୍ରଶ୍ନର ଉତ୍ତର ଏଯାଏ ମିଳିନାହିଁ। ପୂର୍ବ ସରକାର ସମୟରେ ପୁଲିସ ଅପରେସନ୍ ସ୍ପାଇଡର୍ ନାମରେ ନିଶା ବେପାରୀଙ୍କ ବିରୋଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେଇଥିଲା। ୪୩୮ ଜଣ ନିଶା ବେପାରୀଙ୍କୁ ଗିରଫ କରି ଜେଲ୍ ପଠାଯାଇଥିଲା। କିନ୍ତୁ ସରକାର ବଦଳିବା ପରେ ଅପରେସନ୍ ସ୍ପାଇଡର୍ ଧୀମେଇ ଯାଇଛି। ପୁଲିସ ହିଁ ଏହି ସାଂଘାତିକ ଘଟଣାରେ ସମ୍ପୃକ୍ତ ବୋଲି ଶ୍ରୀ ଦାସ ଅଭିଯୋଗ କରିବା ସହ ଏସ୍‌ଟିଏଫ୍‌ର କାର୍ଯ୍ୟର ତଦନ୍ତ ହେବା ଜରୁରୀ ବୋଲି କହିଛନ୍ତି ।

ସେହିପରି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ଏହି ହତ୍ୟାକାଣ୍ଡରେ ବ୍ରାଉନସୁଗାର ବେପାରୀଙ୍କ ହାତ ରହିଛି ପୁଲିସ ବୋଲି ସ୍ୱୀକାର କରିଛି। ଅନ୍ୟପକ୍ଷରେ ବ୍ରାଉନସୁଗାର ବେପାରୀଙ୍କ ସହ ପୁଲିସର ସମ୍ପୃକ୍ତି ଅଭିଯୋଗ ଆସୁଛି। ହତ୍ୟାକାଣ୍ଡ ପରେ ପୁଲିସ ଅଭିଯୁକ୍ତମାନଙ୍କୁ ତୁରନ୍ତ ଠାବ କରିବା ମଧ୍ୟ ସନ୍ଦେହକୁ ଦ୍ୱିଗୁଣିତ କରିଛି। ତେଣୁ ବିଜେଡି ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରୁଛି ବୋଲି ସେ କହିଛନ୍ତି ।

# ଚାଷୀଙ୍କୁ ଧାନ କିଣା ଧୋକ୍କା

## ସେତେବେଳେ କହିଥିଲେ; ଏବେ ମଙ୍ଗୁନାହାନ୍ତି

**ଭୁବନେଶ୍ୱର,୧୦।୧(ସମିସ):** ଧାନ ଅମଳ ବେଳକୁ ଅଦିନିଆ ବର୍ଷା ଦାଉ ସାଧିଲା। ବର୍ଷାରେ ଚାଷୀଙ୍କ ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଗଲା। ବହୁ କଷ୍ଟରେ ବିଲରୁ ଓ ଖଳାରୁ ଚାଷୀ ଧାନ ଉଦ୍ଧାର କଲା। ଓଦା ଧାନ କେମିତି ବିକିବ, ସେଇ ଚିନ୍ତାରେ ଚାଷୀ ହତାଶ ହୋଇପଡ଼ିଲା। ଚାଷୀଙ୍କୁ ଆଶ୍ୱସ୍ତି ଦେବାକୁ ଯାଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ଧାନର ମାନ କମ୍ ଥିଲେ ବି ମଣ୍ଡିରେ ଚାଷୀଙ୍କଠାରୁ କିଣାଯିବ। ଏନେଇ ଚାଷୀ ଭାଇମାନେ ଆଦୌ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ। ହେଲେ ଦିନ କେଇଟା ଯାଇନି, ଏବେ ସରକାର ତାଙ୍କ କଥା ବଦଳାଇଛନ୍ତି। ଆଜି ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ଗଣମାଧ୍ୟମକୁ କହିଛନ୍ତି, ନିମ୍ନମାନର ଧାନ ଆମେ କିଣିବୁ ନାହିଁ। ଏହାକୁ ନେଇ ଚାଷୀଙ୍କ ଭିତରେ ଗଭୀର ଅସନ୍ତୋଷ ଦେଖିବାକୁ ମିଳିଛି। ମଣ୍ଡିରେ ବିକ୍ରି କରିବା ପାଇଁ ଅନାଇ ବସିଥିବା ଚାଷୀ ମନ୍ତ୍ରୀଙ୍କ ଏଭଳି ବିବୃତ୍ତିକୁ ଦୃଢ଼ ନିନ୍ଦା କରିଛନ୍ତି। ଧାନର ସହାୟକ ମୂଲ୍ୟ ବୃଦ୍ଧି କରିଥିବା ନେଇ ଡିଣ୍ଡିମ ପିଟୁଥିବା ସରକାର ଚାଷୀଙ୍କ ସହ ପ୍ରତାରଣା କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

■ ସରକାର ନ କିଣିଲେ ଧାନ କିଣିବ କିଏ?
■ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କଲା ବିଜେଡି

ସୂଚନାନୁସାରେ, ଅଦିନିଆ ବର୍ଷା ଯୋଗୁଁ ଉପକୂଳରୁ ଉପାନ୍ତ ଯାଏଁ ରାଜ୍ୟର ୬ ଲକ୍ଷ ୬୬ ହଜାର ୭୨୦ଜଣ ଚାଷୀଙ୍କର ୨ ଲକ୍ଷ ୨୬ ହଜାର ୭୯୧ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି ହୋଇଥିବା ନେଇ ଜିଲ୍ଲାପାଳମାନେ ରିପୋର୍ଟ ଦେଇଛନ୍ତି। ଏଥିରେ ଲକ୍ଷାଧିକ ମେଟ୍ରିକ୍ ଟନ୍ ଧାନ ସଂପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଅଳ୍ପ କିଛି ଧାନ ଓଦା ହୋଇଯାଇଥିଲା। ଏସବୁକୁ ଚାଷୀମାନେ ଶୁଖାଇ ମଣ୍ଡିରେ ବିକ୍ରି କରିବା ପାଇଁ ରଖିଛନ୍ତି। ହେଲେ ଯୋଗାଣ ମନ୍ତ୍ରୀ ଏବେ କହିଲେଣି, ଏସବୁ ଧାନ କିଣିବେନି। ତେଣୁ ଏ ଧାନ ଏବେ ଚାଷୀ କାହାକୁ ବିକ୍ରି କରିବ, ସେ ଚିନ୍ତା ଘାରିଲାଣି। ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଧାନ ରୁଆ ବେଉଷଣ ସମୟରେ ବର୍ଷା ଅଭାବରୁ ଚାଷୀ କ୍ଷତି ସହିଥିଲା। ବର୍ଷାର ଅଭାବ ସେତେବେଳେ ଧାନ ଗଛକୁ ଦୁର୍ବଳ କରି ଦେଇଥିଲା। ପରେ ଯେତିକି ବି ଧାନ ହୋଇଥିଲା, ଅଦିନିଆ ବର୍ଷା ସବୁ ଉଜାଡ଼ିଦେଲା। ଘରପୋଡ଼ିରୁ କୁଟାଖିଏ ଉଦ୍ଧାର କଲା ଭଳି ଚାଷୀ ଯେତିକି ଧାନ ଅମଳ କରିଥିଲା, ସେତକ ବିକ୍ରି କରିବା ତା' ପାଇଁ ଏବେ ଚିନ୍ତା ପାଲଟିଲାଣି। ଏମିତି ହେଲେ ଚାଷୀର ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭାଙ୍ଗିପଡ଼ିବା ସହ ଆଗାମୀ ଦିନରେ ଚାଷୀ ଆଉ ଚାଷ ପ୍ରତି ମନ ବଳାଇବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଏ ସମ୍ପର୍କରେ ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସରକାର ଓ ଯୋଗାଣ ମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଧାନ ନ କିଣିବା ପାଇଁ ଏଫଏକ୍ୟୁ ମାନକୁ ଆଳ କରାଯାଉଛି। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଏଯାଏଁ ସରକାର ମାତ୍ର ୩୦ ପ୍ରତିଶତ ଧାନ କିଣିଛନ୍ତି। ଏତେବେଳକୁ ୬୦ ପ୍ରତିଶତ ଧାନ କିଣା ଶେଷ ହେବା କଥା। ସରକାର କେବଳ ଧାନ କିଣାରେ ବିଳମ୍ବ କରିନାହାନ୍ତି; ବରଂ ଚାଷୀଙ୍କଠାରୁ ଧାନ କିଣା ପ୍ରକ୍ରିୟାରେ ସଂପୂର୍ଣ୍ଣ ଫେଲ୍ ମାରିଛନ୍ତି। ପୂର୍ବରୁ ଏନେଇ ଆମେ କହିଥିଲୁ ଚାଷୀଙ୍କ ଧାନ କିଣାରେ ସରକାରଙ୍କ ଗୋଡ଼ ଭାଙ୍ଗିଛି। ଚାଷୀଙ୍କୁ ଧୋକା ଦେଇଛନ୍ତି ସରକାର। ତୁରନ୍ତ ସରକାର ସର୍ବଦଳୀୟ ବୈଠକ ଡାକି ବିଚାରବିମର୍ଶ କରନ୍ତୁ ଏବଂ ଚାଷୀଙ୍କଠାରୁ ସବୁ ଧାନ କିଣନ୍ତୁ। ସରକାରଙ୍କ ବେପରୁଆ ମନୋଭାବ ଯୋଗୁଁ ରାଜ୍ୟରେ ୬ଲକ୍ଷ ଚାଷୀ ହତାଶ ହୋଇଛନ୍ତି। ଚାଷୀଙ୍କୁ ହତାଶ କରିବା କୌଣସି ଅପରାଧିକ କାର୍ଯ୍ୟକଳାପଠାରୁ ବି କମ୍ ନୁହେଁ। ଏ ସଂପର୍କରେ ସରକାର ପୁନର୍ବିଚାର କରନ୍ତୁ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

# ଆଳୁ ଦର ଉପରମୁହାଁ; ବେଫିକର ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର, ୧୦।୧(ସମିସ):** ଗତ ୬ମାସ ହେଲାଣି ରାଜ୍ୟରେ ଆଳୁ ଦର ଉପରମୁହାଁ ରହୁଛି। ଖାଉଟି ଯେତେ ବ୍ୟସ୍ତ ହେଲେ ବି ୪୦ ଟଙ୍କାରୁ ତଳକୁ ଖସୁନି। ଗୋଟିଏପଟେ ପଶ୍ଚିମବଙ୍ଗରୁ ଆମଦାନୀ ସ୍ୱାଭାବିକ ହେଉନଥିବାବେଳେ ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ଓ ପଞ୍ଜାବ ଆଳୁକୁ ଲୋକେ ପସନ୍ଦ କରୁନାହାନ୍ତି। ତେଣୁ ରାଜ୍ୟରେ ଆଳୁକୁ ନେଇ ଉପୁଜୁଥିବା ସଂକଟ ଥମିବାର ନାଁ ଧରୁନି। ଆଳୁ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭର ହେଲେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସରକାର କହୁଥିବାବେଳେ ଏକଥାକୁ 'ଆକାଶ କଇଁଆ ଚିଲିକା ମାଛ' ବୋଲି ବ୍ୟବସାୟୀ କହିଛନ୍ତି। ତେଣୁ ସରକାର ଆମଦାନୀ ସ୍ୱାଭାବିକ ଓ ଦର କମାଇବା ଉପରେ ଦୃଷ୍ଟି ଦେବା ଉପରେ କାର୍ଯ୍ୟ କରନ୍ତୁ ବୋଲି ବ୍ୟବସାୟୀ ସଂଘ କହିଛନ୍ତି।

ନିର୍ବାଚନ ପରଠାରୁ ଗତ ୬ମାସ ହେଲା ଖାଉଟି ମହଙ୍ଗା ମାଡ଼ରେ କଲବଲ ହେଉଛନ୍ତି। ଏହି ସମୟରେ ଆଳୁ ଭଳି ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ସରକାର କମାଇବା ପରିବର୍ତ୍ତେ ଆମେ କାହା ପାଖରେ ହାତ ପତାଇବୁ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ବିବୃତ୍ତି ଦେଇ ଏଭଳି କହିଛନ୍ତି। ସ୍ୱାବଲମ୍ବୀ କରାଇବା ଆଳରେ ନିଜର ଦାୟିତ୍ୱକୁ ଜାଣିଜାଣି ଏଡ଼ାଇ ଯାଉଛନ୍ତି ଯୋଗାଣ ମନ୍ତ୍ରୀ। ବଜାରରେ ଆଳୁ ଦରରେ ନିଆଁ ଲାଗିଥିବା ବେଳେ କେବେ ପରିସ୍ଥିତି ସ୍ୱାଭାବିକ ହେବ ସେ ଉତ୍ତର ଯୋଗାଣ ମନ୍ତ୍ରୀଙ୍କ ପାଖରେ ନାହିଁ। ପଶ୍ଚିମବଙ୍ଗ ସରକାର ଆଳୁ ଦେଉ ନ ଥିବାରୁ ରାଜ୍ୟରେ ଆଳୁ ସଂକଟ ରହିଛି କି ବୋଲି ପ୍ରଶ୍ନ ହେବାରୁ ମନ୍ତ୍ରୀ କହୁଛନ୍ତି, ପଶ୍ଚିମବଙ୍ଗ ସରକାର ନିଜ 'ପଲିସି'ରେ କାମ କରୁଛନ୍ତି, ଓଡ଼ିଶା ତା' ପଲିସିରେ କାମ କରୁଛି।

**କଡ଼ା ଭାଷାରେ ନିନ୍ଦାକଲେ ବିଜେଡି ଓ କଂଗ୍ରେସ**

ଯୋଗାଣ ମନ୍ତ୍ରୀଙ୍କ ଏହି ବୟାନ ଉପରେ କଡ଼ା ଜବାବ ରଖିଛି ବିଜେଡି। ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି, ଆଳୁ ଦର ନେଇ ଗାଲୁ ଗପ କରୁଛନ୍ତି ଯୋଗାଣ ମନ୍ତ୍ରୀ। ଆଳୁ ଦର ନିୟନ୍ତ୍ରଣ ବାହାରେ ଥିବାବେଳେ ଯୋଗାଣ ମନ୍ତ୍ରୀ ବେଫିକର ବୟାନ ଦେବାରେ ଲାଗିଛନ୍ତି; ଯାହାଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ କହିଛି, ବିଜେପି ସରକାର ଦରଦାମ୍ ନିୟନ୍ତ୍ରଣରେ ବିଫଳ। ଆଳୁ ଦର କେବେ ନିୟନ୍ତ୍ରଣକୁ ଆସିବ ସେ ଉତ୍ତର ରାଜ୍ୟ ସରକାରଙ୍କ ପାଖରେ ନାହିଁ।

# ଠକେଇ ମାମଲାରୁ ମୁକୁଳି ଅତ୍ୟଧିକ ଉଲ୍ଲସିତ ହେବା ଶୋଭନୀୟ ନୁହେଁ: ବିକ୍ରମ

**ବ୍ରହ୍ମପୁର, ୧୦।୧(ସମିସ):** ଟାଟା କମ୍ପାନୀରେ ଚାକିରି କରାଇଦେବାକୁ କହି ନିଜ ଲୋକଙ୍କୁ ଠକିବା ଅଭିଯୋଗରେ ଜେଲ୍ ଯାଇଥିବା ଗୋପାଳପୁରର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ନବୀନଙ୍କ ପ୍ରତି ଦେଇଥିବା ଟିପ୍ପଣୀକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା। ଠକେଇ ଅଭିଯୋଗ ଭଳି ୫ଟି ମାମଲାରୁ ନିର୍ଦ୍ଦୋଷରେ ଖଲାସ ହେବା ପରେ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ସାଂସଦ ଶ୍ରୀ ପାଣିଗ୍ରାହୀ ସିଧାସଳଖ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିବା ସହ ତାଚ୍ଛଲ୍ୟ କରି ଟିପ୍ପଣୀ ଦେଇଥିଲେ। ତେବେ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ତଥା ଗତ ନିର୍ବାଚନରେ ବିଜେଡିର ଗୋପାଳପୁର ବିଧାନସଭା ପ୍ରାର୍ଥୀ ବିକ୍ରମ ପଣ୍ଡା ଆଜି ଏହାର ପ୍ରତିଜବାବ ରଖିଛନ୍ତି। ସରକାର ବଦଳିବା ପରେ ମକଦ୍ଦମା ପରିଚାଳନାରେ ସ୍ଥାଣୁତା ହେଉ ଅଥବା ଚାପର ବଶବର୍ତ୍ତୀ ହୋଇ ଅଭିଯୋଗକାରୀ ଏପରିକି ସାକ୍ଷୀମାନେ ମତ ବଦଳାଇବା କାରଣରୁ ୫ଟି ମାମଲାରୁ ସାଂସଦ ପ୍ରଦୀପ ଦୋଷମୁକ୍ତ ହୋଇଛନ୍ତି। ତେବେ ସତ କ'ଣ ସମସ୍ତେ ଜାଣନ୍ତି। ୫ଟି ମାମଲାରୁ ଯଦିଓ ସେ ବିଭିନ୍ନ କାରଣରୁ ଦୋଷମୁକ୍ତ ହୋଇଛନ୍ତି, ହେଲେ ତାଙ୍କ ବିରୋଧରେ ଆଜି ମଧ୍ୟ ଦୁର୍ନୀତି ଓ ଅର୍ଥ ହେରଫେର ଭଳି ସଙ୍ଗିନ ମାମଲା ରହିଛି, ଯାହାର ତଦନ୍ତ କ୍ରାଇମବ୍ରାଞ୍ଚ, ଅର୍ଥନୈତିକ ଅପରାଧ ଶାଖା ଓ ଭିଜିଲାନ୍ସ କରୁଥିବା ଜଣାପଡ଼ିଛି। ସେସବୁ ମାମଲା ବର୍ତ୍ତମାନ ମଧ୍ୟ ବିଚରାଧୀନ ରହିଛି। ଏଣୁ ଏବେଠାରୁ ଅତ୍ୟଧିକ ଉଲ୍ଲସିତ ହୋଇ ବାଚଳାମି କରି ଗଣମାଧ୍ୟମ ସମ୍ମୁଖରେ ବୟାନବାଜି କରିବା ଆଦୌ ଶୋଭନୀୟ ନୁହେଁ ବୋଲି ବିଜେଡି ନେତା ଶ୍ରୀ ପଣ୍ଡା କହିଛନ୍ତି।

■ ପ୍ରଦୀପଙ୍କ ବିରୋଧରେ ରହିଛି ଅର୍ଥ ହେର୍‌ଫେର୍ ଓ ଦୁର୍ନୀତି ଭଳି ମାମଲା
■ ଜନନେତା ନବୀନଙ୍କ ପ୍ରତି ଜନବିରୋଧୀ ନେତାଙ୍କ ଟିପ୍ପଣୀ ହାସ୍ୟାସ୍ପଦ



ରାଜନୀତିରେ ଯିଏ ରାସ୍ତା ଦେଖାଇଥିଲେ, ପୁଣି ନବୀନଙ୍କ ଭଳି ଜଣେ ଜନନେତାଙ୍କ ବିରୁଦ୍ଧରେ ପ୍ରଦୀପଙ୍କ ଭଳି ଜଣେ ଜନବିରୋଧୀ ନେତା ଏଭଳି ଟିପ୍ପଣୀ ଦେବା ଆଦୌ ସ୍ପୃହଣୀୟ ନୁହେଁ। ଏହା ମଧ୍ୟ ହାସ୍ୟାସ୍ପଦ ବୋଲି ଏକ ଭିଡିଓ ବାର୍ତ୍ତା ଜାରି କରି ଶ୍ରୀ ପଣ୍ଡା କହିଛନ୍ତି। ନବୀନଙ୍କ ପ୍ରତି ପ୍ରଦୀପଙ୍କ ଟିପ୍ପଣୀ ଓ ତାଚ୍ଛଲ୍ୟ କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଛନ୍ତି।

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୫.୦ | ୧୨.୭ |
| ଚାନ୍ଦବାଲି | ୨୩.୮ | ୧୩.୭ |
| କଟକ | ୨୪.୮ | ୧୨.୮ |
| ପାରାଦୀପ | ୨୬.୯ | ୧୪.୩ |
| ଭୁବନେଶ୍ୱର | ୨୬.୭ | ୧୨.୮ |
| ଗୋପାଳପୁର | ୨୪.୯ | ୧୫.୩ |
| ପୁରୀ | ୨୬.୮ | ୧୬.୦ |
| ଅନୁଗୋଳ | ୨୬.୭ | ୦୯.୬ |
| ବାରିପଦା | ୨୨.୫ | ୧୨.୪ |
| ଝାରସୁଗୁଡ଼ା | ୨୯.୦ | ୦୭.୬ |
| କେନ୍ଦୁଝର | ୨୬.୩ | ୦୯.୯ |
| ସମ୍ବଲପୁର | ୨୮.୯ | ୧୧.୬ |
| ସୁନ୍ଦରଗଡ଼ | ୨୯.୦ | ୦୯.୧ |
| ହୀରାକୁଦ | ୨୭.୬ | ୧୦.୦ |
| ତାଳଚେର | - | ୧୧.୪ |
| ଭବାନୀପାଟଣା | ୨୬.୮ | ୧୦.୦ |
| ବଲାଙ୍ଗିର | ୨୭.୪ | ୧୦.୦ |
| କୋରାପୁଟ | ୨୫.୧ | ୧୧.୦ |
| ଫୁଲବାଣୀ | ୨୭.୪ | ୭.୫ |
| ଟିଟିଲାଗଡ଼ | - | ୧୨.୪ |
| ମାଲକାନଗିରି | ୨୯.୫ | ୧୪.୮ |
| ସୋନପୁର | ୨୭.୪ | ୧୦.୨ |
| ଦାରିଙ୍ଗବାଡ଼ି | ୨୫.୦ | ୦୯.୦ |
| ନୟାଗଡ଼ | ୨୫.୦ | ୧୩.୦ |
| ବୌଦ୍ଧ | ୨୫.୮ | - |
| ଛତ୍ରପୁର | ୨୭.୦ | ୧୫.୭ |
| ପାରଳାଖେମୁଣ୍ଡି | ୩୦.୦ | ୧୫.୦ |
| ରାୟଗଡ଼ା | - | ୧୩.୨ |
| ଭଦ୍ରକ | ୨୬.୪ | - |
| ଯାଜପୁର | ୨୮.୮ | ୧୨.୮ |
| ଢେଙ୍କାନାଳ | ୨୭.୬ | ୧୧.୪ |
| ବରଗଡ଼ | ୨୯.୦ | ୧୨.୬ |
| ଦେଓଗଡ଼ | ୨୮.୮ | ୧୩.୦ |
| ନୂଆପଡ଼ା | ୩୦.୦ | - |
| ନବରଙ୍ଗପୁର | ୨୭.୬ | ୧୨.୬ |
| ଖୋର୍ଦ୍ଧା | ୨୭.୦ | ୧୪.୫ |
| ଜଗତସିଂହପୁର | ୨୮.୫ | ୧୩.୦ |
| କେନ୍ଦ୍ରାପଡ଼ା | ୨୮.୦ | ୧୩.୦ |
| ରାଉରକେଲା | ୨୬.୧ | ୦୭.୯ |

**କିର୍ମିରା ବ୍ଲକ୍‌ରେ ଅନାସ୍ଥା ବନ୍ଦ ପଛରେ ଶାସକ ଦଳର ଷଡ଼ଯନ୍ତ୍ର**

# ଡିଜିପିଙ୍କ ନିକଟରେ ବିଜେଡିର ପ୍ରତିବାଦ



**ଭୁବନେଶ୍ୱର,୧୦।୧(ସମିସ):** ଓଡିଶା ପୁଲିସ ଶାସକ ବିଜେପିର ହାତବାରିସୀ ହୋଇ ଗଣତନ୍ତ୍ରକୁ ହତ୍ୟା କରୁଛି। ବିଜେପି ନେତାଙ୍କ ଇସାରାରେ ପୁଲିସ କିର୍ମିରା ବ୍ଲକ୍‌ରେ ଅନାସ୍ଥା ବୈଠକକୁ ଭଣ୍ଡୁର କରିଛି, ଏପରିକି ଏଥିରେ ବିଜେପି ଶାସିତ ଝାଡ଼ଖଣ୍ଡର ପୁଲିସକୁ ବ୍ୟବହାର କରାଯାଇଛି। ଏହା ଅଗଣତାନ୍ତ୍ରିକ, ନିନ୍ଦନୀୟ ଓ ବେଆଇନ କାର୍ଯ୍ୟ ବୋଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି । ଏହା ସହ ପୁଲିସର ଏହି ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ବିଜେଡିର ପ୍ରତିନିଧି ଦଳ ଡ଼ିଜିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ଲେଖାଶ୍ରୀ ସାମନ୍ତସିଂହାର, ଡଃ ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ଇପସିତା ସାହୁ ପ୍ରମୁଖ ପୁଲିସ ଡିଜିଙ୍କୁ ଭେଟି ପ୍ରତି କିର୍ମିରା ଘଟଣାରେ ପୁଲିସର ଭୂମିକା ସମ୍ପର୍କରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ ଝାରସୁଗୁଡ଼ା ଜିଲ୍ଲାରେ ଦିନ ଦିପହରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଆଉ ଏଥିରେ ସ୍ଥାନୀୟ ପୁଲିସ ଓ ଜିଲ୍ଲା ପ୍ରଶାସନ ଶାସକ ଦଳର ଇସାରାରେ କାମ କରୁଛନ୍ତି। କିରିମିରା ବ୍ଲକ୍‌ରେ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ୪ ମାସ ଧରି ତାରିଖ ଦେଲେ ନାହିଁ। ପରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଆଜି ଅନାସ୍ଥା ଭୋଟ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା; କିନ୍ତୁ ସେଠାରେ ବିଜେଡିର ନିର୍ବାଚିତ ଜନପ୍ରତିନିଧିମାନେ ଯେପରି ପହଞ୍ଚି ପାରିବେ ନାହିଁ ସେଥିପାଇଁ ପୁଲିସ ସବୁ ପ୍ରକାର ବ୍ୟବସ୍ଥା କରିଥିଲା। ପରିଣାମ ସ୍ୱରୂପ ଆଜି ଗଣତନ୍ତ୍ରର ହତ୍ୟା କରାଗଲା। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହାର ପ୍ରତିବାଦରେ ଆଜି ଆମେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛୁ। ଆସନ୍ତା କାଲି ଏହି ପ୍ରସଙ୍ଗରେ ଆମେ ଦଳ ପକ୍ଷରୁ ଆଲୋଚନା କରି ପରବର୍ତ୍ତି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବୁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

**ବିଜେପି ନେତାଙ୍କ ନିର୍ଦ୍ଦେଶରେ ଗଣତନ୍ତ୍ରକୁ ହତ୍ୟା, ପୁଲିସ ଘାତକ**

# କମିବ ଶୀତ, ଜାରି ରହିବ କୁହୁଡ଼ି

**ଭୁବନେଶ୍ୱର,୧୦।୧(ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ତ୍ତମାନ ଶୀତ ଜାରି ରହିଛି। ଏଭଳି ଶୀତ ଆହୁରି ୨୪ ଘଣ୍ଟା ଯାଏଁ ଲାଗି ରହିବ। ଏହାପରେ ତାପମାତ୍ରାରେ କିଛି ପରିମାଣରେ ବୃଦ୍ଧି ଘଟିବା ହେତୁ ଶୀତର ପ୍ରଭାବ ସାମାନ୍ୟ କମିବ ବୋଲି ଅନୁମାନ କରାଯାଉଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ଯାଏଁ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାକୁ ନଥିବା ବେଳେ ଏହା ପରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ତେଣୁ ଶୀତର ପ୍ରକୋପ ହ୍ରାସ ପାଇବ। ଅନ୍ୟପଟେ ଶୀତ କମିଲେ ମଧ୍ୟ ଘନ କୁହୁଡ଼ି ସ୍ଥିତି ଜାରି ରହିବ। ଯାହାକୁ ନେଇ ବିଭିନ୍ନ ଜିଲ୍ଲାକୁ କୁହୁଡ଼ିଜନିତ ସତର୍କତା ଜାରି କରାଯାଇଛି। ୧୩ ତାରିଖ ପର୍ଯ୍ୟନ୍ତ ଘନ କୁହୁଡି ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାରେ ଘନ କୁହୁଡ଼ି ହେବ ବୋଲି କେନ୍ଦ୍ର କହିଛି। ସେହିପରି ଝାରସୁଗୁଡ଼ା, କେନ୍ଦୁଝର, କଳାହାଣ୍ଡି, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଜାରି କରିଛି। ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଥିବାରୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ରାଜପଥରେ ଦୁର୍ଘଟଣା ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୩ ଜିଲ୍ଲାରେ ୧୦ ଡିଗ୍ରୀ ତଳେ ତାପମାତ୍ରା ରହିଥିବା ବେଳେ ପାହାଡ଼ିଆ ଅଞ୍ଚଳ ଭାବରେ ଜି. ଉଦୟଗିରିରେ ୫.୪ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ସମତଳ ଅଞ୍ଚଳ ଭାବରେ ଫୁଲବାଣୀରେ ୭.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ କୋରାପୁଟରେ ଅତିଘନ କୁହୁଡି ଦୃଶ୍ୟମାନ ହୋଇଛି।



ଇଲା ପଣ୍ଡା
୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବୁଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍
imfa
ଫୋନ: +91 674 2611000 | ଇମେଲ: memoriam@imfa.in



୧୦/୧/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୭,୦୭୧/- ସୁନା: ୦୧.୪୮୦ ଗ୍ରାମ୍ ରୁପା: ୧୦୭.୩୮୦ ଗ୍ରାମ୍



# ପର୍ଯ୍ୟଟକଙ୍କୁ ଶୋଷଣ; ପ୍ରଶାସନ ଚୁପ୍

ପୁରୀ,୧୦।୧(ସମିସ)



ଚିଲିକା ଓଡିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏହାର ଅପରୂପ ସୌନ୍ଦର୍ଯ୍ୟ ଓ ନୀଳ ଜଳରାଶି ବାସ୍ତବିକ ବେଶ୍ ମନୋରମ। ଏଥିସାଙ୍ଗକୁ ଡଲ୍‌ଫିନ ମଧ୍ୟ ପର୍ଯ୍ୟଟକଙ୍କ ଖାସ୍ ଆକର୍ଷଣ ସାଜିଛି। ଚିଲିକା ମଝିରେ ମା' କାଳୀଜାଈ ମନ୍ଦିର, ରାଜହଂସ ଭଳି ଏକାଧିକ ଦର୍ଶନୀୟ ସ୍ଥାନ ରହିଛି। ପ୍ରତିଦିନ ଏଠାକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଯାଇଥାନ୍ତି। କିନ୍ତୁ ପରିତାପର ବିଷୟ ଏହିସବୁ ଜାଗାରେ ବିଭିନ୍ନ ବାଟରେ ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଛି। ବିଶେଷକରି ପର୍ଯ୍ୟଟକଙ୍କୁ ଆଣି ଆସୁଥିବା ଗାଡି ଚାଳକ ଓ ଡଙ୍ଗା ମାଲିକଙ୍କ ମଧ୍ୟରେ ସଲାସୂତୁରା ରହିଛି। ଫଳରେ ପର୍ଯ୍ୟଟକଙ୍କୁ ନିର୍ଦ୍ଧାରିତ ଭଡ଼ାଠାରୁ ୩ଗୁଣରୁ ଅଧିକ ଟଙ୍କା ଗଣିବାକୁ ପଡୁଛି। ଏହାଦ୍ୱାରା ଦେଶ, ବିଦେଶରେ ଓଡିଶା ପ୍ରତି ଖରାପ ଧାରଣା ସୃଷ୍ଟି ହେଉଛି। ଏହି ଘଟଣାରେ ସରକାରୀ ବାବୁମାନେ ପାଟି ଖୋଲୁ ନ ଥିବାବଳେ ତିକ୍ତ ଅନୁଭୂତି ସାଉଣ୍ଟୁଛନ୍ତି ପର୍ଯ୍ୟଟକ।

ସମସ୍ତଙ୍କୁ ଘାରିଛି କମିଶନ ନିଶା। ଏହି କମିଶନ କାରବାରରୁ ନିଜକୁ ମୁକୁଳାଇ ପାରିନି ଚିଲିକା। ସାଧାରଣତଃ ଅଧିକାଂଶ ପର୍ଯ୍ୟଟକ ପ୍ରଥମେ ପୁରୀ ଆସିଥାନ୍ତି। ସେମାନେ କୋଣାର୍କ, ଶ୍ରୀମନ୍ଦିର ବୁଲିସାରିବା ପରେ ଚିଲିକା ବୁଲିବାକୁ ଆସନ୍ତି। ତେଣୁ ପୁରୀରୁ ଗାଡି ଭଡାରେ ନେଇଥାନ୍ତି। ପୁରୀରେ ମଧ୍ୟ ଏକାଧିକ ଟ୍ରାଭେଲ୍ସ ସଂସ୍ଥା ରହିଛି। ଏଠାରୁ ପର୍ଯ୍ୟଟକମାନେ ଗାଡି ନେଇ ଚିଲିକା, ସାତପଡା ପ୍ରଭୃତି ସ୍ଥାନକୁ ବୁଲିବାକୁ ଯାଇଥାନ୍ତି। ଏହି ଭଡା ଗାଡି ଚାଳକଙ୍କ ମଧ୍ୟରୁ ଅଧିକାଂଶ କମିଶନ ପାଇବା ନିଶାରେ ପର୍ଯ୍ୟଟକଙ୍କୁ ହଇରାଣ ହରକତ କରୁଛନ୍ତି। ଗାଡି ଚାଳକମାନେ ବାଟରେ ଯିବା ବେଳେ ବିଭିନ୍ନ ପ୍ରକାର କଥା କହି ପର୍ଯ୍ୟଟକଙ୍କ ବିଶ୍ୱାସ ଭାଜନ ହୋଇଥାନ୍ତି। ସାତପଡାରେ ପହଞ୍ଚାଇବା ପରେ ଗାଡି ଚାଳକ ନିଜେ ସେମାନଙ୍କ ପାଇଁ ଡଙ୍ଗା ବୁଝି ଦେଇଥାନ୍ତି। ଯେଉଁମାନଙ୍କ ସହ ସେମାନଙ୍କ କମିଶନ କାରବାର ରହିଛି ସେଠାରୁ ଡଙ୍ଗା ବ୍ୟବସ୍ଥା କରିଥାନ୍ତି। ଏହିପରି ବିଭିନ୍ନ ଉପାୟରେ ପର୍ଯ୍ୟଟକମାନେ ଶୋଷଣ ହୋଇଥାନ୍ତି।

ତେବେ ପର୍ଯ୍ୟଟକମାନଙ୍କୁ ଦଲାଲଙ୍କ କବଳରୁ ମୁକ୍ତ କରିବା ନେଇ ଡଲ୍‌ଫିନ ମୋଟରବୋଟ ଆସୋସିଏସନ ଉଦ୍ୟମ ଜାରି ରଖିଥିଲେ ହେଁ ପ୍ରଶାସନ ଚୁପ୍ ରହୁଥିବାରୁ ଏଥିରେ ସୁଫଳ ମିଳିପାରୁ ନାହିଁ। ଡଲ୍‌ଫିନ ମୋଟରବୋଟ ଆସୋସିଏସନ ପକ୍ଷରୁ ଏ ନେଇ ବାରମ୍ବାର ପୁଲିସ ଏବଂ ପ୍ରଶାସନକୁ ଲିଖିତ ଭାବେ ଅଭିଯୋଗ କରାଗଲାଣି। ହେଲେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏବେ ବି ପର୍ଯ୍ୟଟକମାନେ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଆସୋସିଏସନ ପକ୍ଷରୁ ବ୍ରହ୍ମଗିରି ଥାନାକୁ ଦିଆଯାଇଥିବା ଅଭିଯୋଗ ଅନୁସାରେ, ବିନା ପଞ୍ଜୀକରଣ ଓ ବିନା ଇନ୍‌ସ୍ୟୁରାନ୍ସରେ ବେନାମୀ ଡଙ୍ଗା ପର୍ଯ୍ୟଟକଙ୍କୁ ପରିବହନ କରୁଛନ୍ତି। ଜିଲ୍ଲା ପ୍ରଶାସନର ନିର୍ଦ୍ଧାରିତ ଦରଠାରୁ ଯଥେଷ୍ଟ ଗୁଣରେ ଅଧିକ ରାଶି ଆଦାୟ କରାଯାଉଛି। ପର୍ଯ୍ୟଟକମାନଙ୍କୁ ରାସ୍ତାରୁ ଦଲାଲମାନଙ୍କ ମାଧ୍ୟମରେ ପଥ ଓ ଦିଗ ଭ୍ରଷ୍ଟ କରି ଲୁଟ୍ କରାଯାଉଛି। ସେହିପରି ନକଲି ପ୍ଲାଷ୍ଟିକକୁ ମୋତି ବୋଲି କହି ହଜାର ହଜାରର ଟଙ୍କାଠାରୁ ଆରମ୍ଭ କରି ଲକ୍ଷାଧିକ ଟଙ୍କା ଲୁଟ୍ ହେଉଛି।

ସାତପଡ଼ା ଡଲ୍‌ଫିନ ଆସୋସିଏସନର ନାମକୁ ବଦ୍‌ନାମ କରି ଭୁଲ୍ ଜାଗାକୁ ସାତପଡ଼ା ବୋଲି ଚିହ୍ନଟ କରିବା ଦ୍ୱାରା ତାଙ୍କର ସମ୍ମାନ ତଥା ସାତପଡ଼ା ସ୍ୱାଭିମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସବୁ ସମସ୍ୟାକୁ ଗୁରୁତର ସହ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ବିଶ୍ୱପ୍ରସିଦ୍ଧ ଚିଲିକାର ପରିବେଶ, ସମ୍ବେଦନଶୀଳ ପ୍ରାଣୀ ଡଲ୍‌ଫିନଙ୍କ ଜୀବନଶୈଳୀ ଓ ଦେଶ ବିଦେଶରୁ ଆସୁଥିବା ଅତିଥିମାନଙ୍କର ଭ୍ରମଣ, ସୁରକ୍ଷା ସୁଲଭ ହୋଇପାରନ୍ତା ବୋଲି ଥାନାକୁ ଅବଗତ କରାଯାଇଥିବା ସାତପଡ଼ା ଡଲ୍‌ଫିନ ଆସୋସିଏସନ ସଭାପତି କୃତ୍ତିବାସ ଦଳାଇ ଏବଂ ସମ୍ପାଦକ ଅମୂଲ୍ୟ କୁମାର ଜାଳି କହିଛନ୍ତି।

## ବେଳାଭୂମି କ୍ରୀଡ଼ା ଉଦ୍‌ଯାପିତ

ପୁରୀ,୧୦।୧(ସମିସ): ପ୍ରବାସୀ ଭାରତୀୟ ସମ୍ମିଳନୀ ଉପଲକ୍ଷେ ପୁରୀ ବେଳାଭୂମିରେ ତିନି ଦିନ ଧରି ବିଚ୍ ସ୍ପୋର୍ଟ୍ସ ଆୟୋଜନ କରାଯାଇଛି। ଏଥିରେ ପୁରୀ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଭାଗ ନେଇ ପ୍ରତିଯୋଗିତା ଭିତ୍ତିରେ ପୁରସ୍କାର ଗ୍ରହଣ କରିଥିଲେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ଖେଳାଳିମାନଙ୍କ ମଧ୍ୟରେ ପ୍ରତିଯୋଗିତା ଭାବ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ବେଳାଭୂମି ଉତ୍ସବର ଶୁକ୍ରବାର ଉଦ୍‌ଯାପନୀ ଦିବସରେ ପୁରୀର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡିଆଇସିର ଜେନେରାଲ ମ୍ୟାନେଜର ଅମୂଲ୍ୟରତ୍ନ ପଣ୍ଡା, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ପ୍ରଶାସନର ଉପଦେଷ୍ଟା ସିଦ୍ଧାର୍ଥ ରାୟ ଓ ନିତା ସ୍ପୋର୍ଟ୍ସ ଏକାଡେମୀର ସମ୍ପାଦକ ଆଡଭୋକେଟ ସତ୍ୟବ୍ରତ ଷଡଙ୍ଗୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ନୌକା ଚାଳନା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ସାଗର ଗ୍ରୁପ, ଦ୍ୱିତୀୟ ବୁଢୀ ମା' ଓ ତୃତୀୟ ହୋଇଥିବା ସାତଲହଡି ମଠକୁ ଯଥାକ୍ରମେ ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଦଳ ଭାବେ ନିତା ସ୍ପୋର୍ଟ୍ସ ଏକାଡେମୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉତ୍ତମ ଖେଳ ପରିଚାଳନା ପାଇଁ କୋଚ୍ ଜିତେନ୍ଦ୍ର ବେହେରା, ଶେଫାଳି ପତି ଓ ଗାୟତ୍ରୀ ସେଠୀ ପୁରସ୍କୃତ ହୋଇଥିଲେ। ତିନିଦିନ ବ୍ୟାପୀ ହେଉଥିବା ଖେଳକୁ ପୁରୀ ଜିଲ୍ଲା କ୍ରୀଡା କାର୍ଯ୍ୟାଳୟର କର୍ମକର୍ତ୍ତା ରାମଚନ୍ଦ୍ର ବେହେରା, କୁନା ବେହେରା, ସୌମ୍ୟ ପୂଜାରୀ, ପ୍ରଭାତୀ ରାଭା, ମାନସ ଦାସ, ଜ୍ଞାନରଞ୍ଜନ ବେହେରା, ବନିତା ଦୀକ୍ଷିତ ଓ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ।

ଶ୍ରୀକ୍ଷେତ୍ର ପୁସ୍ତକ ମେଳା

# ଜମୁନି ପୁସ୍ତକପ୍ରେମୀଙ୍କ ଭିଡ଼

ପୁରୀ,୧୦।୧(ସମିସ)



ବହିର ପୃଷ୍ଠା କାହା ଜୀବନରେ କେତେବେଳେ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡିବ ତାହା କହିହେବ ନାହିଁ। କିନ୍ତୁ ପ୍ରତ୍ୟେକଙ୍କୁ ବହିକୁ ଭଲ ପାଇବାକୁ ପଡିବ। ପୁସ୍ତକ ମନସ୍କ ବ୍ୟକ୍ତି ହିଁ ଜୀବନରେ ବହୁ ଉପରକୁ ଯାଇପାରନ୍ତି। ବହି ସହିତ ନିବିଡ଼ ସମ୍ପର୍କ ଜଣଙ୍କୁ ଭିନ୍ନ ମଣିଷ ଭାବେ ପରିଚୟ ଦେଇଥାଏ। ବହିକୁ ନେଇ ଏମିତି ଅନେକ କିଛି ଆମେ ଶୁଣିବାକୁ ପାଇଥାଉ। ବାସ୍ତବିକ ବହି ପଢିବା ପ୍ରତି ସମସ୍ତଙ୍କର ଆଗ୍ରହ ରହିବା ଦରକାର। କାରଣ ଯିଏ ଯେତେ ଅଧିକ ପଢିବ ସେ ସେତେ ଅଧିକ ଜାଣିବ। ତା'ର ଜ୍ଞାନର ପରିସୀମା ମଧ୍ୟ ବୃଦ୍ଧି ପାଇବ। ତେଣୁ ଗୋଟିଏ ଜାଗାରେ ସବୁ ବହି ଯେପରି ପାଠକଙ୍କୁ ମିଳିପାରିବ ସେଥିଲାଗି ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି ପୁସ୍ତକ ମେଳା। ପୁରୀରେ ମଧ୍ୟ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଆୟୋଜନ କରାଯାଇଛି ଶ୍ରୀକ୍ଷେତ୍ର ପୁସ୍ତକ ମେଳା। ଗତ ୩ ତାରିଖରେ ଉଦ୍‌ଘାଟିତ ହୋଇଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳା ୧୦ ଦିନ ଧରି ଚାଲିବ। ତେବେ ଗୁରୁବାର ଥିଲା ମେଳାର ଅଷ୍ଟମ ଦିବସ। ହେଲେ ଆଠଦିନ ହେଲାଣି କିନ୍ତୁ ମେଳା ପଡ଼ିଆରେ ସେଭଳି ପୁସ୍ତକପ୍ରେମୀଙ୍କ ଭିଡ଼ ଜମୁନାହିଁ। ଅବଶ୍ୟ ଛୁଟିଦିନ ଏବଂ ସନ୍ଧ୍ୟାରେ ମେଳାରେ ଦେଖଣାହାରୀଙ୍କ ସମାଗମ ହେଉଛି। କିନ୍ତୁ ବହି କିଣାବିକା ସେତେଟା ଉତ୍ସାହପ୍ରଦ ହେଉ ନ ଥିବା ବିକ୍ରେତା ଏବଂ ଆୟୋଜକଙ୍କ ପକ୍ଷରୁ ସୂଚନା ମିଳୁଛି।

ପୁସ୍ତକ ମେଳାରେ ବିଭିନ୍ନ ପ୍ରକାର ବହି ଉପଲବ୍ଧ ହେଉଥିବାରୁ ସବୁବର୍ଗର ଲୋକ ଆସିଥାନ୍ତି। ପିଲାଙ୍କ ପାଠପଢା ବହିଠାରୁ ଆରମ୍ଭ କରି ଗଳ୍ପ, ଉପନ୍ୟାସ, ଆଧ୍ୟାତ୍ମିକ ପୁସ୍ତକ, କମ୍ପିଟେଟିଭ ଭଳି ପ୍ରାୟ ସବୁ ବହି ମିଳିଥାଏ। ତେଣୁ ଏହିସବୁ ବହି କିଣିବା ଲାଗି ମେଳାରେ ଗହଳି ହୁଏ। ହେଲେ କିଛିବର୍ଷ ହେବ ବିଭିନ୍ନ ଜାଗାରେ ହେଉଥିବା ପୁସ୍ତକ ମେଳାରେ ଏତେଟା ଭିଡ଼ ହେଉନି। ପୁରୀରେ ମଧ୍ୟ ସେହିଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଆଠଦିନ ହେଲାଣି ମେଳା ପଡିଲାଣି। ହେଲେ ପୁସ୍ତକପ୍ରେମୀଙ୍କ ଦେଖା ମିଳୁନି। ମେଳା ପଡିଆରେ ଅନ୍ୟ କିଛି ଘରକରଣା ଜିନିଷପତ୍ର ଷ୍ଟଲ ଏବଂ ଖାଇବା ପସରା ମେଳିଥିବାରୁ ସନ୍ଧ୍ୟାରେ ଦେଖଣାହାରୀଙ୍କ ଗହଳି ରହୁଛି। ହେଲେ ବହି କିଣାବିକା ସେମିତି ଜମୁନାହିଁ।

ମେଳା ବୁଲିବାକୁ ଆସିଥିବା ବରିଷ୍ଠ ନାଗରିକ ସନ୍ତୋଷ କୁମାର ମହାନ୍ତି କହିଛନ୍ତି, ଅବସର ପରେ ତ ସେମିତି କିଛି କାମ ନାହିଁ। ପଢାପଢି କରିବାକୁ ପିଲାଦିନରୁ ଆଗ୍ରହ ରହିଛି। ସେହି ଧାରା ଏବେ ବି ଅଛି। ପ୍ରତିବର୍ଷ ଯେ କୌଣସି ପୁସ୍ତକ ମେଳାକୁ ଗଲେ କିଛି ନା କିଛି ବହି କିଣିଥାଏ। ପୁରୀ ଘର ହୋଇଥିବାରୁ ପ୍ରାୟ ସବୁବର୍ଷ ଶ୍ରୀକ୍ଷେତ୍ର ପୁସ୍ତକ ମେଳାକୁ ଆସିଥାଏ। ଏ ବର୍ଷ ମଧ୍ୟ କିଛି ବହି ନେବି। କିନ୍ତୁ କିଛିବର୍ଷ ହେବ ପୁସ୍ତକପ୍ରେମୀଙ୍କ ସଂଖ୍ୟା କମୁଥିବା ଅନୁଭବ ହେଉଛି। ଏବେର ପିଲାଙ୍କ ଭିତରେ ବହି ପଢିବା ପ୍ରତି ଆଗ୍ରହ କମୁଥିବା ଦେଖିବାକୁ ମିଳୁଛି। ଏହା ଶୁଭ ସୂଚନା ନୁହେଁ। ବିକ୍ରିବଟା ଠିକ୍ ଭାବେ ନ ହେଲେ ବିକ୍ରେତାମାନଙ୍କ ଆଗ୍ରହ ମଧ୍ୟ କମିଯିବ।

ଲେଖକମାନେ ମଧ୍ୟ ନିରୁତ୍ସାହିତ ହେବେ। ଭଲ ଭଲ ବହି ଆଉ ପଢିବାକୁ ମିଳିବନି। ତେଣୁ ପୁସ୍ତକକୁ ସମସ୍ତେ ଭଲ ପାଇବା ଆବଶ୍ୟକ ବୋଲି କହିଛନ୍ତି ସନ୍ତୋଷ। କଲେଜ ଛାତ୍ରୀ ରୋଜାଲିନ ମିଶ୍ର କହିଛନ୍ତି, ସେମିତି କିଛି ନିର୍ଦ୍ଦିଷ୍ଟ ବହି କିଣିବାକୁ ଆସିନାହିଁ। କମ୍ପିଟେଟିଭ ବହି ନେବାକୁ ମନସ୍ଥ କରିଛି। ଆମେ କିଛି ସାଙ୍ଗ ମେଳା ବୁଲିବାକୁ ଆସିଛୁ। ମେଳା ବୁଲି ଖାଇପିଇ ଯିବୁ ବୋଲି କହିଛନ୍ତି। ସେହିପରି ଏଥର ପୁସ୍ତକ ବିକ୍ରି ସେତେଟା ଉତ୍ସାହପ୍ରଦ ନୁହେଁ ବୋଲି ଜଣେ ବିକ୍ରେତା କହିଛନ୍ତି।

# ସରିଲା ଅଖିଳ ଭାରତୀୟ ରୂପକ ମହୋତ୍ସବ





ପୁରୀ,୧୦।୧(ସମିସ)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀସଦାଶିବ ପରିସର ପୁରୀଠାରେ ଚାଲିôତବା ତିନିଦିନିଆ ତୃତୀୟ ଅଖିଳ ଭରତୀୟ ରୂପକ ମହୋତ୍ସବ ଶୁକ୍ରବାର ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ପୁରୀ ସାଂସଦ ଡା. ସମ୍ବିତ୍ ପାତ୍ର ମୁଖ୍ୟଅତିଥି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶାର କୁଳସଚିବ ପ୍ରଫେସର ନୃସିଂହ ରଣ ପଣ୍ଡା ବିଶିଷ୍ଟ ଅତିଥି, ବିଶିଷ୍ଟ ମଞ୍ଚ ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଅଶ୍ରୁମୋଚନ ମହାନ୍ତି ସମ୍ମାନିତ ଅତିଥି ଏବଂ ସାରସ୍ୱତ ଅତିଥିଭାବେ ଯୋଗ ଦେଇଥିଲେ ଶ୍ରୀ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଗୁଜରାଟର କୁଳପତି ପ୍ରଫେସର ସୁକାନ୍ତ କୁମାର ସେନାପତି।

ଏହି ମହୋତ୍ସବରେ ଶ୍ରୀସଦାଶିବ ପରିସର ବ୍ୟତୀତ ରାଜ୍ୟ ବାହାରୁ ୬ଟି ନାଟ୍ୟଦଳ ଯୋଗଦେଇ ସଂସ୍କୃତ ନାଟକ ପରିବେଷଣ କରିଥିଲେ। ସେମାନଙ୍କ ମଧ୍ୟରୁ ଶ୍ରୀରାମସୁନ୍ଦର ସଂସ୍କୃତ ବିଶ୍ୱବିଦ୍ୟା ପ୍ରତିଷ୍ଠାନ, ବିହାରଙ୍କ ଦ୍ୱାରା କୃଷି ଫଳମ୍ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସର ଅଗରତାଲାଙ୍କ ଦ୍ୱାରା ଶମ୍ଭୁକାଭିସେକମ୍, ରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ମଣିପୁର ଦ୍ୱାରା ଅପରାଜିତମ୍, ଡ. ରାମଜୀ ମେହେଟା ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ଦ୍ୱାରା ସମାନମସ୍ତୁ ବୋ ମନ, କାଳିଆଚୌକ ବିକ୍ରମ କେଶରୀ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ପଶ୍ଚିମବଙ୍ଗ ଆଶ୍ଚର୍ଯ୍ୟ କରମେବ, ଲକ୍ଷ୍ମୀଦେବୀ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ଝାଡଖଣ୍ଡ ଦ୍ୱାରା ଦାୟମାନମ୍ ଏବଂ ଅନ୍ତିମରେ ଶ୍ରୀସଦାଶିବ ପରିସରପୁରୀର କଳାକାର ମାନଙ୍କ ଦ୍ୱାରା କୌଣ୍ଡିନ୍ୟ ପ୍ରହସନମ୍ ମଞ୍ଚସ୍ଥ ହୋଇଥିଲା। ଏହାଛଡା ସଦାଶିବ ପରିସର ଛାତ୍ର ସୁଧାଂଶୁ ଶେଖର ଦାଶଙ୍କ ଦ୍ୱାରା ସଂସ୍କୃତ ପାଲା ମଞ୍ଚସ୍ଥ ହୋଇଥିଲା।

**'କୌଣ୍ଡିନ୍ୟ ପ୍ରହସନମ୍' ପ୍ରଥମ**

ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଶ୍ରୀସଦାଶିବ ପରିସର ପୁରୀର କୌଣ୍ଡିନ୍ୟ ପ୍ରହସନମ୍ ରୂପକ ପ୍ରଥମ, କାଳିଆଚୌକ ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ଦ୍ୱାରା ମଞ୍ଚସ୍ଥ ରୂପକ ଆଶ୍ଚର୍ଯ୍ୟ କରମେବ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ପାଇଛି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସର ଅଗରତାଲା ଦ୍ୱାରା ପ୍ରସ୍ତୁତ ରୂପକ ଶମ୍ଭୁକା ଭିଷେକମ୍। ଶ୍ରେଷ୍ଠ ଅଭିନେତା ଭାବେ ଶ୍ରୀସଦାଶିବ ପରିସରର ଛାତ୍ର ସିଦ୍ଧାର୍ଥ ଶଙ୍କର, ଅଭିନେତ୍ରୀ ଭାବେ କାଳିଆଚୌକ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀ ଅନୁଶ୍ରୀ ଜାନା ଏବଂ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସଦାଶିବ ପରିସରର ଅଧ୍ୟାପକ ଡ. ସୁବ୍ରତ ଷଡଙ୍ଗୀ ପୁରସ୍କୃତ ହେଇଛନ୍ତି। ବିଚାରକ ଭାବେ ପ୍ରଫେସର୍ ଏନ୍.ସି. ପଣ୍ଡା, ଡ. ନାରାୟଣ ଦାଶ, ବଦ୍ରି ମିଶ୍ର ରହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ସୁଶାନ୍ତ କୁମାର ରାଜ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଭବ ଅଭିଭାଷଣ ପ୍ରଦାନ କରିଥିଲେ ଶ୍ରୀରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବୁଦ୍ଧେଶ୍ୱର ଷଡଙ୍ଗୀ। ମହୋତ୍ସବର ଯୁଗ୍ମ ସଂଯୋଜକ ଡ. ବିଶ୍ୱନାଥ ମିଶ୍ର ପୁରସ୍କାର ବିବରଣୀ ଘୋଷଣା କରିଥିବାବେଳେ ଧନ୍ୟବାଦ ଦେଇଥିଲେ ପ୍ରଫେସର୍ କିଶୋର ଚନ୍ଦ୍ର ଦଳାଇ। ସଂଯୋଜନା କରିଥିଲେ ସଂଯୋଜକ ଡ. ସୁବ୍ରତ ଷଡଙ୍ଗୀ।

## ଦିଲ୍ଲୀରେ ଆପ୍‌ର ବିଜୟ ପାଇଁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ



ପୁରୀ,୧୦।୧(ସମିସ): ଦିଲ୍ଲୀ ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍) ଚତୁର୍ଥ ଥର ବୃହତ ବିଜୟ ଲାଭ କରି ସରକାର ଗଠନ କରିବା ପାଇଁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆପ୍ ପୁରୀ ଜିଲ୍ଲା ନଗର ସଭାପତି ଦେବ ପ୍ରଧାନଙ୍କ ନେତୃତ୍ୱରେ ଦୀପଦାନ କରାଯାଇଛି। ଦିଲ୍ଲୀରେ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହେଇଛି। ଫରିସ୍ତେ ଯୋଜନାଠାରୁ ଆରମ୍ଭ କରି ମହଲ୍ଲା କ୍ଲିନିକ ଏବେ ସରକାର ହେଲେ ସଂଜୀବନୀ ଯୋଜନା ମାଧ୍ୟମରେ ସମସ୍ତ ବରିଷ୍ଠ ନାଗରିକଙ୍କ ଯତ୍ନ ନିଆଯିବ। ଦିଲ୍ଲୀରେ ୨୦୦ ୟୁନିଟ୍ ମାଗଣା ବିଜୁଳି ସହିତ ୪୦୦ ୟୁନିଟ୍ ଅଧା ଦାମରେ ପ୍ରଦାନ କରାଯାଉଛି। ସବୁଠୁ ବଡ଼ କଥା ହେଲା ଏଥର ଆପ୍ ଏକ ନୂଆ ଯୋଜନା ପୂଜାରୀ ଗ୍ରନ୍ଥି ସମ୍ମାନ ଯୋଜନା ଆଣୁଛି। ଏହା ମାଧ୍ୟମରେ ସମସ୍ତ ପୂଜାରୀଙ୍କୁ ମାସିକ ୧୮ ହଜାର ଟଙ୍କା ଦିଆଯିବ। ଏହାବ୍ୟତୀତ ପାଣି, କୃଷି, ଶିକ୍ଷାଠାରୁ ମହିଳା ମାନଙ୍କ ସୁରକ୍ଷା ଏବଂ ସମୃଦ୍ଧି ପାଇଁ କେଜ୍ରିୱାଲ ଗ୍ୟାରେଣ୍ଟି ଦେଇଛନ୍ତି। ଏଥର ମଧ୍ୟ ଦିଲ୍ଲୀରେ ଆପ୍ ବିଜୟ ରଥକୁ ଆଗେଇ ନେବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଓଡିଶାରୁ ଅନେକ ସାଥୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ଏବଂ ପୁରୀ ବିଧାୟକ ପ୍ରାର୍ଥୀ ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱରେ ଦିଲ୍ଲୀ ଯାଇଛନ୍ତି। ତେବେ ଏହି ଦୀପଦାନ କାର୍ଯ୍ୟକ୍ରମରେ ଦେବ ପ୍ରଧାନ, ଅନିଲ ସେନାପତି, ତୋଫାନ ବିଶ୍ୱାଳଙ୍କ ସମେତ ମହିଳା କର୍ମୀ ଉପସ୍ଥିତ ଥିଲେ।

## ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ

ପୁରୀ,୧୦।୧(ସମିସ): ପୁରୀର ନୂତନ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ ଡ. ଶରତ ଚନ୍ଦ୍ର ମହାପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଥିବା କୈଳାସ ଚନ୍ଦ୍ର ନାୟକ ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଶ୍ରୀ ନାୟକଙ୍କର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇ ଥିବାବେଳେ ଡ. ମହାପାତ୍ର ଏହା ପୂର୍ବରୁ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ ଥିଲେ।

## ପ୍ରଫେସର୍ ସୁକାନ୍ତ ସେନାପତି ସମ୍ବର୍ଦ୍ଧିତ

ପୁରୀ,୧୦।୧(ସମିସ): ସଂସ୍କୃତ ଭାଷା ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ କେବଳ ଭାରତ ବର୍ଷ ନୁହେଁ ସୁଦୂର ଅଷ୍ଟ୍ରେଲିଆ ମାଟିରେ ପ୍ରଚାର ପ୍ରସାର କରି ଭାରତ ବର୍ଷର ସୁନାମ ଆଣିଛନ୍ତି ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁକାନ୍ତ କୁମାର ସେନାପତି। ତେଣୁ ପ୍ରଫେସର ସେନାପତିଙ୍କୁ ନିର୍ମାଲ୍ୟ, ଓଡ଼ିଶା ଯୁବ ଚେତନା ସଙ୍ଗଠନ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶା ଓ ଭକ୍ତି ନିର୍ମାଲ୍ୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଡ଼ଦାଣ୍ଡସ୍ଥିତ ଅର୍ଦ୍ଧାସିନୀ ମାଉସୀ ମା'ଙ୍କ ମନ୍ଦିର



ପରିସରରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପୁରୀର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ, ପ୍ରଫେସର ସୁଶାନ୍ତ କୁମାର ରାଜ୍, ରଘୁନାଥ ସାହୁ, ସେବାୟତ ବିଶ୍ୱନାଥ ସାମନ୍ତରା ଓ ଅନନ୍ତ ତିଆଡି, ରାଜେଶ ମହାନ୍ତି, ଶମ୍ଭୁନାଥ ମହାଳିକ, ଡାକ୍ତର ହରିବଲ୍ଲଭ ମହାପାତ୍ର ଓ ଦେବେନ୍ଦ୍ର ନନ୍ଦ ପ୍ରମୁଖ ପ୍ରଫେସର ସେନାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ବିଶ୍ୱନାଥ ମିଶ୍ରଙ୍କ ପରିଚାଳନା ଏବଂ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପୁରୀ ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

# ଅଭିଜିତ୍‌ଙ୍କ ସଙ୍ଗୀତରେ ଦର୍ଶକ ମତୁଆଲା

ପୁରୀ,୧୦।୧(ସମିସ)







ପୁରୀ ବେଳାଭୂମି ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁନିଲ କୁମାର ମହାନ୍ତି ଯୋଗଦେଇ ଏହି ମହୋତ୍ସବ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ। ପୁରୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ଭାବେ ସୁନାମ ଅର୍ଜନ କରିଛି। ବେଳାଭୂମି ମହୋତ୍ସବ ସେଥିରେ ଏକ ନୂତନ ଫର୍ଦ୍ଦ ଯୋଡିଛି। ଏହି ମହୋତ୍ସବକୁ ସମସ୍ତେ ମିଶି ନିୟମିତ କରିବାକୁ ସେ ଅନୁରୋଧ କରିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ଏସ୍‌ପି ବିନୀତ ଅଗ୍ରୱାଲ, ବିଦାୟୀ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡ. ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପଲ୍ଲିଶ୍ରୀ ମେଳା, ଗୁଡ଼ିଉଡା ପ୍ରଦର୍ଶନୀ, ପୁଷ୍ପ ପ୍ରଦର୍ଶନୀ ଓ ବିଚ୍ କ୍ରୀଡାରେ କୃତିତ୍ୱ ହାସଲକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରଘୁରାଜପୁରର ପ୍ରସିଦ୍ଧ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ସୁନାମ ଧନ୍ୟ କଣ୍ଠଶିଳ୍ପୀ ଅଭିଜିତ ସାୱନ୍ତଙ୍କ ଦ୍ୱାରା ମନଛୁଆଁ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୁଶୀଲ ମିଶ୍ର, ଉପଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ପ୍ରଶାନ୍ତ ଜେନା, ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

ସକାଳ THE SAKALA

www.sakalaepaper.com

ଶନିବାର
୧୧ ଜାନୁଆରୀ, ୨୦୨୫



# ୬ ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟରେ ବିକ୍ଷୋଭ

## ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ



ଡେଲାଙ୍ଗ,୧୦।୧(ସମିସ): ଲଘୁଚାପଜନିତ ଅଦିନିଆ ବର୍ଷାରେ ଚାଷୀମାନଙ୍କର ହୋଇଥିବା କ୍ଷୟକ୍ଷତିର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଡେଲାଙ୍ଗ ବ୍ଲକ ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଭିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୋର୍ଚ୍ଚା ତରଫରୁ ଚାଷୀମାନେ କ୍ଷତିଗ୍ରସ୍ତ ଧାନ କଳେଇ ଧରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେଲାଙ୍ଗ ତହସିଲଦାର ସନ୍ତୋଷିନୀ ଦାସଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ ଅଦିନିଆ ବର୍ଷାଜନିତ ଧାନ ଚାଷର କ୍ଷତି ଭରଣା ପାଇଁ ଏକର ପିଛା ସର୍ବନିମ୍ନ ୨୫ହଜାର ଟଙ୍କା ଓ ପନିପରିବା ଏବଂ ଅନ୍ୟାନ୍ୟ ଅର୍ଥକରୀ ଫସଲ ପାଇଁ ଏକର ପିଛା ୪୦ହଜାର ଟଙ୍କା ପ୍ରଦାନ ଦାବି କରିଛନ୍ତି। ମଣ୍ଡିରେ ହେଉଥିବା କଟନିଛଟନି ଓ ଅରାଜକତା ବନ୍ଦକରି ଚାଷୀ ଓ ଭାଗଚାଷୀ ମାନଙ୍କର ସବୁ ଧାନକୁ ପୂର୍ବ ପ୍ରତିଶ୍ରୁତି ମୁତାବକ ୩୧୦୦ ଟଙ୍କାରେ ନେବା, ସମସ୍ତ ଚାଷୀଙ୍କୁ ବୀମାଭୁକ୍ତ କରାଯାଇ ମାଗଣା ସାର, ବିହନ, ଔଷଧ ପ୍ରଦାନ କରାଯିବା ସହିତ ଆବଶ୍ୟକସ୍ଥଳେ ସୁଧମୁକ୍ତ ଋଣ ପ୍ରଦାନ କରିବା ପ୍ରମୁଖ ଦାବି ରହିଛି। କ୍ଷତିଗ୍ରସ୍ତ ଚାଷ ଜମିକୁ ଦେଖି ଆତ୍ମହତ୍ୟା ତଥା ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ଚାଷୀମାନଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହିତ ସମସ୍ତ ଚାଷୀମାନଙ୍କର କୃଷିଋଣ ଛାଡ କରାଯିବାକୁ ଦାବି କରାଯାଇଛି। କୃଷକ ନେତା ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ମୋର୍ଚ୍ଚାର ସଦସ୍ୟ ନିର୍ମଳ ପରିଡା, ପ୍ରସନ୍ନ କୁମାର ମହାରଥି, ଅଧିକାରୀ ପ୍ରଧାନ, ଅମରେନ୍ଦ୍ର ସୁବୁଦ୍ଧି, କବିଚରଣ ପ୍ରଧାନ, ଅଜୟ କୁମାର ମହାନ୍ତି, ସତ୍ୟମନ୍ୟୁ ପ୍ରଧାନ, ସୁଦୀପ୍ତ ନାୟକ ଓ ନିରୂପମା ପାତ୍ରଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

■ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଘଟଣା

# ପ୍ରଧାନଶିକ୍ଷକ ଓ ସିଆର୍‌ସିସିଙ୍କୁ ରିପୋର୍ଟ ତଲବ

ଗୋପ,୧୦।୧(ସମିସ): ଗତ ୮ ତାରିଖ ଦିନ ଗୋପ ବ୍ଲକ୍ ଅଧିନ ବୀରତୁଙ୍ଗ ପଞ୍ଚାୟତ ସ୍ଥିତ ବୀରତୁଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀର ଛାତ୍ର ବିଶ୍ୱଜିତ କାଣ୍ଡିଙ୍କୁ ଜନୈକ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ନେଇ ଛାତ୍ରଙ୍କ ବାପା ବଂଶୀଧର କାଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମେତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଗୋପ ବ୍ଲକ୍ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା ସିଆର୍‌ସିସି କିଶୋର ଚନ୍ଦ୍ର ମାଝି ଓ ପ୍ରଧାନଶିକ୍ଷକ ଟୁନିଲତା ଦେଇଙ୍କୁ ରିପୋର୍ଟ ତଲବ କରିଛନ୍ତି। ବିଦ୍ୟାଳୟ ପରିସର ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିବା ବେଳେ ମାଡ଼ ଘଟଣା ସମ୍ପର୍କରେ କ'ଣ ପାଇଁ ଉଚ୍ଚ ପଦାଧିକାରୀଙ୍କୁ ନ ଜଣାଇଲେ ସେଥିପାଇଁ ତା'ର ଉତ୍ତର ରଖିବା ସହ କେଉଁ ପରିସ୍ଥିତିରେ ଓ କ'ଣ ପାଇଁ ୨ୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମରାଯାଇଥିଲା ତାର ସବିଶେଷ ତଥ୍ୟ ଦୁଇ ଦିନ ମଧ୍ୟରେ ପ୍ରଦାନ କରିବାକୁ ଶ୍ରୀ ବ୍ରହ୍ମା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଶିକ୍ଷୟିତ୍ରୀ ଦୀପାଞ୍ଜଳି ବେହେରାଙ୍କ ପୁଅର ଚପଲ କୌଣସି ଏକ ପିଲା ଭୁଲ ବଶତଃ ନେଇଯାଇଥିବା ବେଳେ ଏଥିରେ ଶିକ୍ଷୟିତ୍ରୀ ଉତ୍‌କ୍ଷିପ୍ତ ହୋଇ ବିଶ୍ୱଜିତ୍‌ଙ୍କୁ ମାଡ଼ ମାରିଥିଲେ। ଫଳରେ କୁଆଡ଼େ ବିଶ୍ୱଜିତ ଶ୍ରେଣୀଗୃହରେ ବେହୋସ ହୋଇ ପଡ଼ି ରହିଥିଲେ। ଖବର ପାଇ ତାଙ୍କ ବାପା ବିଦ୍ୟାଳୟରେ ପହଞ୍ଚି ପୁଅକୁ ଡ଼ାକ୍ତରଖାନା ନେଇଥିଲେ। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀ ବ୍ରହ୍ମା କହିଛନ୍ତି, ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମରାଯିବା ନେଇ ସେ ଲିଖିତ ଅଭିଯୋଗ ପାଇବାରେ ରିପୋର୍ଟ ତଲବ କରାଯାଇଛି। ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କଣାସରେ ଖୋଲୁନି ଧାନ ମଣ୍ଡି

କଣାସ,୧୦।୧(ସମିସ): କଣାସ ବ୍ଲକରେ ଖରିଫ ଧାନ ବିକ୍ରି ପାଇଁ ଚାଷୀ ଅନାଇ ରହିଛନ୍ତି। ହେଲେ ଅଦ୍ୟାବଧି ମଣ୍ଡି ଢ଼େଖାଲି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଣ୍ଡିରେ ଧାନ ବିକ୍ରି ପାଇଁ ୧୨ଟି ସମବାୟ ସମିତରେ ଚାଷୀମାନେ ପଞ୍ଜିକରଣ କରିଛନ୍ତି। ଖବର ନେବାରେ ଜଣାପଡିଛି ଯେ ଚାଷୀମାନେ ଏପର୍ଯ୍ୟନ୍ତ ସେବା ସମବାୟ ସମିତି ସହିତ ମନ୍ଦାକିନୀ, ବକୁ, ଭରଷା, ସାହୁପଡା, ମା' କୁଞ୍ଜେଶ୍ୱରୀ, ତ୍ରିଲୋଚନପୁର, ବାଙ୍କେଶ୍ୱର ଦେବ, ବାନାମ୍ବର ଦେବ, ସିରେଇ, ଶ୍ୟାମାକାଳୀ, ଗୋପବନ୍ଧୁ, ଗଡସାନପୁଟ ସହିତ ମିଲରମାନଙ୍କୁ ଟ୍ୟାଗ କରାଯାଇ ନ ଥିବା ଓ ଚାଷୀମାନଙ୍କୁ ଏ ପର୍ଯ୍ୟନ୍ତ ଟୋକନ ମିଳି ନ ଥିବା ପ୍ରକାଶ କରିଛନ୍ତି। ଅନେକ ଚାଷୀ ବ୍ୟାଙ୍କ ଓ ସମିତିମାନଙ୍କରୁ ଋଣ ଆଣି ଚାଷ କାର୍ଯ୍ୟରେ ଲଗାଇଥିଲେ। ଗତ ଲଘୁଚାପ ବର୍ଷା ଯୋଗୁ କ୍ଷତି ସହିବା ସହିତ ଯାହା କିଛି ଧାନ ବଞ୍ଚି ଯାଇଛି ତାହା ଅମଳ କରିବା ଦିଗରେ ଖର୍ଚ୍ଚାନ୍ତ ହୋଇଛନ୍ତି। ଧାନମଣ୍ଡି ନ ଖୋଲିବାରୁ ଚାଷୀମାନେ ବାହାର ରାଜ୍ୟର ଧାନ ମାଫିଆଙ୍କୁ ଶାଗ ମାଛ ଦରରେ ବାଧ୍ୟ ହୋଇ ଧାନ ବିକ୍ରି କରୁଛନ୍ତି। ସେବା ସମବାୟ ସମିତି ସହିତ ମିଲରମାନଙ୍କୁ ଟ୍ୟାଗ କରାଯାଇ ଚାଷୀମାନଙ୍କଠାରୁ ଯଥାଶୀଘ୍ର ଧାନ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଫସଲ କ୍ଷତିକୁ ନେଇ ତହସିଲଦାରଙ୍କୁ ଭେଟିଲେ ଚାଷୀ ପ୍ରତିନିଧି



କାକଟପୁର,୧୦।୧(ସମିସ): ଅଦିନିଆ ବର୍ଷାରେ ବ୍ୟାପକ କ୍ଷତି ସହିଥିବା ଚାଷୀଙ୍କୁ ସରକାରୀ ସ୍ତରରେ କ୍ଷତିପୂରଣ ଦେଇଥିବା ବେଳେ କାକଟପୁର ବ୍ଲକ ସେଥିରୁ ବାଦ ପଡିଛି। ସେ ନେଇ ଶୁକ୍ରବାର କାକଟପୁର ପଞ୍ଚାୟତ ବାବେନିପଦା ଗ୍ରାମର ଚାଷୀ କରୁଣାକର ସେନାପତି ଗଜା ହୋଇଥିବା ଧାନ ଗଛ ଧରି ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କ୍ଷତିପୂରଣ ନେଇ କାକଟପୁର ବ୍ଲକ ବଞ୍ଚିତ ହେବା ନେଇ ସେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତହସିଲଦାର କହିଛନ୍ତି ଯେ ଏସଆରସି ନିୟମ ଅନୁଯାୟୀ କାକଟପୁର ବ୍ଲକରେ କ୍ଷତିର ପରିମାଣ ୩୩ ପ୍ରତିଶତ ହୋଇନି ତେଣୁ ଏହି ବ୍ଲକ ବାଦ ପଡ଼ିଛି। ଶ୍ରୀ ସେନାପତି ଏଥିରେ ସନ୍ତୁଷ୍ଟ ନ ହୋଇ ଧରିଥିବା ଧାନ ଗଛ ବିଡାକୁ ନେଇ କୃଷି କାର୍ଯ୍ୟାଳୟରେ ପହଞ୍ଚିଥିଲେ। କୃଷି ବିଭାଗର ଅଧିକାରୀ ମାନେ ପୁରୀ ବୈଠକକୁ ଯାଇଥିବା ଜାଣି ଉକ୍ତ ଧାନ ବିଡାକୁ କାର୍ଯ୍ୟାଳୟ ପରିସରରେ ଛାଡି ନିରାଶରେ ଫେରିଥିଲେ।

# ଗାଁ ଠାକୁରାଣୀ ପୋଖରୀ ନିଲାମକୁ ନେଇ ବିବାଦ

## ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ତଦନ୍ତ



ଅସ୍ତରଙ୍ଗ,୧୦।୧(ସମିସ): ଅସ୍ତରଙ୍ଗ ବ୍ଲକ ଛୁରିଅନା ପଞ୍ଚାୟତ ସଅନ ଗ୍ରାମରେ ଗାଁ ଠାକୁରାଣୀଙ୍କ ପୋଖରୀ ନିଲାମକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ସରପଞ୍ଚ ନିଜ ଦଳୀୟ ଲୋକଙ୍କ ସ୍ୱାର୍ଥ ସାଧନ ପାଇଁ ଠାକୁରାଣୀଙ୍କ ରେକର୍ଡ ଭୁକ୍ତ ପୋଖରୀକୁ ପଞ୍ଚାୟତ ପୋଖରୀ ଦର୍ଶାଇ ବ୍ଲକ ମତ୍ସ୍ୟ ଅଧିକାରୀଙ୍କ ମାର୍ଫତରେ ନିଲାମ କରିଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହି ଘଟଣାକୁ ନେଇ ଗ୍ରାମର ମନୋଜ ନାୟକ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ପୋଖରୀଟି ଗ୍ରାମ ଠାକୁରାଣୀଙ୍କ ରେକର୍ଡ ସମ୍ପତ୍ତି। ମତ୍ସ୍ୟ ବିଭାଗ ନିୟମ ଅନୁଯାୟୀ ପୋଖରୀର କ୍ଷେତ୍ରଫଳ ୫୦ ଡିସିମିଲି ହେଲେ ତାହା ପଞ୍ଚାୟତ ମାର୍ଫତରେ ନିଲାମ କରାଯାଇ ପାରିବ। କିନ୍ତୁ ତହସିଲ ରେକର୍ଡରେ ଉକ୍ତ ପୋଖରୀ ମାତ୍ର ୧୩ ଡିସିମିଲି ରହିଛି। କିଭଳି ସରପଞ୍ଚ ଏହାକୁ ବେଆଇନ ଭାବେ ନିଲାମ କଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସରପଞ୍ଚ କ୍ଷୀରୋଦ କାଣ୍ଡି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରି କହିଛନ୍ତି ଯେ ଗ୍ରାମର ସାମୂହିକ ସ୍ୱାର୍ଥ ପାଇଁ ପୋଖରୀ ନିଲାମ ହୁଏ। ଆଗରୁ ୧୧ ହଜାର ଥିଲା ଏବେ ନିଲାମ ୧ ଲକ୍ଷରେ ପହଞ୍ଚିଲା। ଅଭିଯୋଗ ଆଣୁଥିବା ବ୍ୟକ୍ତି ଏହି ନିଲାମ ପର୍ବରେ ସାମିଲ ହୋଇଛନ୍ତି କିନ୍ତୁ କାହିଁକି ଏହିଭଳି ଅଭିଯୋଗ ଆଣୁଛନ୍ତି ବୋଲି ସେ ଓଲଟି ପ୍ରଶ୍ନ କରିଛନ୍ତି। ଅଭିଯୋଗ ପରେ ଘଟଣାସ୍ଥଳକୁ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସଙ୍ଘମିତ୍ରା ପାଣିଗ୍ରାହୀ ଆସି ତଦନ୍ତ କରିଛନ୍ତି। ପୋଖରୀର ସମସ୍ତ ରେକର୍ଡ କାଗଜପତ୍ର ହସ୍ତଗତ ପରେ ଆଗକୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ କାୟାକଳ୍ପ ଟିମ୍



କଣାସ,୧୦।୧(ସମିସ): ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ପରେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଧ୍ୟାନ କରିଛନ୍ତି । ଏହି ଟିମ୍‌ରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟର ପରାମର୍ଶଦାତା ମାନସ କୁମାର ଏବଂ ୟୁନିସେଫର ସଂଯୋଜକ ହେମନ୍ତ କୁମାର ଦାସ ସାମିଲ ଥିଲେ। ଉକ୍ତ ଟିମ୍ ଡାକ୍ତରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହିତ କର୍ମଚାରୀ ଓ ରୋଗୀଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ଷଣାବେକ୍ଷଣ, ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା, ଡାକ୍ତରଖାନା ବର୍ଜ୍ୟବସ୍ତୁ ପରି.ଳନା, ସଂକ୍ରମଣ ପ୍ରତିରୋଧ, ରୋଗୀ ସହଯୋଗ ସେବା ଓ ଡାକ୍ତରଖାନା ପରିସର ବାହାର ସହଯୋଗ ଏବଂ ପରିବେଶ ଉପଯୋଗୀ ଆଦି ଆଠ ଗୋଟି ବିଭାଗୀୟ ମାନଦଣ୍ଡକୁ ଉକ୍ତ ଟିମ୍ ଅନୁଧ୍ୟାନ କରିଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ମ୍ୟାନେଜର୍ ଟି. ନାରାୟଣ ରାଓ, କ୍ୱାଲିଟ୍ ମ୍ୟାନେଜର୍ ସୁଶ୍ରୀ କସ୍ତୁରୀ ପ୍ରିୟମ୍ବଦା ଟିମ୍ ସଦସ୍ୟଙ୍କୁ ସହଯୋଗ କରିଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ସମ୍ବିତ ରଞ୍ଜନ ଜେନା, ଡାକ୍ତର ସୌମ୍ୟରଞ୍ଜନ ସେଠୀ, ଡାକ୍ତର ସ୍ମୃତିରେଖା ବଳିୟାରସିଂହ, ଡାକ୍ତର ଶ୍ରେଷ୍ଠା ମହାପାତ୍ର, ଡାକ୍ତର ଅବନୀ ରଞ୍ଜନ ପାତ୍ର, ଡାକ୍ତର ଜଗନ୍ନାଥ ବେହେରା, ବିପିଏମ୍ ଧନେଶ୍ୱର ସ୍ୱାଇଁ, ଆକାଉଣ୍ଟସ ମ୍ୟାନେଜର ଶିବପ୍ରସାଦ ଦୀକ୍ଷିତ୍, ଡାଟା ମ୍ୟାନେଜର କୃଷ୍ଣଚନ୍ଦ୍ର ବରାଳ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣଲତା ରଥ, ତପନ କୁମାର ଚୌଧୁରୀ, କଳିଙ୍ଗ କୁମାର ଉପାଧ୍ୟାୟ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବର୍ଜ୍ୟ ଜଳ ବିଶୋଧନ ପ୍ରକ୍ରିୟା କରି ସେହି ଜଳକୁ ପୁନଃ ବଗିଚା ଇତ୍ୟାଦି କାର୍ଯ୍ୟରେ ବିନିଯୋଗ କରିବା ପ୍ରୟାସକୁ ଅନୁଧ୍ୟାନ ଟିମ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରକାଶ ଥାଉକି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଗତ ଦୁଇ ବର୍ଷ ଧରି କାୟାକଳ୍ପ ପୁରସ୍କାର ପାଇ ଆସୁଅଛି।

■ ରାଜ୍ୟସ୍ତରୀୟ ୨୯ତମ ନିମାପଡା କପ୍ କ୍ରିକେଟ୍

# ଫାଇନାଲରେ ଖୋର୍ଦ୍ଧା ରେଳବାଇ




ନିମାପଡା,୧୦।୧(ସମିସ): ନିମାପଡା ଆଥ୍‌ଲେଟିକ ଆସୋସିଏସନ ଦ୍ୱାରା ନିମାପଡା ବାରବାଟୀ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ୨୯ ତମ ନିମାପଡା କପ୍ ଓ ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ରେଳବାଇ ୭ ଉଇକେଟରେ ପାରାଦୀପ କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ୩୦ ଓଭର ବିଶିଷ୍ଟ ମ୍ୟାଚରେ ପାରାଦୀପ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ୍ କରିଥିଲ। ପ୍ରତିପକ୍ଷ ଖୋର୍ଦ୍ଧା ରେଳବାଇ ବୋଲର ସମୀର ମହାନ୍ତି ୩ଟି ଉଇକେଟ ନେଇଥିବା ବେଳେ ପ୍ରଦୀପ ଦାସ ଓ ଜୟନ ବେହେରା ଉଭୟ ୨ଟି ଲେଖାଏଁ ଉଇକେଟ ଅକ୍ତିୟାର ଥିଲେ। ଏହାର ଜବାବରେ ଖୋର୍ଦ୍ଧା ରେଳବାଇ ୧୭ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ପ୍ରଦୀପ ଦାସ ୬୦ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ଓଡିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ରାକେଶ ମହାନ୍ତି, ସମ୍ମାନୀତ ଅତିଥି ଆଥଲେଟିକ ଆସୋସିଏସନ ସଂପାଦକ ଜୀବନାନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ମ୍ୟାଚକୁ ନିର୍ମଳ କୁମାର ମିଶ୍ର ଓ ତ୍ରିଭୁବନ ଦାଶ ପରିଚାଳନା କରିଥିଲେ। ସ୍କୋରରେ ଭାବେ ଓମ୍ ରଂଜନ ପ୍ରଧାନ ଓ ରୋଶନଜିତ ରାୟ ଧାରା ବିବରଣୀ ପ୍ରଦାନ କରିଥିଲେ। ଜ୍ୟୋତି ରଂଜନ ସାହୁ, ପ୍ରଦୀପ ପଣ୍ଡା, ଅଭିନନ୍ଦନ ପାତ୍ର , ଅଶୋକ ସାହୁ, ଆଲୋକ ଜେନା, ବିଶ୍ୱଜିତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ରବିବାର ଦିନ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଓ ରେଲୱେ ଟିମ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ରିକେଟ ସଂପାଦକ ଅକ୍ଷୟ ବେହେରା ସୁଚନା ଦେଇଛନ୍ତି। ଚାମ୍ପିଅନ ଟିମକୁ ୬୦ହଜାର ଟଙ୍କା ସହ ପ୍ରଥମ ତାପସ ଦାସ ମେମୋରିଆଲ ଟ୍ରଫି ଓ ରନର୍ସ ଅଫ ଟିମକୁ ୩୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆଥ୍‌ଲେଟିକ ଆସୋସିଏନ ପକ୍ଷରୁ ସୂଚନା ଦିଆଯାଇଛି।

# ଚାରିଛକ ଥାନାକୁ ପୂରିଲା ୨ ବର୍ଷ; ଷ୍ଟାଫ୍ ରହୁଛନ୍ତି ଭଡ଼ା ଘରେ

ଚାରିଛକ,୧୦।୧(ସମିସ): ପୁରୀ ଜିଲ୍ଲାର ଚାରିଛକ ଥାନାକୁ ଜାନୁୟାରୀ ୯କୁ ଦୁଇ ବର୍ଷ ପୂରିଲା। ହେଲେ ଏଠାରେ ଷ୍ଟାଫଙ୍କ ପାଇଁ କ୍ୱାର୍ଟର ନ ଥିବା ବେଳେ ବ୍ୟାରେକ ବ୍ୟବସ୍ଥା ମଧ୍ୟ ନାହିଁ। ଷ୍ଟାଫ କ୍ୱାର୍ଟର ନ ଥିବାରୁ କର୍ମଚାରୀମାନେ ବାହାରେ ଭଡାରେ ଘର ନେଇ ରହୁଛନ୍ତି। ରାଜ୍ୟ ସରକାର ଏହି ଥାନା ପାଇଁ ନୂତନ ଗୃହ, ବ୍ୟାରେକ୍, ଷ୍ଟାଫ କ୍ୱାର୍ଟର ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଆମ ପୁଲିସ କାର୍ଯ୍ୟକ୍ରମ, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ବଜାର ସଫେଇ, ଜୁଏଲାରୀ ଦୋକାନୀମାନଙ୍କୁ ସଚେତନତା କରାଇବା, ନାକାବନ୍ଦୀ, ଗାଡି ମଟର ଯାଞ୍ଚ, କଲେଜ ଛାତ୍ରୀମାନଙ୍କୁ ସଚେତନ କରାଇବା ଦିଗରେ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରୟାସ ଜାରି ରଖିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ୨୯୯ଟି ମାମଲା ରୁଜୁ ହୋଇଥିବା ବେଳେ ୨୨୯ଟି ମାମଲା ରଫାଦଫା ହୋଇଛି। ବିଭିନ୍ନ ମାମଲାରେ ୧୦୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।


Sahitya Akademi — Ministry of Culture, Government of India

ସାହିତ୍ୟ ଅକାଦେମି
ଆୟୋଜିତ
ଯୁବ ପୁରସ୍କାର ୨୦୨୪
ଏବଂ
ପୁରସ୍କାର ପ୍ରାପକ ସମ୍ମିଳନୀ
୧୨-୧୩ ଜାନୁଆରି ୨୦୨୫
ଆପଣଙ୍କୁ ସାଦର ଆମନ୍ତ୍ରଣ

**ରବିବାର, ୧୨ ଜାନୁଆରି ୨୦୨୫, ସନ୍ଧ୍ୟା ୫ଟା**

ଯୁବ ପୁରସ୍କାର ୨୦୨୪
ଅର୍ପଣ ସମାରୋହ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪

କାର୍ଯ୍ୟସୂଚୀ
ଆବାହନୀ ସଙ୍ଗୀତ
ସ୍ୱାଗତ ଭାଷଣ : କେ. ଶ୍ରୀନିବାସରାଓ, ସଚିବ, ସାହିତ୍ୟ ଅକାଦେମି
ସଭାପତିଙ୍କ ଅଭିଭାଷଣ : ମାଧବ କୌଶିକ, ସଭାପତି, ସାହିତ୍ୟ ଅକାଦେମି
ଯୁବ ପୁରସ୍କାର ୨୦୨୪ ଅର୍ପଣ
ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ : ଜେରି ପିଣ୍ଟୋ, ବିଶିଷ୍ଟ ଇଂରାଜୀ କବି
ସମାପନୀ ବକ୍ତବ୍ୟ : କୁମୁଦ ଶର୍ମା, ଉପ-ସଭାପତି, ସାହିତ୍ୟ ଅକାଦେମି

**ସୋମବାର, ୧୩ ଜାନୁଆରି ୨୦୨୫, ପୂର୍ବାହ୍ନ ୧୦:୩୦**

ପୁରସ୍କାର ପ୍ରାପକ ସମ୍ମିଳନୀ
(ପୁରସ୍କାର ପ୍ରାପକମାନେ ନିଜ ସୃଜନାତ୍ମକ ଅନୁଭବ ପ୍ରକାଶ କରିବେ)
ବୁଦ୍ଧମନ୍ଦିର ସଭାକକ୍ଷ, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ
ମଧୁସୂଦନ ମାର୍ଗ, ୟୁନିଟ-୯, ଭୁବନେଶ୍ୱର- ୭୫୧୦୨୨
ସଭାମୁଖ୍ୟ
କୁମୁଦ ଶର୍ମା
ଉପ-ସଭାପତି, ସାହିତ୍ୟ ଅକାଦେମି

ଯୁବ ପୁରସ୍କାର ୨୦୨୪ ପ୍ରାପକବୃନ୍ଦ
ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା)
ସେଲ୍‌ଫ ମେଡ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ)
କେ. ବୈଶାଳୀ (ଇଂରାଜୀ), ରିଙ୍କୁ ରଜେସିଂହ ରାଠୋଡ଼ (ଗୁଜୁରାଟୀ)
ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର. (କନ୍ନଡ଼)
ମୋହମ୍ମଦ ଆଶ୍ରଫ ଭଟ (ଆଶ୍ରଫ ଜିୟା) (କଶ୍ମିରୀ), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ)
ରିଙ୍କି ଝା ରିଷିକା (ମୈଥିଳି), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ)
ଥ୍ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ)
ସୁରଜ ଚାପାଗାଇଁ (ନେପାଳୀ), ସଂଜୟ କୁମାର ପଣ୍ଡା (ଓଡ଼ିଆ), ରଣଧୀର (ପଞ୍ଜାବୀ)
ସୋନାଲି ସୁଥର (ରାଜସ୍ଥାନୀ), ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ)
ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୂପାନି (ସିନ୍ଧି)
ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ)
ମୋହମ୍ମଦ ଜାଭେଦ ଅହମଦ (ଜାଭେଦ ଅମ୍ବର ମିସବାହୀ) (ଉର୍ଦ୍ଦୁ)

RSVP: 011-23386626/27/28, ROK: 033-24191784/06
Email: secretary@sahitya-akademi.gov.in
Website: www.sahitya-akademi.gov.in


# ଦୁଇ ଅନୁଷ୍ଠାନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ସାକ୍ଷୀଗୋପାଳ,୧୦।୧(ସମିସ): ପାର୍ବତୀ ଗୋବିନ୍ଦ ସ୍ମୃତି ସଂସଦ ଓ ସାଇ ସାହିତ୍ୟ ସଂସ୍ଥାନର ମିଳିତ ସହଯୋଗରେ ବିଳାସପୁର ଗ୍ରାମର ମହାବୀର ମନ୍ଦିର ନିକଟରେ ଏକ ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ମୁଖ୍ୟଅତିଥି ସମାଜସେବୀ ତଥା ସାହିତ୍ୟ ପତ୍ରିକାର ସମ୍ପାଦକ ରବୀନ୍ଦ୍ର ନାଥ ଷଡଙ୍ଗୀ କମ୍ବଳ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଚରଣ ପରିଡା, କବି ଗୀତାଞ୍ଜଳି ମହାପାତ୍ର, ଇଂ ପ୍ରଦୀପ କୁମାର ପ୍ରଧାନ ଓ ଶିକ୍ଷାବିତ ଶଶଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟଙ୍ଗ କବି ଶରତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା, ସାଇ ସାହିତ୍ୟ ସଂସ୍ଥାନର ସମ୍ପାଦକ ସୁଦର୍ଶନ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ତଥା ପୁଷ୍ପକାନ୍ତି ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ୬୮ ପ୍ରବାସୀ ଭାରତୀୟଙ୍କ ସାତପଡ଼ା ପରିଦର୍ଶନ



କୃଷ୍ଣପ୍ରସାଦ,୧୦।୧(ସମିସ): ରାଜ୍ୟ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଗହଣରେ ବିଦେଶରେ ରହୁଥିବା ୬୮ଜଣ ପ୍ରବାସୀ ଭାରତୀୟ କୃଷ୍ଣପ୍ରସାଦ ବ୍ଲକ ଅଧିନ ସାତପଡ଼ା ପରିବେଶ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଛନ୍ତି। ସେଠାରେ କୃଷ୍ଣପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡା, ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବରିଷ୍ଠ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ମାନସିଂହ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ କନିଷ୍ଠ ଯନ୍ତ୍ରୀ ଡମ୍ବରୁଧର ବିଶ୍ୱାଳ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନିଙ୍କ ନେତୃତ୍ୱରେ ସମସ୍ତ ପ୍ରବାସୀ ଭାରତୀୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶହ ଶହ ମହିଳାଙ୍କ ହୁଳହୁଳି ଧ୍ୱନିରେ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ପ୍ରଶାସନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଭବ୍ୟ ସମ୍ବର୍ଦ୍ଧନା ପାଇ ପ୍ରବାସୀ ଭାରତୀୟ ମାନେ ଆନନ୍ଦ ପ୍ରକାଶ କରିଥିଲେ। ପରେ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ ପକ୍ଷରୁ ଶବ୍ଦ ବିହୀନ ମୋଟର ଚାଳିତ ବୋଟରେ ଚିଲିକା ପରିଭ୍ରମଣ କରିଥିଲେ। ସେଠାରେ ବିଦେଶାଗତ ପକ୍ଷୀଙ୍କ ବିଚରଣ ସହ ଚିଲିକାର ନୀଳ ଜଳରାଶିରେ ଡ଼ଲଫିନଙ୍କ ଜଳକ୍ରୀଡା ଦୃଶ୍ୟକୁ ପ୍ରବାସୀ ଭାରତୀୟମାନେ ବେଶ ଉପଭୋଗ କରି ଆନନ୍ଦ ପ୍ରକାଶ କରିଥିଲେ। ପରେ ଇକୋ ପାର୍କ ସହିତ ପର୍ଯ୍ୟଟନ ପରିଦର୍ଶନ କେନ୍ଦ୍ର ପରିଦର୍ଶନ କରିଥିଲେ। ଦୀର୍ଘ ବର୍ଷ ପରେ ପ୍ରବାସୀ ଭାରତୀୟ ମାନଙ୍କୁ ପାଖରେ ପାଇ ସାତପଡ଼ା ବାସୀ ଗୌରବ ଅନୁଭବ କରିଥିଲେ। ଦୀର୍ଘ ୨ଘଣ୍ଟାରୁ ଉର୍ଦ୍ଧ୍ୱ କଡା ସୁରକ୍ଷା ବ୍ୟବସ୍ଥାରେ ପ୍ରବାସୀ ଭାରତୀୟ ମାନେ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରି ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଦକ୍ଷିଣ ଆଫ୍ରିକା, କେନିଆ, ଆମେରିକା, ଶ୍ରୀଲଙ୍କା, କାଲିଫର୍ନିଆରୁ ପ୍ରବାସୀ ଭାରତୀୟମାନେ ପରିଦର୍ଶନରେ ଆସିଥିଲେ।




# ସରିଲା ସମ୍ମିଳନୀ: ଅଲୋଡ଼ା ଅନୁଭୂତି ନେଇ ଫେରିଲେ ପ୍ରବାସୀ

**ଭୁବନେଶ୍ୱର/ପୁରୀ,୧୦।୧(ସମିସ):** ମହାଆଡ଼ମ୍ବରରେ ଆୟୋଜନ ହୋଇଥିବା ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଶେଷ ହୋଇଛି । ୩ ଦିନ ଧରି ଭୁବନେଶ୍ୱରରେ ଜାରି ରହିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ୪ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟଙ୍କ ସହ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ଏକାଧିକ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଛନ୍ତି । ତେବେ ସମ୍ମିଳନୀ ଶେଷ ପରେ ଏହାର ଆୟୋଜନର ସଫଳତା ଓ ବିଫଳତାକୁ ନେଇ ମୂଲ୍ୟାଙ୍କନ ଆରମ୍ଭ ହୋଇଛି । ଯେଉଁ ପ୍ରବାସୀମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା, ସେମାନଙ୍କ ମଧ୍ୟରୁ ଅନେକ ସମ୍ମିଳନୀ ସମୟରେ ସରକାରଙ୍କ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି । ଏପରିକି କିଛି ପ୍ରବାସୀ ସମ୍ମିଳନୀ ଆୟୋଜନରେ ରାଜ୍ୟ ସରକାରଙ୍କ ବେପରୁଆ ବ୍ୟବସ୍ଥାକୁ ନେଇ ନିଜର ତିକ୍ତ ଅନୁଭବ ପ୍ରକାଶ କରିଛନ୍ତି ।

୮ ତାରିଖରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରା ନ ଯିବାକୁ ନେଇ ବିରୋଧୀ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ଆୟୋଜନ ହେଉଥିବା ସବୁ ବଡ଼ ବଡ଼ କାର୍ଯ୍ୟକ୍ରମରେ ରାଜ୍ୟ ସଂଗୀତ ଗାନ କରାଯିବାର ପରମ୍ପରା ରହିଥିବା ବେଳେ ପ୍ରବାସୀ ଭାରତୀୟ ସମ୍ମିଳନୀ ଉତ୍ସବରେ କାହିଁକି ଓଡ଼ିଶା ରାଜ୍ୟ ସଂଗୀତ ଗାନ କରାଗଲା ନାହିଁ ସେନେଇ ସରକାର ସମାଲୋଚନାର ଶରବ୍ୟ ହୋଇଛନ୍ତି । ବିଭିନ୍ନ ରାଜନୈତିକ ଦଳ ଏ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଲୋଡ଼ିବା ସହ କ୍ଷମା ପ୍ରାର୍ଥନା ଦାବି କରିଛନ୍ତି । ଏହି ବିବାଦ ଜାରି ରହିଥିବାବେଳେ କିଛି ପ୍ରବାସୀ ସମ୍ମିଳନୀ ଆୟୋଜନରେ ସରକାରଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ପ୍ରବାସୀ ଭାରତୀୟଙ୍କୁ ଭୁବନେଶ୍ୱର ସମେତ ପୁରୀ, କୋଣାର୍କ ଭଳି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ବୁଲାଇ ନେବା ପାଇଁ ପୂର୍ବରୁ ସରକାର ଘୋଷଣା କରିଥିଲେ । ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହାକୁ ଦୋହରାଇଥିଲେ । ପ୍ରବାସୀଙ୍କୁ ବୁଲାଇ ନେବା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ନେଇ ସରକାର କହିଥିଲେ । ମାତ୍ର ବାସ୍ତବିକତା ଠିକ୍ ଓଲଟା ବୋଲି ପ୍ରବାସୀମାନେ କହିଛନ୍ତି ।

- ଶ୍ରୀମନ୍ଦିରରେ ଅବ୍ୟବସ୍ଥାକୁ ନେଇ ପ୍ରବାସୀଙ୍କ ଅସନ୍ତୋଷ
- ବିଭିନ୍ନ ସ୍ଥାନରେ ଗାଇଡ୍‌ଙ୍କ ବଦଳରେ ସ୍ୱେଚ୍ଛାସେବୀ ନିଯୁକ୍ତି
- ଉଠିଲାନି ଅଳିଆ, ନେଳିଆ ପାଲ ତଳେ କୁଢ଼କୁଢ଼ ଆବର୍ଜନା

ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଯାଇଥିବା ପ୍ରବାସୀମାନେ ସେମାନଙ୍କର ତିକ୍ତ ଅନୁଭୂତି ଗଣମାଧ୍ୟମରେ ବଖାଣିଛନ୍ତି । ସରକାରଙ୍କ ଉପରେ ପ୍ରବଳ ଅସନ୍ତୋଷ ପ୍ରକାଶ କରିବା ସହ ପୂର୍ବଥର ମଧ୍ୟପ୍ରଦେଶରେ ହୋଇଥିବା ସମ୍ମଳନୀ ଆୟୋଜନକୁ ପ୍ରଶଂସା କରିଛନ୍ତି । ତତ୍‌କାଳୀନ ମଧ୍ୟପ୍ରଦେଶ ସରକାର ଉଜ୍ଜୈନର ମହାକାଳେଶ୍ୱର ମନ୍ଦିର ଭ୍ରମଣ ପାଇଁ ପ୍ରବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ; ଅନ୍ୟ ଆୟୋଜନମାନ ମଧ୍ୟ ଅପେକ୍ଷାକୃତ ଭଲ ରହିଥିଲା ବୋଲି ପ୍ରବାସୀମାନେ କହିଛନ୍ତି । ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି ଓ ଓଡ଼ିଶା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସେହିପରି ୪୦୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟ ଓଡ଼ିଶାକୁ ଆସିଥିବାବେଳେ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଟୁରିଷ୍ଟ ଗାଇଡ୍ ବଦଳରେ ଅଧିକାଂଶ ସ୍ଥାନରେ ଟୁରିଷ୍ଟ ଭଲ୍ୟୁଣ୍ଟିୟର(ସ୍ୱେଚ୍ଛାସେବୀ) ମାନଙ୍କୁ ନିୟୋଜିତ କରାଯିବାକୁ ନେଇ ପ୍ରବାସୀମାନେ ବିରକ୍ତି ପ୍ରକାଶ କରିଛନ୍ତି । ଏପରିକି ହରିୟାଣା ପର୍ଯ୍ୟଟନ ମନ୍ତ୍ରୀ ଡକ୍ଟର ଅରବିନ୍ଦ କୁମାର ଶର୍ମା ଲିଙ୍ଗରାଜ ମନ୍ଦିର ଭ୍ରମଣ କରିବା ସମୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରବାସୀ ଭାରତୀୟଙ୍କ ପାଇଁ ଓଡ଼ିଶା ସରକାର ଗାଇଡଙ୍କ ବଦଳରେ କଣ ପାଇଁ ସ୍ୱେଚ୍ଛାସେବୀ ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀଙ୍କ ସହଧର୍ମିଣୀ ରାଜ୍ୟ ପର୍ଯ୍ୟଟନ ଅଧିକାରୀଙ୍କୁ ପ୍ରଶ୍ନ କରିବା ସହିତ ବିରକ୍ତି ପ୍ରକାଶ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଏତେବଡ଼ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ଜାତୀୟସ୍ତରର ମାତ୍ର ଜଣେ ଟୁରିଷ୍ଟ ଗାଇଡ୍ ଲଳିତ ମୋହନ ପଣ୍ଡାଙ୍କୁ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟରେ ଏତେବଡ଼ ଜାତୀୟ ସ୍ତରରେ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଜାତୀୟସ୍ତରର ଗାଇଡ୍ ବଦଳରେ ସ୍ୱେଚ୍ଛାସେବୀଙ୍କୁ ନେଇ ସରକାର କାମ ଚଳାଇ ନେବାକୁ ଉଦ୍ୟମ କରିଛନ୍ତି । ଯେତେବେଳେ ରାଜ୍ୟ ସରକାର ଅନ୍ୟ ରାଜ୍ୟରୁ ଇନୋଭା ଭଡ଼ାରେ ଆଣି ପାରୁଛନ୍ତି, ସେତେବେଳେ ଅନ୍ୟ ରାଜ୍ୟରୁ ଜାତୀୟସ୍ତରର ଟୁର ଗାଇଡ୍ ଆଣିବାରେ କେଉଁଠି ଅସୁବିଧା ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି ।

ଅନ୍ୟପକ୍ଷରେ ରାଜଧାନୀରେ ଏଭଳି କାର୍ଯ୍ୟକ୍ରମ ସମୟରେ ସାରା ରାଜଧାନୀରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ମଧ୍ୟ ସରକାରୀ ବ୍ୟବସ୍ଥାକୁ ପଦାରେ ପକାଇଛି । ପ୍ରବାସୀ ସମ୍ମିଳନୀ ସମୟରେ ସଫେଇ କର୍ମଚାରୀ ସଂଘର ସଭାପତି ସହଦେବ ନାୟକଙ୍କୁ ଏହି ସମୟରେ ହତ୍ୟା କରାଯିବାକୁ ନେଇ ପୁଲିସ ପ୍ରଶାସନର କାର୍ଯ୍ୟଦକ୍ଷତାକୁ କାଠଗଡ଼ାରେ ଠିଆ କରିଥିବା ବେଳେ ହତ୍ୟା ଘଟଣାର ପ୍ରତିବାଦରେ ଦୁଇଦିନ ଧରି ସଫେଇ କର୍ମଚାରୀଙ୍କ ଆନ୍ଦୋଳନ, ଭୁବନେଶ୍ୱର ସହର ସାରା କୁଢ଼ କୁଢ଼ ଆବର୍ଜନା ପ୍ରବାସୀଙ୍କୁ ଓଡ଼ିଶା ସମ୍ପର୍କରେ କି ଧାରଣା ଦେଇଥିବ ସହଜରେ ଅନୁମେୟ । ଏହି ପରିପ୍ରେକ୍ଷୀରେ ଅନେକ ସ୍ଥାନରେ ନିର୍ମାଣ ବର୍ଜ୍ୟ, କୁଢ଼କୁଢ଼ ଆବର୍ଜନାକୁ ନେଳିଆ ପାଲ ତଳେ ଲୁଚାଇ ରଖିବାକୁ ସରକାରଙ୍କ ଉଦ୍ୟମ ବିରୋଧୀଙ୍କୁ ସମାଲୋଚନା ପାଇଁ ଖୋରାକ ଯୋଗାଇଛି ।

## ତେଲଙ୍ଗାନାରେ ମର୍ମନ୍ତୁଦ ବସ୍ ଦୁର୍ଘଟଣା

# ୪ ଓଡ଼ିଆ ଦାଦନଙ୍କ ସମେତ ୫ ମୃତ

**ମାଲକାନଗିରି/କୋରାପୁଟ,୧୦।୧(ସମିସ):** ପଡ଼ୋଶୀ ତେଲଙ୍ଗାନାର ସୂର୍ଯ୍ୟପେଟ ଜିଲ୍ଲା ଇଲାମପୁରମ୍ ଗ୍ରାମ ନିକଟରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୪ ଓଡ଼ିଆ ଦାଦନ ଶ୍ରମିକଙ୍କ ସମେତ ୫ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ସେହିପରି ୨୦ ଯାତ୍ରୀ ଆହତ ହୋଇଛନ୍ତି । ଗୁରୁବାର ମଧ୍ୟରାତିରେ ଏହି ଅଘଟଣ ଘଟିଛି । ମୃତକମାନେ ହେଲେ, କୋରାପୁଟ ଜିଲ୍ଲା କାମତା ଗ୍ରାମର ରୁପୁ ହରିଜନ (୫୧), ସୁଲୁ ହରିଜନ (୪୬), ସୁନାମଣି ହରିଜନ (୬୧), ନବରଙ୍ଗପୁର ଜିଲ୍ଲା ହାତୀଗୁଡ଼ା ଗ୍ରାମର ପ୍ରତ୍ୟୁଷ ପ୍ରଭାତ



ହରିଜନ (୧୭), ଓ ନବରଙ୍ଗପୁର ଜିଲ୍ଲା ତୁମ୍ବାର୍ଲା ଅଞ୍ଚଳ ଲହରିକାନୀ ଗ୍ରାମର

### ୨୦ ଆହତ

ବସ୍‌ର ଚାଳକ ସୁନୀଲ ଗରଡ଼ା (୩୭) । ଏମାନେ ଦାଦନ ପାଇଁ ହାଇଦ୍ରାବାଦ ଯାଉଥିଲେ ବୋଲି ଜଣାଯାଇଛି । ଆହତମାନଙ୍କୁ ସୂର୍ଯ୍ୟାପେଟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସୂଚନାନୁଯାୟୀ, କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରୁ ବାହାରିଥିବା 'ଗୁପ୍ତା' ନାମକ ଏହି ବସ୍ ନବରଙ୍ଗପୁର, ଜୟପୁର, ମାଲକାନଗିରି ଦେଇ ହାଇଦ୍ରାବାଦ ଅଭିମୁଖେ ଯାଉଥିଲା । ମଧ୍ୟ ରାତିରେ ବସ୍‌ଟି ସୂର୍ଯ୍ୟାପେଟ ଜିଲ୍ଲା ଇଲାପୁରମ୍ ଗ୍ରାମ ଅତିକ୍ରମ କରୁଥିବା ବେଳେ ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ପଛରୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ୪ଜଣଙ୍କ ମୃତ୍ୟୁ ହୋଇଯାଇଥିଲା । ପୁଲିସ୍ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ଆଉ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା । ତେଲଙ୍ଗାନା ପୁଲିସ୍ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି ।

# ନଦୀକୁ ଖସିଲା ଟୁରିଷ୍ଟ ବସ୍

## ଜଣେ ମୃତ; ୪୦ ଆହତ

**ନୟାଗଡ଼/ରଣପୁର,୧୦।୧(ସମିସ):** ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଖଣ୍ଡିସ ପୋଲ ନିକଟରେ ଗୁରୁବାର ରାତି ପ୍ରାୟ ୧ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଟୁରିଷ୍ଟ ବସ୍ ବାଡ଼ ଭାଙ୍ଗି ନଦୀକୁ ଖସି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦ଜଣ ଆହତ ହୋଇଛନ୍ତି । ମୃତକ ହେଲେ, ଇଟାମାଟି ଥାନା ବାଉଁଶିଆପଡ଼ାର ଛାଟିଆ ଦାସ । ଆହତମାନଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି ।



ସୂଚନା ଅନୁଯାୟୀ, ବସ୍‌ଟି ଖଣ୍ଡପଡ଼ା ଗୁଣ୍ଡୁଣୀରୁ ଲୋକଙ୍କୁ ନେଇ କାଳିଜାଇ ଓ ତାରାତାରିଣୀ ଦର୍ଶନ ପାଇଁ ଯାଉଥିଲା । ବସ୍‌ରେ ୪୧ଜଣ ମହିଳା, ପୁରୁଷ ଓ ଜଣେ ଛୋଟ ପିଲା ଥିଲେ । ଦୁର୍ଘଟଣା ସମୟରେ ସମସ୍ତେ ନିଦରେ ଶୋଇପଡ଼ିଥିଲେ । ଖବର ପାଇ ରଣପୁର ଥାନା ନିରୀକ୍ଷକ ମୁକେଶ ବେହେରା, ସମସ୍ତ ଥାନା କର୍ମଚାରୀ, ଚାନ୍ଦପୁର ଥାନାର ସମସ୍ତ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କାଚ ଭାଙ୍ଗି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ । ଅଗ୍ନିଶମ ବାହିନୀ, ଆଠଟି ଆମ୍ବୁଲାନ୍ସରେ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୨ଜଣ ଓ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୭ଜଣଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ବାଉଁଶିଆପଡ଼ାର ଛାଟିଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଜଣେ ମହିଳାଙ୍କ ସମେତ ୪ ଜଣ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ସୁକାନ୍ତୀ ପ୍ରଧାନ, ସ୍ୱର୍ଣ୍ଣମଣୀ ନାୟକ, ବିଦ୍ୟୁତ୍ ପ୍ରଭା ନାୟକ, ଦେବାଶିଷ ନାୟକ, ମମତା ନାୟକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ବସ୍ ତଳେ କେହି ଯାତ୍ରୀ ଚାପି ହୋଇ ରହିଥିବା ସନ୍ଦେହ ହେବାରୁ ରାତାରାତି ଦୁଇଟି କ୍ରେନ୍ ମାଧ୍ୟମରେ ଗାଡ଼ିକୁ ନଦୀ ଭିତରୁ ଉପରକୁ ଅଣାଯାଇଥିଲା । କିନ୍ତୁ ସେଭଳି ଅଘଟଣ ଘଟିନଥିବା ଜଣାପଡ଼ିଥିଲା । ସୂଚନାଯୋଗ୍ୟ, ପୋଲ ସୁରକ୍ଷା ବାଡ଼ ଦୁର୍ବଳ ହୋଇପଡ଼ିଲାଣି । ଗତ ଡିସେମ୍ବର ଅଦିନିଆ ବର୍ଷାରେ ସେହି ପୋଲ ତଳକୁ ଏକ କାର୍ ଖସି ପାଣିରେ ଭାସିଯାଇ କିଛି ବାଟରେ ଲାଗିଥିଲା । ସେହିପରି ପୂର୍ବରୁ ଅନେକ ବାଇକ୍ ନଦୀ ଭିତରକୁ ଖସି ବହୁ ଲୋକ ଆହତ ହୋଇଥିବା ନଜିର ରହିଛି ।

**■ ୬୯ ମେଟ୍ରିକ୍ ଟନ୍ ସାର ହଡ଼ପ ମାମଲା**

# ଅବସରପ୍ରାପ୍ତ ସମ୍ପାଦକଙ୍କୁ ୩ ବର୍ଷ ଜେଲ୍

**ବାଲେଶ୍ୱର, ୧୦।୧(ସମିସ):** ସରକାରୀ ସାର ହଡ଼ପ ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଲଳିତ କୁମାର ଦାଶ ଶୁକ୍ରବାର ହରିପୁର ସେବା ସମବାୟ ସମିତିର ଅବସରପ୍ରାପ୍ତ ସମ୍ପାଦକ ମନୋହର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଏହାସହ ଶ୍ରୀ ବେହେରାଙ୍କ ପେନସନ୍ ବନ୍ଦ କରିବାକୁ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପତ୍ର ଦ୍ୱାରା ଜଣାଇବାକୁ ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି । ଶ୍ରୀ ବେହେରା ସମ୍ପାଦକ ଥିବା ବେଳେ ୬୯ ମେଟ୍ରିକ ଟନ ରାସାୟନିକ ସାର କୃଷକମାନଙ୍କୁ ବିକ୍ରି କରିବା ପରିବର୍ତ୍ତେ ଜାଲ୍ ଦସ୍ତଖତ କରି ସରକାରୀ କାଗଜପତ୍ର ପ୍ରସ୍ତୁତ କରିଥିବା ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା । ସ୍ୱତନ୍ତ୍ର ପିପି ରାଧାକାନ୍ତ ମହାପାତ୍ର ଏହି ମାମଲା ପରିଚାଳନା କରୁଥିଲେ ।

# ଐତିହ୍ୟ ଗାଁ ରଘୁରାଜପୁର ବୁଲିଲେ ପ୍ରବାସୀ ଭାରତୀୟ

## ସାତପଡ଼ା ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ

**ପୁରୀ, ୧୦।୧(ସମିସ):** ଶୁକ୍ରବାର ୮୦ ଜଣ ପ୍ରବାସୀ ଭାରତୀୟ ଓ ସହଯୋଗୀ ସଦସ୍ୟ ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନ କରିଥିଲେ । ସେମାନେ ରଘୁରାଜପୁରରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି । ଏହି କଳା ଗ୍ରାମର କଳାକୃତି ଦେଖି ପ୍ରବାସୀମାନେ ଖୁସି ଓ ବିସ୍ମୟ ପ୍ରକାଶ କରିଥିଲେ । ଏତେ ସୁନ୍ଦର ଚିତ୍ରକଳା ଦେଖି ଓ ତାହାର ପ୍ରସ୍ତୁତି ପ୍ରଣାଳୀକୁ ନିରିଖେଇ ଦେଖି ବେଶ୍ ବିମୋହିତ ହୋଇଥିଲେ । କିଛି କିଣାକିଣି କରି କଳାକୃତି ଓ କଳାକାରଙ୍କ ସହ ଫଟୋ ଉଠାଇବା ସହ ସେଲ୍‌ଫି ମଧ୍ୟ ନେଇଥିଲେ । ନିଜ ପ୍ରତିକ୍ରିୟାରେ ଓଡ଼ିଶା ତାଙ୍କୁ ଭଲ ଲାଗିଲା ବୋଲି କହିଥିଲେ । ପରେ ପରେ ସେମାନେ ସାତପଡ଼ା ଯାଇ ନୌବିହାର କରିଥିଲେ । ଶେଷରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଦେଖି ଚମତ୍କୃତ ହୋଇଥିଲେ । ଓଡ଼ିଆ ମୂର୍ତ୍ତି କଳାକାରଙ୍କ କୃତି ଅନନ୍ୟ ଓ ବିସ୍ମୟକର ବୋଲି ସେମାନେ କହିବା ସହ ଓଡ଼ିଶାକୁ ଏହି ପର୍ଯ୍ୟଟନ ସେମାନଙ୍କ ପାଇଁ ଅଭୁଲା ହୋଇରହିବ ବୋଲି କହିଥିଲେ । ଭବିଷ୍ୟତରେ ପୁଣି ଓଡ଼ିଶା ଆସିବୁ ବୋଲି ସୂଚନା ଦେଇ ସ୍ଥାନୀୟ ଲୋକଙ୍କୁ ହିନ୍ଦୀରେ 'ଫିର୍ ମିଲେଙ୍ଗେ' ବୋଲି କହି ହାତ ମିଳେଇଥିଲେ । ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଆସିଥିବା ଏହି ଅତିଥିମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ସମସ୍ତ ପର୍ଯ୍ୟଟନସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଥିଲା ।

## ଅଦାଲତ ଅବମାନନା ମାମଲା ବୃଦ୍ଧି ପ୍ରସଙ୍ଗ

# ତଦାରଖ ପାଇଁ ସଚିବସ୍ତରୀୟ କମିଟି ଗଠନ ହୋଇଛି: ସରକାର

**କଟକ,୧୦।୧(ସମିସ):** ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଉ ନଥିବାରୁ ଅଦାଲତ ଅବମାନନା ମାମଲା ସଂଖ୍ୟା ବୃଦ୍ଧି ପାଇଥିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରି ଆସୁଛନ୍ତି । ହାଇକୋର୍ଟ ଏନେଇ ପୂର୍ବରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି ଉତ୍ତରଦାୟୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । ତେବେ ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଦାଲତ ଅବମାନନା ମାମଲାର ନିର୍ଦ୍ଦେଶଗୁଡ଼ିକ ପାଳନ କରିବା ପାଇଁ ସରକାର ପଦକ୍ଷେପ ନେଇଥିବା ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି । ମୁଖ୍ୟ ସଚିବଙ୍କ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ହାଇକୋର୍ଟ ପ୍ରଶଂସା କରିଛନ୍ତି ଓ କୋର୍ଟରେ ଅଯଥା ଅଦାଲତ ଅବମାନନା ମାମଲା ଦାୟର ପ୍ରସଙ୍ଗ ଏଡ଼ାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନେ କାର୍ଯ୍ୟ କରିବେ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣସିଂହ ଆଶା ପ୍ରକାଶ କରିଛନ୍ତି । ଗତ ଜାନୁଆରି ୬ ନିର୍ଦ୍ଦେଶନାମାର କପି ସରକାରଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା । ସେହିପରି ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ସଚିବସ୍ତରୀୟ କମିଟି ଗଠନ କରାଯାଇଛି । ଏଥିରେ ସଦସ୍ୟ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଗୃହ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ଆଇନ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ରଖାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା । ଏହି ସବୁ ମାମଲାରେ ଅଗ୍ରଗତି ରିପୋର୍ଟ ପ୍ରତି ସୋମବାର ଦାଖଲ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ତରଫରୁ ସବୁ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିସନର ତଥା ସଚିବ, ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କୁହାଯାଇଥିଲା ।

ପ୍ରକାଶ ଯେ ୨୦୨୩, ଅକ୍ଟୋବର ୧୧ରେ ଏକ ଓଏଲଆର ମାମଲାର ଫଏସଲା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ହୋଇନଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ହାଇକୋର୍ଟ । ଏଦିଗରେ ମୁଖ୍ୟ ଶାସନ ସଚିବଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ।

## ଗ୍ରେଟର୍ ଫ୍ଲେମିଙ୍ଗୋର ଗତିବିଧି ଜାଣିବ ବନ ବିଭାଗ

# ଗୋଡ଼ରେ ଲାଗିଲା ଜିଏସ୍ଏମ୍-ଜିପିଏସ୍ ରିଙ୍ଗ୍

**ଭୁବନେଶ୍ୱର, ୧୦।୧(ସମିସ):** ଶୀତ ଦିନରେ ଚିଲିକାର ପ୍ରମୁଖ ଆକର୍ଷଣ ସାଜିଥା'ନ୍ତି ଗ୍ରେଟର୍ ଫ୍ଲେମିଙ୍ଗୋ (ଫୋନିକପ୍ଟରସ୍ ରୋଜସ୍) । ଏହି ପକ୍ଷୀର ଥଣ୍ଟ ଓ ଲମ୍ବା ଗୋଡ଼ ଅନ୍ୟ ପକ୍ଷୀମାନଙ୍କ ତୁଳନାରେ ଭିନ୍ନ । ଏଥିପାଇଁ ଦେଖଣାହାରୀଙ୍କ ମନରେ ଏହି ପକ୍ଷୀ ସ୍ୱତନ୍ତ୍ର ସ୍ଥାନ ପାଇଥାଏ । ତେବେ ପ୍ରତିବର୍ଷ ଏହି ପକ୍ଷୀ ଚିଲିକାକୁ କେଉଁଠାରୁ ଆସୁଛନ୍ତି ଓ କେଉଁ ବାଟ ଦେଇ ଫେରୁଛନ୍ତି, ତାହା ଜାଣିବା ପାଇଁ ବନ ବିଭାଗ ଯୋଜନା କରିଛି । ଏଥିପାଇଁ ଗ୍ରେଟର ଫ୍ଲେମିଙ୍ଗୋଙ୍କୁ ଧରି ସେମାନଙ୍କ ଗୋଡ଼ରେ ଜିଏସ୍ଏମ୍-ଜିପିଏସ୍ ରିଙ୍ଗ୍ ଟ୍ୟାଗିଂ ଆରମ୍ଭ କରାଯାଇଛି । ଭାରତୀୟ ବନ୍ୟଜୀବ ସଂସ୍ଥାନର ବରିଷ୍ଠ ବୈଜ୍ଞାନିକ ଡଃ ଆର. ସୁରେଶ କୁମାରଙ୍କ ନେତୃତ୍ୱରେ ଗତ ଦୁଇଦିନରେ ଚିଲିକାର ନଳବଣରୁ ଦୁଇଟି ଗ୍ରେଟର୍ ଫ୍ଲାମିଂଗୋକୁ ସଫଳତାର ସହ ଧରି ଟ୍ୟାଗ୍ କରାଯାଇଛି ।

ଦୁଇଟି ଫ୍ଲେମିଙ୍ଗୋକୁ ୩୦ଗ୍ରାମ୍ ଓଜନର ଏକ



ସୌରଚାଳିତ ଟ୍ରାନ୍ସମିଟର ସହିତ ଟ୍ୟାଗ୍ କରାଯାଇଛି । ଯାହା ପ୍ରତି ୧୦ମିନିଟ୍‌ରେ ପକ୍ଷୀମାନଙ୍କ ଉପସ୍ଥିତି ରେକର୍ଡ କରିବ । ଏହି ଉପକରଣଟି ଶୀତ ଋତୁରେ ଫ୍ଲେମିଙ୍ଗୋମାନଙ୍କର ଚିଲିକା ଜଳରାଶି ଆଭ୍ୟନ୍ତରୀଣ ଚଳପ୍ରଚଳ ଓ ବ୍ୟବହାରକୁ

**ପ୍ରତି ୧୦ ମିନିଟରେ ପକ୍ଷୀଙ୍କ ଉପସ୍ଥିତି ବିଷୟରେ ଦେବ ସୂଚନା**

ରେକର୍ଡ କରିବ, ଯାହା ବନ ବିଭାଗକୁ ଗ୍ରେଟର ଫ୍ଲେମିଙ୍ଗୋ ବିଷୟରେ ଅଧିକ ତଥ୍ୟ ଯୋଗାଇ ପାରିବ ।

ପ୍ରତିବର୍ଷ ନଭେମ୍ବର-ଡିସେମ୍ବରରେ ସବୁ ବୟସ ବର୍ଗର ହଜାର ହଜାର ପକ୍ଷୀ ଚିଲିକାକୁ ଆସିଥା'ନ୍ତି ଏବଂ ଏପ୍ରିଲ-ମେ'ରେ ସେମାନଙ୍କର ପ୍ରଜନନ ଅଞ୍ଚଳକୁ ଚାଲିଯାଆନ୍ତି । କିନ୍ତୁ ଅଦ୍ୟାବଧି ଫ୍ଲେମିଙ୍ଗୋ କେଉଁଠାରୁ ଆସିଥାନ୍ତି, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଜଣାପଡ଼ିନାହିଁ । ଏହି ପକ୍ଷୀ ଗୁଜରାଟ କଚ୍ଛସ୍ଥିତ ରନ୍‌ରେ 'ଫ୍ଲେମିଙ୍ଗୋ ସିଟି' ଭାବରେ ପରିଚିତ ଏକ ଅଞ୍ଚଳରେ ପ୍ରଜନନ କରନ୍ତି ଏବଂ ଶୀତଦିନରେ ସମ୍ଭବତଃ ସେହି ଅଞ୍ଚଳରୁ ଆସୁଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି । ଏହାବ୍ୟତୀତ ଏସିଆ ମହାଦେଶର ଇରାନ, କାଜାକସ୍ଥାନ ଅଞ୍ଚଳରୁ ଆସିଥାଇ ପାରନ୍ତି ବୋଲି 'ବମ୍ବେ ନେଚୁରାଲ୍ ହିଷ୍ଟ୍ରି ସୋସାଇଟି'ର ପୂର୍ବ ଗବେଷଣାରୁ ଜଣାପଡ଼ିଛି । ତେଣୁ ଏହି ଗବେଷଣାରୁ ଲବ୍ଧ ତଥ୍ୟକୁ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ପରୀକ୍ଷା ଓ ପ୍ରମାଣିତ କରିବା ପାଇଁ ଏହି ପ୍ରକ୍ରିୟା ଗ୍ରହଣ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ କୁହାଯାଇଛି ।

**■ ଆସୁଛି ମକର ସଂକ୍ରାନ୍ତି**

# ୪ ଦିନ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି

**ପୁରୀ, ୧୦।୧(ସମିସ):** ପାଖେଇ ଆସିଲାଣି ମକର ସଂକ୍ରାନ୍ତି । ପୁଣି ଆଗକୁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ରହିଛି । ମକର ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ । ତେଣୁ ଠିକଣା ସମୟରେ ନୀତିକାନ୍ତି ସମ୍ପାଦନ ତଥା ଶ୍ରଦ୍ଧାଳୁଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯିବା ଉଦ୍ଦେଶ୍ୟରେ ଆସନ୍ତା ୧୨ ତାରିଖ ଅର୍ଥାତ୍ ରବିବାରଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ । ଏହି ୪ ଦିନ ପରେ ପୁଣି ଜାନୁୟାରୀ ୧୬ ତାରିଖଠାରୁ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଏବଂ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା ଅନୁସାରେ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହେବ । ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

**■ ରାଗିଂ ଅଭିଯୁକ୍ତ ଆଇନ ଛାତ୍ରଙ୍କ ପାଇଁ ନିଆରା ସର୍ତ୍ତ ରଖିଲେ ହାଇକୋର୍ଟ**

# ଅନାଥାଶ୍ରମ ଯାଇ ସପ୍ତାହକ ପାଇଁ ଶିକ୍ଷାଦାନ ଓ କର୍ମଶାଳା ପରିଚାଳନା କରିବେ

**କଟକ, ୧୦।୧(ସମିସ):** ନ୍ୟାୟିକ ଜ୍ଞାନ ହାସଲ ବ୍ୟତିରେକ ଜଣେ ଆଇନଜୀବୀ ନ୍ୟାୟ ପାଇଁ ଓକିଲାତି କରିଥାଏ ଓ ଦୁର୍ବଳବର୍ଗଙ୍କୁ ସମର୍ଥନ ସହ ସ୍ୱରହୀନଙ୍କ ପାଇଁ ସ୍ୱର ପାଲଟିଥାଏ । ଏଣୁ ଜଣେ ଭଲ ଆଇନ ଛାତ୍ର ହିଁ ଭବିଷ୍ୟତରେ ଭଲ ଆଇନଜୀବୀ ହୋଇପାରିବ ବୋଲି କହିଛନ୍ତି ହାଇକୋର୍ଟ । ଏକ ରାଗିଂ ଅଭିଯୋଗ ମାମଲାରେ ଅଭିଯୁକ୍ତ ଆଇନ ଛାତ୍ରମାନଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଏହା କହିଛନ୍ତି । ଆବେଦନକାରୀ ଆଇନ ଛାତ୍ରମାନଙ୍କ ବିରୋଧରେ ଭରତପୁର ଥାନାରେ ରୁଜୁ ମାମଲା ଏବଂ ଭୁବନେଶ୍ୱର ଜେଏମ୍ଏଫ୍‌ସି-୫ରେ ବିଚାରାଧୀନ ଆବେଦନକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ତେବେ ଆବେଦନକାରୀ ଆଇନ

**ଭରତପୁର ଥାନାର ଅପରାଧିକ ମାମଲା ରଦ୍ଦ**

ଛାତ୍ରଙ୍କ ଆପତ୍ତିଜନକ ଆଚରଣ ହେତୁ ହାଇକୋର୍ଟ ନିଆରା ସର୍ତ୍ତାରୋପ କରିଛନ୍ତି । ଆବେଦନକାରୀ ଅଭିଯୁକ୍ତ ଛାତ୍ରମାନେ ସେମାନଙ୍କ ପସନ୍ଦର ଯେକୌଣସି ଏକ ଅନାଥାଶ୍ରମକୁ ଯାଇ ସେଠାରେ ଏକ ସପ୍ତାହ ପାଇଁ ସ୍ୱେଚ୍ଛାକୃତ ଭାବେ ପିଲାଙ୍କୁ ଶିକ୍ଷାଦାନ କିମ୍ବା କର୍ମଶାଳା ପରିଚାଳନା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏସ୍.ଏସ୍ ନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ଆବେଦନକାରୀ ଛାତ୍ରମାନେ ଶିକ୍ଷାଦାନ କିମ୍ବା କର୍ମଶାଳା ପରିଚାଳନା କରିବା ପରେ ସମ୍ପୃକ୍ତ ଅନାଥାଶ୍ରମ ମୁଖ୍ୟଙ୍କ ନିକଟରୁ ଏକ ପ୍ରମାଣପତ୍ର ମଧ୍ୟ ଆଣିବେ । ଏହି ପ୍ରମାଣପତ୍ରକୁ ୪ସପ୍ତାହ ମଧ୍ୟରେ ଅଦାଲତରେ ଦାଖଲ କରାଯିବ ବୋଲି ହାଇକୋର୍ଟ କହିଛନ୍ତି ।

ମାମଲାରୁ ପ୍ରକାଶ ଯେ ରାଜଧାନୀର ଏକ ଆଇନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଆବେଦନକାରୀ ୪ଜଣ ଆଇନ ଛାତ୍ର ସୋନେଲ ଶେଖର ନାୟକ, ପ୍ରଭୁଦତ୍ତ ପଣ୍ଡା, ପ୍ରଣବ ମହାନ୍ତି ଓ ଅବିନାଶ ବେହେରାଙ୍କ ବିରୋଧରେ ଭରତପୁର ଥାନାରେ ରାଜେଶ ଚନ୍ଦ୍ର ରାଉତ ଏକ ଏତଲା ପ୍ରଦାନ କରିଥିଲେ । ରାଜେଶଙ୍କ ପୁତ୍ର ସେହି ଆଇନ କଲେଜରେ ପ୍ରଥମ ବର୍ଷ ଛାତ୍ର ଥିବା ବେଳେ ତାଙ୍କୁ ଉପରୋକ୍ତ ସିନିଅର ଛାତ୍ରମାନେ ରାଗିଂ କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ତେବେ ଭରତପୁର ଥାନାରେ ରୁଜୁ ଏତଲା ଆଧାରରେ ବିଚରାଧୀନ ମାମଲା ରଦ୍ଦ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଯୁକ୍ତ ଛାତ୍ର ।

**■ ବୈକୁଣ୍ଠଧାମ ଆଶ୍ରମ ଅଡୁଆ ବଢ଼ିଲା**

# ଅନ୍ତରୀଣ ସୁରକ୍ଷା ହଟାଇଲେ ହାଇକୋର୍ଟ

**କଟକ, ୧୦।୧(ସମିସ):** ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ବିବାଦୀୟ ବୈକୁଣ୍ଠଧାମ ଆଶ୍ରମ ପାଇଁ ଅଡୁଆ ବଢ଼ିଛି । ସରକାରୀ ଜମିରେ ଏହି ଆଶ୍ରମ ଗଢ଼ି ଉଠିଥିବାରୁ ଏହାକୁ ଉଚ୍ଛେଦ ପାଇଁ ପ୍ରଶାସନର ମସୁଧାକୁ ବିରୋଧ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି । ଏହି ବିବାଦୀୟ ଜମିରେ ଯୋଗ ସ୍କୁଲ ଚାଲୁଥିବା ଓ ଏଥିପାଇଁ ଅନୁମତି ପ୍ରଦାନ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ (ଜିଏ) ବିଭାଗକୁ ଯେଉଁ ପତ୍ର ଦିଆଯାଇଥିଲା, ତାହା ଜାଲ୍ ବୋଲି ସରକାରଙ୍କ ପକ୍ଷରୁ ସତ୍ୟପାଠ ଦିଆଯାଇଛି । ସରକାରଙ୍କ ସତ୍ୟପାଠ ପରେ ଆଶ୍ରମ ଉଚ୍ଛେଦ ଉପରେ ଥିବା ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ଉଠାଇ ଦେଇଛନ୍ତି । ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ବି.ପି.ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ତେବେ ଏହି ମାମଲାରେ ଆବେଦନକାରୀ ଆଶ୍ରମ କର୍ତ୍ତୃପକ୍ଷ ପରବର୍ତ୍ତୀ ଶୁଣାଣି ସମୟରେ ପ୍ରତିଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରି ୩ ତାରିଖକୁ ଧାର୍ଯ୍ୟ କରିଛନ୍ତି ଅଦାଲତ ।

ପ୍ରକାଶଥାଉକି ଗତ ନଭେମ୍ବର ୨୧ରେ ଉଚ୍ଛେଦ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ ଅଦାଲତ । ଏହି ଟ୍ରଷ୍ଟ ଯୋଗ ଶିକ୍ଷା ପାଇଁ କାର୍ଯ୍ୟ କରୁଥିବା ବେଳେ ଏହି ଜମିକୁ ଟ୍ରଷ୍ଟ ନାମରେ କରିବା ପାଇଁ ଆବେଦନ କରାଯାଇଥିଲା । ଏହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଏ ବିଭାଗକୁ ମଧ୍ୟ ସୁପାରିସ୍ କରାଯାଇଥିବା ବେଳେ ଏବେ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉଥିବା ଆହେବଦନକାରୀ ଦର୍ଶାଇଥିଲେ ।

**■ ମଣପ୍ପୁରମ୍ ଫାଇନାନ୍ସରୁ ସୁନା ଲୁଟ୍ ଘଟଣା**

# ଜେଲ୍‌ରୁ ଯୋଜନା କରିଥିଲେ ୨ ଅପରାଧୀ

**ସମ୍ବଲପୁର,୧୦।୧(ସମିସ):** ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପ୍ପୁରମ୍ ଫାଇନାନ୍ସ ଅଫିସ୍‌ରୁ ୨୭ କେଜି ସୁନା ଲୁଟ୍ ଘଟଣାରେ ପୁଲିସ୍ ଆଜି ଚାଞ୍ଚଲ୍ୟକର ତଥ୍ୟ ଦେଇଛି । ଏହି ମାମଲାରେ ଆଇଜି ହିମାଂଶୁ ଲାଲ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଉଭୟ ଯାଜପୁର ଓ ସମ୍ବଲପୁର ସୁନା ଡକାୟତି ଘଟଣାରେ ଦେଶର ଏକ ବଡ଼ ଗ୍ୟାଙ୍ଗ୍‌ର ଲିଙ୍କ୍ ରହିଛି । ଗ୍ୟାଙ୍ଗ୍‌ର ଦୁଇ ମାଷ୍ଟରମାଇଣ୍ଡବିହାରର ସୁବୋଧ ସିଂ ଓ ପଲ୍ଲୁ ସିଂର ଜେଲ୍ ଭିତରେ ଥାଇ ଏମିତି ବଡ଼ବଡ଼ ଡକାୟତିର ଯୋଜନା କରୁଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ବେଉୁର ଜେଲରେ ଥିବା ବେଳେ ଆଉ ଜଣେ କୋଲାକାତାର ପ୍ରେସିଡେନ୍ସି ଜେଲ୍‌ରେ ଅଛି । ଆଇଜି ଶ୍ରୀ ଲାଲଙ୍କ ଏହି ବୟାନ ଆଜି ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସେ ଆହୁରି କହିଛନ୍ତି ଯେ ସମ୍ବଲପୁର ସୁନା ଡକାୟତି ଘଟଣାର ତଦନ୍ତ ଜୋରସୋର୍‌ରେ ଚାଲିଛି । ପୁଲିସ୍ ଅପରାଧୀଙ୍କ ବହୁତ ନିକଟରେ ପହଞ୍ଚିଛି ।

- ବଡ଼ ଗ୍ୟାଙ୍ଗ୍, ସାରା ଭାରତରେ ଡକାୟତି କରିଛନ୍ତି: ଆଇଜି
- ଯାଜପୁର ଘଟଣାରେ ବି ରହିଛି ହାତ

ଗତକାଲି ବିହାର ପାଟଣାର ବିଭିନ୍ନ ସ୍ଥାନରେ ସମ୍ବଲପୁର ପୁଲିସ ଓ ବିହାର ଏସ୍‌ଟିଏଫ୍ ମିଳିତ ଭାବେ ଚଢ଼ଉ କରିଥିଲେ । ଏହି ଗ୍ୟାଙ୍ଗକୁ ମୂଳପୋଛ କରିବା ପାଇଁ ପୁଲିସ୍ ଯୋଜନା କରୁଛି । ଡିଜି ନିଜେ ଏହି ମାମଲା ଉପରେ ନଜର ରଖିଛନ୍ତି । ସାରା ଭାରତରେ ହେଉଥିବା ସୁନା ଲୁଟ୍ ଓ ଡକାୟତି ଏହି ଗ୍ୟାଙ୍ଗ୍ ଦ୍ୱାରା ହୋଇଛି । ତେଣୁ ଖୁବ୍‌ଶୀଘ୍ର ଏହି ମାମଲାର ସତ୍ୟତା ବାହାରକୁ ଆସିବ ବୋଲି ସେ କହିଛନ୍ତି ।

ପ୍ରକାଶ ଥାଉକି, ଗତ ୩ ତାରିଖ (ଶୁକ୍ରବାର) ସକାଳ ପ୍ରାୟ ସାଢ଼େ ୯ଟାରେ ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପ୍ପୁରମ୍ ଗୋଲ୍ଡ-ଲୋନ୍ ଅଫିସ୍‌ରୁ ଲୁଟ୍ ହୋଇଥିଲା । ମୁଖାପିନ୍ଧା ୬ ଡକାୟତ ସଂସ୍ଥାର କର୍ମଚାରୀଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ୨୭ କେଜି ସୁନା ଲୁଟ୍ କରିଥିଲେ । ଯାହାର ମୂଲ୍ୟ ୨୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା । ଏହି ଘଟଣାରେ ସମ୍ବଲପୁର ପୁଲିସ୍ ଜଣକୁ ଅଟକ ରଖିଥିବା ବେଳେ ଅନ୍ୟ କାହାକୁ ଧରିବାରେ ସଫଳ ହୋଇନି । ୨ଟି ଟିମ୍ ବିହାରରେ ଡେରା ପକାଇ ତଦନ୍ତ ଜାରି ରଖିଛି ।

### ତେଜୁଛି ଗନ୍ଧମାର୍ଦ୍ଦନ ସୁରକ୍ଷା ସ୍ୱର

## ୧୨ରେ ଖପ୍ରାଖୋଲ ମହାସମାବେଶ

**ବଲାଙ୍ଗିର, ୧୦।୧(ସମିସ):** ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତଥା ଜୈବବିବିଧତାର ପ୍ରାଣକେନ୍ଦ୍ର ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ସ୍ୱର ଆହୁରି ଶାଣିତ ହେବାରେ ଲାଗିଛି। ଗାଁ ଗହଳିରେ ଲୋକଙ୍କ ମନରେ ପ୍ରତିବାଦର ମାନସିକତା ସୃଷ୍ଟି ହେଲାଣି। ଫଳରେ ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଏବେ ସମସ୍ତେ ଏକଜୁଟ୍ ହୋଇ ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଗନ୍ଧମାର୍ଦ୍ଦନ ପାହାଡ଼ରେ ଖଣି ଖନନ ହେବ ନାହିଁ ବୋଲି ସରକାର ସାନ୍ତ୍ୱନା ଦେଉଥିଲେ ହେଁ ଲୋକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ଆଦାନୀ କମ୍ପାନୀର ଜମି କିଣା, ମାଟି ସର୍ଭେ କାର୍ଯ୍ୟ ଦେଖିଲେ, ସରକାରୀ ନେତାମନ୍ତ୍ରୀଙ୍କ ସାନ୍ତ୍ୱନା ଲୋକଙ୍କୁ ଚକ୍ରାନ୍ତ ଭଳି ମନେ ହେଉଛି। ତେଣୁ ଗନ୍ଧମାର୍ଦ୍ଦନକୁ ସୁରକ୍ଷା ଦେବା ଦାବିରେ ଆସନ୍ତା ୧୨ ତାରିଖରେ ଖପ୍ରାଖୋଲରେ ମହାସମାବେଶ କାର୍ଯ୍ୟକ୍ରମ ହେବାକୁ ଯାଉଛି। ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ ଉପଖଣ୍ଡ, ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡ ଏବଂ ନୂଆପଡ଼ା ଜିଲ୍ଲାର ନୂଆପଡ଼ା ଉପଖଣ୍ଡରୁ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଯୋଗଦେବେ ବୋଲି ଜଣାଯାଇଛି। ଏଥିପାଇଁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର କର୍ମକର୍ତ୍ତାମାନେ ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଗନ୍ଧମାର୍ଦ୍ଦନ ପାହାଡ଼ରେ ଖଣି ଖୋଳିବାକୁ ଆଦାନୀ କିଭଳି ଚକ୍ରାନ୍ତ ଚଳାଇଛି ଏବଂ ସରକାର କିଭଳି ଚୁପ ବସିଛନ୍ତି, ସେ ସମ୍ପର୍କରେ ଲୋକଙ୍କୁ ବୁଝାଯାଉଛି।

## ପୁଣି ଲାଞ୍ଚ ନେଇ ଗିରଫ ହେଲେ ଏଆର୍ଆଇ

**ଭୁବନେଶ୍ୱର/ଖୋର୍ଦ୍ଧା/ବାଲୁଗାଁ,୧୦।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଚିଲିକା ତହସିଲ ସୋରଣ ଆର୍ଆଇ ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) କୈଳାସଚନ୍ଦ୍ର ବେହେରା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ସୋରଣର ଚିଲିକା ଆର୍ଦ୍ରଭୂମି ସଂରକ୍ଷଣର ଜଣେ କାର୍ଯ୍ୟକର୍ତ୍ତାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଛନ୍ତି କୈଳାସ। ତାଙ୍କ ପୁଅ ସହିତ ଗାଁର ଆଉ କେତେ ଜଣ ଜମିହୀନ ଗ୍ରାମବାସୀଙ୍କୁ ବସୁନ୍ଧରା ଯୋଜନାରେ ଜମି ଯୋଗାଇ ଦେବାକୁ ସେମାନଙ୍କ ସପକ୍ଷରେ ରିପୋର୍ଟ ଦେବାକୁ ସେ ଏହି ଅର୍ଥ ନେଇଥିଲେ। ଲାଞ୍ଚ ନେଇ ଧରାପଡ଼ିବା ପରେ ଏଆରଆଇଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ କରାଯାଇଛି। ସୂଚନାଯୋଗ୍ୟ, ୨୦୧୬ ମସିହାରେ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ ଏଆରଆଇ କୈଳାସଚନ୍ଦ୍ର ବେହେରା। ଏହି ମାମଲା ବିଚାରାଧୀନ ରହିଛି।



## ବଣ୍ଡା ମହିଳାଙ୍କ କଥା ଭୁଲିଗଲେ

### ଏବେ ବି ଶହଶହ ମହିଳା 'ସୁଭଦ୍ରା'ରୁ ବଞ୍ଚିତ

**ମାଲକାନଗିରି/ଖଇରପୁଟ, ୧୦।୧(ସମିସ):** ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ତାଗିଦ୍ ପରେ ବି ମାଲକାନଗିରି ଜିଲ୍ଲା ବଣ୍ଡା ଘାଟିର ବହୁ ମହିଳା ଏବେ ବି 'ସୁଭଦ୍ରା' ଯୋଜନାରୁ ବଞ୍ଚିତ ଅଛନ୍ତି। ଆଧାର କାର୍ଡରେ ତ୍ରୁଟି, ମୋବାଇଲ୍ ସହ ଆଧାର ଲିଙ୍କ୍ ନ ହେବା ଆଦି କାରଣରୁ ସେମାନେ ଏଯାଏ ଯୋଜନାରେ ସାମିଲ ହୋଇପାରିନାହାନ୍ତି।

ସୂଚନାନୁଯାୟୀ, ବଣ୍ଡା ଘାଟିର ମହିଳା 'ସୁଭଦ୍ରା' ଯୋଜନାରେ ସାମିଲ ହୋଇନପାରିବା ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏକ ସ୍ୱତନ୍ତ୍ର ଟିମ୍ ବଣ୍ଡା ଘାଟିକୁ ଯାଇ ଘଟଣାର ସମାଧାନ ପାଇଁ ପଦକ୍ଷେପ ନେଇଥିଲା। ପରେ ନିଜେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଣ୍ଡା ଘାଟି ଅଞ୍ଚଳ ଗସ୍ତ କରି ମହିଳାଙ୍କୁ 'ସୁଭଦ୍ରା'ରେ ସାମିଲ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କିଛି ହିତାଧିକାରୀ ଏହି ଯୋଜନାର ସୁଫଳ ମଧ୍ୟ ପାଇଥିଲେ। କିନ୍ତୁ ଏବେ ପୁଣି ସେହି ସମସ୍ୟା ଦେଖାଦେଇଛି। ଅନେକ ମହିଳାଙ୍କ ଆଧାରରେ ତ୍ରୁଟି ରହିଥିବାରୁ ସେମାନଙ୍କୁ ସାମିଲ କରାଯାଇନାହିଁ। ଖଇରପୁଟ ବ୍ଲକ ସଦରରେ ତମାମ ଆଧାର ଓ ମୋ ସେବା କେନ୍ଦ୍ର ବନ୍ଦ ପଡ଼ିଛି। ଫଳରେ ଗତ ମାସେ ହେବ ଆଧାର ସଂଯୋଗୀକରଣ ହୋଇପାରୁ ନଥିବାରୁ ବଣ୍ଡା ମହିଳାମାନେ ଏହି ଯୋଜନାରେ ଆବେଦନ କରି ପାରୁନାହାନ୍ତି। ଏହାକୁ ନେଇ ସ୍ଥାନୀୟ ଜନ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସଂପର୍କରେ ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି ସରକାରଙ୍କୁ ଏହି ଦିଗରେ ତ୍ୱରିତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ସେହିପରି ଖଇରପୁଟ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝି ମଧ୍ୟ ଘଟଣାକୁ ନେଇ ଦୁଃଖ ପ୍ରକାଶ କରି ପ୍ରଶାସନ ଓ ସରକାର ଏଠି ପାଇଁ ତତ୍ପର ହେବାକୁ ଦାବି କରିଛନ୍ତି।

■ ଅବକାରୀ ଟିମ୍‌କୁ ଆକ୍ରମଣ ଘଟଣା

## ପଶ୍ଚିମବଙ୍ଗରୁ ଦୁଇ ମାଷ୍ଟରମାଇଣ୍ଡ ଗିରଫ

**ଭୋଗରାଇ/କମର୍ଦ୍ଦା,୧୦।୧(ସମିସ):** ଉତ୍ତର ବାଲେଶ୍ୱରର ବିଭିନ୍ନ ସ୍ଥାନରେ ବ୍ରାଉନ ସୁଗର କାରବାରର ଅନ୍ୟତମ ମାଷ୍ଟରମାଇଣ୍ଡ କୁହାଯାଉଥିବା ରାଣୀ ମଲ୍ଲିକା ଓ ତା'ର ସହଯୋଗୀ ରାଜୀବ ସାମଲଙ୍କୁ କମର୍ଦ୍ଦା ପୁଲିସ ପଶ୍ଚିମବଙ୍ଗରୁ ଗିରଫ କରିଛି। ଗତ ଡିସେମ୍ବର ୨୩ ତାରିଖରେ କମର୍ଦ୍ଦା ବଜାର ନିକଟରେ ଥିବା ମଲ୍ଲିକାଙ୍କ ଘରେ ବ୍ରାଉନସୁଗର କାରବାର ଚାଲିଥିବା ସୂଚନା ପାଇ ଅବକାରୀ ସାଟେଲାଇଟ ଟିମ୍ ସେଠାରେ ଚଢ଼ଉ କରିଥିଲା। ଏହି ଘଟଣାରେ ୧୦ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିଥିଲା।

## ଦିଲୀପ ତିର୍କୀଙ୍କ ପିତୃ ବିୟୋଗ

**ବାଲିଶଙ୍କରା, ୧୦।୧(ସମିସ):** ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ବାପା ଭିନ୍‌ସେଣ୍ଟ ତିର୍କୀଙ୍କ ୮୦ବର୍ଷ ବୟସରେ ବିୟୋଗ ଘଟିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ସେ ସମ୍ବଲପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଆଜି ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ୪ ପୁଅ ଫ୍ରାନ୍ସିସ ତିର୍କୀ, ଦିଲୀପ ତିର୍କୀ, ଅଜିତ ତିର୍କୀ, ଅନୁପ ତିର୍କୀ ଓ ଝିଅ ଜ୍ୟୋତି ତିର୍କୀ ରହିଛନ୍ତି। ଶନିବାର ଭିନସେଣ୍ଟଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାରବର୍ଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେ ମଧ୍ୟ ଜଣେ ଭଲ ହକି ଖେଳାଳି ଥିଲେ। ଏହି ଖବର ପ୍ରଚାର ହେବା ପରେ ସଉନାମରା ସମେତ ଓଡ଼ିଶାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।




**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 04.01.2025. I Sonam Priyadarshini Routray, W/o- Ajay Biswal, at- Naribag, Garedipanchan, Balipatna, Khordha-752102 declare that I have changed my name from Sonam Priyadarshini Biswal to Sonam Priyadarshini Routray. Henceforth I shall be known as **Sonam Priyadarshini Routray** for all purposes.

**LOST**

ରାୟଗଡ଼ାର ଜେକେପୁରରେ ରହୁଥିବା ମୁଁ ଅରୁଣ କୁମାର ଗିରି, ଭୁବନେଶ୍ୱରର ତହସିଲ କାର୍ଯ୍ୟାଳୟ ଦ୍ୱାରା ଜାରି କରାଯାଇଥିବା ମୋର ମୂଳ ବିକ୍ରୟ ଦଲିଲ (ମୂଳ କବଲା) ହଜାଇଛି, ଯେଉଁଥିରେ ପ୍ଲଟ୍ ନମ୍ବର - ୬୦୦୧/୧୧୮୯୦, ଖତିଆନ୍ ନମ୍ବର: ୪୭୧୧/୬୫୧, ମୌଜା- ଭୁବନେଶ୍ୱର ସହର, ୟୁନିଟ୍-39, ଗାଡକଣ। ଯଦି ମିଳେ, ଦୟାକରି ଏହି ଠିକଣାରେ ଯୋଗାଯୋଗ କରନ୍ତୁ। 7894439730, ଇମେଲ:arun_girimba@rediffmail.com

**WE ARE HIRING**

Join India's most Trusted fitness equipment Brand.

**WELCARE**

Positions Available

1) **Marketing Executive** (Any Graduate/MBA)
2) **Technician** (ITI / Diploma - Any Trade)
3) **Delivery Boy** (10th / + 2)

Please send your CV at Email: fitnesscarebbsr@gmail.com

**Call : 7788014444**

Visit: Welcare Fitness Equipment, Pandara Square, BBSR-Puribypass, Bhubaneswar

**AFFIDAVIT**

I BINATI MALI, aged about 24 years, W/o: Nirakar Mali, resident of Vill: Sanabharandi, Po: Badabharandi, P.s: Umerkote in the district of Nabarangpur (Odisha) do here by solemnly affirm an oath and states as follows, before my marriage I am known as Banita Goud as per my father's surname which is mentioned in my S.B.I- Kiosk Bank Passbook vide A/c. No: 40633775460. after my marriage I know as BINATI MALI as per my husband surname which is mentioned in my Aadhar Card vide No: 8567 2604 5878.hence both Binati Mali and Banita Goud is same and one person.Today onwards I will be known as BINATI MALI for all purpose.

**AFFIDAVIT**

Before the Court of Executive Magistrate Sundargarh I Geetanjali Majhi , W/o - Late Jatindra Kumar Majhi, R/O - At/P.O - Talasara, P.S - Talsara, Dist. Sundargarh do hereby declare that my actual name is Gitanjali Majhi which has been mentioned in my Voter ID and Resident Certificate. But my Adhar Card Bearing No. 2747 4200 3236 my name has been wrongly mentioned Geeta Rani Majhi instead of Geetanjali Majhi. Hence both the person are same and one person for purpose correction of Aadhar Card.

**AFFIDAVIT**

I, Ankura Charan Behera, S/o- Late Rangadhara Behera, resident of At-Kusabata, Po-Jampada, Ps-Bari Ramachandrapur, Dist-Jajpur, Pin-755005, Odisha declare by this affidavit No.31, dtd-06/01/2024 that now onwards I shall be known as **Ankura Behera** for all future purposes.

**AFFIDAVIT**

I, Mahammad Kamrul, S/o- Mohammed Hedad, resident of Sunadharbasan, Po-Bhograi, Dist- Balasore, Pin- 756038 Odisha declare by this affidavit No. 24, dated-10/01/2025 that now onwards I shall be known as **MOHAMMED KAMRUL** for all future purposes.

**AFFIDAVIT**

I, Srimati Munda, W/o-Rout Munda, resident of Ward No.02, Karakola, Nalda, Barbil, Keonjhar, Pin-758035, Odisha declared by this affidavit No. 93, dtd-09/01/2025 that now onwards I shall be known as **Shreemati Munda** for all future purposes.

**AFFIDAVIT**

I, Susanta Kumar Behera, S/o- Manguli Behera, resident of At/Po- Mangalajodi, Khurda, Pin- 752033, Odisha declared by this affidavit No. 91, dated- 09/01/2025, that now onwards I shall be known as **Susanta Behera** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକଶିତ ରାଷ୍ଟ୍ର ନିର୍ମାଣରେ...

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଳନ ଉପଲକ୍ଷେ ଓଡ଼ିଶାରେ ଆୟୋଜିତ ତ୍ରିଦିବସୀୟ ସମ୍ମିଳନୀର ସମାପନ ସମାରୋହରେ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଆମ ଦେଶ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଥିବା ବେଳେ ଏଥିରେ ପ୍ରବାସୀ ଭାରତୀୟମାନଙ୍କର ବଡ଼ ଅବଦାନ ରହିବ। ପ୍ରବାସୀ ଭାରତୀୟମାନେ ବିକଶିତ ଭାରତ ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କର ବିଶ୍ୱବ୍ୟାପୀ ଉପସ୍ଥିତି ସେମାନଙ୍କୁ ଏକ ଅନନ୍ୟ ଦୃଷ୍ଟିକୋଣ ପ୍ରଦାନ କରିଥାଏ। ସେମାନଙ୍କର ସଫଳତା ଏକ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ସାକାର କରିବାରେ ସହାୟକ ହେବ। ମିଳିତ ଭାବେ ଆମେ ଏପରି ଏକ ବିକଶିତ ଭାରତ ନିର୍ମାଣ କରିବା, ଯାହା ବିଶ୍ୱ ମଞ୍ଚରେ ଶୀର୍ଷରେ ରହିବ ଏବଂ ବିଶ୍ୱ ପାଇଁ ଆଶାର ଆଲୋକବର୍ତ୍ତିକା ହେବ।

ସ୍ଥାନୀୟ ଜନତା ମଇଦାନରେ ଶୁକ୍ରବାର ଆୟୋଜିତ ଭବ୍ୟ ସମାରୋହରେ ରାଷ୍ଟ୍ରପତି କହିଛନ୍ତି ଯେ ପ୍ରବାସୀ ଭାରତୀୟମାନେ ଆମ ଦେଶର ସର୍ବୋତ୍ତମ ପ୍ରତିନିଧି। ସେମାନେ କେବଳ ଏହି ପବିତ୍ର ଭୂମିରେ ଅର୍ଜିତ ଜ୍ଞାନ ଏବଂ କୌଶଳକୁ ନିଜ ସହିତ ନେଇ ନାହାଁନ୍ତି; ବରଂ ହଜାର ହଜାର ବର୍ଷ ଧରି ଆମ ସଭ୍ୟତାର ମୂଳଦୁଆ ସାଜିଥିବା ମୂଲ୍ୟବୋଧ ଏବଂ ନୈତିକତାକୁ ମଧ୍ୟ ସାଙ୍ଗରେ ବହନ କରିଛନ୍ତି। ପ୍ରଯୁକ୍ତିବିଦ୍ୟା, ଭେଷଜ, କଳା ଏବଂ ଉଦ୍ୟମିତା କ୍ଷେତ୍ରରେ ପ୍ରବାସୀ ଭାରତୀୟମାନେ ଏପରି ଏକ ପ୍ରଭାବ ସୃଷ୍ଟି କରିଛନ୍ତି, ଯାହାକୁ ବିଶ୍ୱ ସ୍ୱୀକାର ଏବଂ ସମ୍ମାନ କରିଥାଏ। ଭାରତର କାଳଜୟୀ ଦର୍ଶନ "ବସୁଧୈବ କୁଟୁମ୍ବକମ୍" ବିଷୟରେ ଉଲ୍ଲେଖ କରି ରାଷ୍ଟ୍ରପତି କହିଲେ ଯେ ଏହି ପରିକଳ୍ପନା ଏପରି ଏକ ପରିବେଶ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ, ଯାହା କେବଳ ଆମର ଆବଶ୍ୟକତା ପୂରଣ କରିବ ନାହିଁ; ବରଂ ବିଶ୍ୱର କଲ୍ୟାଣ ଦିଗରେ ମଧ୍ୟ ସହାୟକ ହେବ। ଆମେ ଏପରି ଏକ ରାଷ୍ଟ୍ର ହେବାକୁ ଚାହୁଁଛୁ, ଯାହା ସାମାଜିକ ନ୍ୟାୟ ଓ ପରିବେଶ ପରିଚାଳନା ସହିତ ଆର୍ଥିକ ପ୍ରଗତିକୁ ସନ୍ତୁଳିତ କରିବା ସହ ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବ। ଏହି ଲକ୍ଷ୍ୟ ହାସଲ କରିବାରେ ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଯେତେବେଳେ ଆମେ ଆମ ପ୍ରବାସୀ ଭାରତୀୟ ପରିବାରର ସଫଳତାକୁ ପାଳନ କରୁଛୁ, ସେତେବେଳେ ଆମେ ମଧ୍ୟ ଆଶା ଓ ସଂକଳ୍ପର ସହିତ ଭବିଷ୍ୟତକୁ ଅପେକ୍ଷା କରିବା ଉଚିତ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ। ଏହି ଅବସରରେ ୨୭ ଜଣ ପ୍ରବାସୀ ଭାରତୀୟଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିଥିଲେ।

### ଗଣତନ୍ତ୍ରର ଗଳାରୋଧ...

ବିରୋଧୀ ବିଜେଡି ଓ ଅନ୍ୟ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ଶାସକ ଦଳ ନେତାଙ୍କ ଦ୍ୱାରା କରାଯାଇଥିବା ଏହି ଷଡ଼ଯନ୍ତ୍ରରେ ଓଡ଼ିଶା ପୁଲିସ ସହ ପଡ଼ୋଶୀ ଛତିଶଗଡ଼ର ପୁଲିସକୁ ମଧ୍ୟ ସାମିଲ କରାଯାଇଛି । ସମଗ୍ର ଘଟଣାକ୍ରମରେ ଲଇକେରା ଥାନା ଅଧିକାରୀ ଦିଲିପ ବେହେରାଙ୍କଠାରୁ ଆରମ୍ଭ କରି ସମ୍ବଲପୁର ଆଇଜି ହିମାଂଶୁ ଲାଲଙ୍କ ଭୂମିକା ଓ କାର୍ଯ୍ୟକଳାପ ସନ୍ଦେହ ସୃଷ୍ଟି କରିଛି ବୋଲି ବିଜେଡି ନେତ୍ରୀ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଅଭିଯୋଗ କରିଛନ୍ତି ।

କିର୍ମିରା ବ୍ଲକ୍ ଅଧକ୍ଷାଙ୍କ ବିରୋଧରେ ବାରମ୍ବାର ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲେ ହେଁ ପ୍ରଶାସନ ଏହାକୁ ଗ୍ରହଣ କରି ନ ଥିଲା। ଶେଷରେ ନିର୍ବାଚିତ ଜନ ପ୍ରତିନିଧିମାନେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ ଓ ଅଦାଲତ ନିର୍ଦ୍ଦେଶକ୍ରମେ ୧୦ ତାରିଖ (ଆଜି) ସକାଳ ୧୦.୩୦ ମିନିଟରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଭୋଟଦାନ କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଏହା ପୂର୍ବରୁ ଅନାସ୍ଥା ପ୍ରସ୍ତାବ ଆଣିଥିବା ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଭୋଟଦାନରୁ ବିରତ କରିବାକୁ ବିଜେପିର ଷଡ଼ଯନ୍ତ୍ର ସଫଳ ହୋଇଛି । ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ଛତିଶଗଡର ଶାସକ ବିଜେପି ସରକାରଙ୍କ ସହାୟତାରେ ପ୍ରାୟ ୧୭ ଘଣ୍ଟା ଅଟକ ରଖିବାରେ ଓଡ଼ିଶାର ବିଜେପି ନେତାମାନେ ସକ୍ଷମ ହୋଇଛନ୍ତି। ଫଳରେ ସେମାନେ ଧାର୍ଯ୍ୟ ସମୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ନ ପାରିବାରୁ ଅନାସ୍ଥା ପ୍ରସ୍ତାବ ବାତିଲ ହୋଇଛି।

ଗୁରୁବାର ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପୁଅ ବିଶାଳ ଦାସଙ୍କ ସମ୍ବଲପୁର ସ୍ଥିତ ହୋଟେଲରେ ବିନା ୱାରେଣ୍ଟରେ ପୁଲିସ ବଳପୂର୍ବକ ପ୍ରବେଶ କରିଥିଲା। ଲଇକେରା ଥାନାଧିକାରୀ ଦିଲ୍ଲୀପ ବେହେରା କିଛି ଅଜଣା ବ୍ୟକ୍ତିଙ୍କ ସହ ବିଶାଳ ଦାସଙ୍କ ହୋଟେଲ ଡି ଲାଉଞ୍ଜରେ ବଳପୂର୍ବକ ପ୍ରବେଶ କରିବା ସହ ଧମକଚମକ ଦେଇଥିଲେ। ଦୁଇ ବର୍ଷ ତଳେ ଜଣେ ପୁଲିସ କର୍ମଚାରୀ ତାଙ୍କୁ ହତ୍ୟା କରିଥିବାବେଳେ କିର୍ମିରା ବ୍ଲକ୍ ଅଧକ୍ଷାଙ୍କ ବିରୋଧରେ ହେବାକୁଥିବା ଅନାସ୍ଥା ପ୍ରସ୍ତାବକୁ ଭଣ୍ଡୁର କରିବାକୁ ଲଇକେରା ଥାନା ଅଧିକାରୀ ଉଦ୍ୟମ କରୁଥିବା ଅଭିଯୋଗ କରି ଦୀପାଳି ଓ ବିଶାଳ ପୁଲିସ ଆଇଜି ହିମାଂଶୁ ଲାଲଙ୍କୁ ସୁରକ୍ଷା ଦେବାକୁ ଅନୁରୋଧ କରିଥିଲେ। ମାତ୍ର ଆଇଜି ଏହି ଅଭିଯୋଗ ପ୍ରତି କର୍ଣ୍ଣପାତ କରି ନ ଥିଲେ । କିର୍ମିରା ବ୍ଲକରେ ଅନାସ୍ଥା ଭୋଟରେ ଯେପରି ସମିତି ସଭ୍ୟମାନେ ପହଞ୍ଚି ନ ପାରିବେ ସେଥିପାଇଁ ଛତିଶଗଡ଼ ପୁଲିସ ସହ ମିଶି ଓଡ଼ିଶା ପୁଲିସ ଷଡ଼ଯନ୍ତ୍ର କରିଥିବା ଦୀପାଳି ଅଭିଯୋଗ କରିଛନ୍ତି ।

ଦୀପାଳି କହିଛନ୍ତି ଯେ କିର୍ମିରା ପଞ୍ଚାୟତ ସମିତିର ନିର୍ବାଚିତ ସଦସ୍ୟ ଓ କିଛି ବିଜେଡି କର୍ମୀ ଅନାସ୍ଥା ଭୋଟ ପୂର୍ବରୁ ମିଳିତ ହୋଇ ଛତିଶଗଡ଼ ବୁଲି ଯାଇଥିଲେ। ମାତ୍ର ସେମାନଙ୍କୁ ଝାରସୁଗୁଡ଼ା ପୁଲିସର ଇଙ୍ଗିତରେ ଛତିଶଗଡ଼ ପୁଲିସ ସେମାନଙ୍କୁ ସରେଇପାଲି ଥାନାରେ ଅଟକ ରଖିଥିଲା। ଏହି ସୂଚନା ପାଇବା ପରେ ରାତି ୨ଟା ରେ ବିଶାଳ ସେଠାରେ ପହଞ୍ଚିଥିଲେ। ମାତ୍ର ତାଙ୍କୁ ମଧ୍ୟ ପୁଲିସ ସେଠାରେ ଅଟକ ରଖିଥିଲା। କୌଣସି ୱାରେଣ୍ଟ ବିନା ପିଆରଆଇ ମେମ୍ବରଙ୍କୁ ଅଟକ ରଖିଥିବାରୁ ଦୀପାଳି ଉଦ୍‌ବେଗ ପ୍ରକାଶ କରିବା ସହ ଅନାସ୍ଥା ବୈଠକରେ ଯୋଗ ଦେବା ପାଇଁ ସେମାନଙ୍କୁ ଛାଡ଼ିବା ପାଇଁ ଦାବି କରିଥିଲେ ହେଁ ଏହାପ୍ରତି କେହି କର୍ଣ୍ଣପାତ କରି ନ ଥିଲେ । ଏପରିକି ବିଶାଳ ଓ ଅନ୍ୟ ପିଆର୍ଆଇ ସଦସ୍ୟମାନଙ୍କୁ କାହିଁକି ଅଟକ ରଖାଗଲା, ସେ ସମ୍ପର୍କରେ ମଧ୍ୟ ସେମାନଙ୍କୁ କେହି ସୂଚନା ଦେଲେ ନାହିଁ ବୋଲି ଦୀପାଳି କହିଛନ୍ତି । ଏ ସମ୍ପର୍କରେ ସୂଚନା ପାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବା ପରେ ସେମାନଙ୍କୁ ଛତିଶଗଡ଼ ପୁଲିସ ଛାଡ଼ିଥିଲା। ମାତ୍ର ସେତେବେଳକୁ ବୈଠକ ନିମନ୍ତେ ଧାର୍ଯ୍ୟ ସମୟ ଅତିକ୍ରମ କରି ଯାଇଥିଲା।

ଆଜି ପଞ୍ଚାୟତ ସମିତି ବୈଠକ ବାତିଲ ହେବା ପରେ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ଅଧକ୍ଷାଙ୍କ ବିରୋଧରେ ଆଉ ଅନାସ୍ଥା ଆସି ପାରିବ ନାହିଁ ବୋଲି ଉପ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପଞ୍ଚାୟତ ସମିତି ଆକ୍ଟ ୪୬ (ବି)ର (ଜି) ରେ କୁହାଯାଇଛି ଦୁଇ ତୃତୀୟାଂଶରରୁ କମ ସଭ୍ୟ ଆସିଲେ କୋରମ ବାତିଲ ହୁଏ। ଥରେ ଏହି ରିଜୋଲେସନ ବାତିଲ ହେବା ପରେ ୧ ବର୍ଷ ଯାଏଁ ଏନେଇ ରିଜୋଲେସନ ଆଗତ ହୋଇପାରିବ ନାହିଁ। ତେଣୁ ନିର୍ବାଚନ ବାତିଲ ହେବା ପରେ ଆଜି ଠାରୁ ଏକ ବର୍ଷ ଯାଏଁ କିର୍ମିରା ବ୍ଲକ୍ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ଆଗତ କରାଯାଇପାରିବ ନାହିଁ ବୋଲି ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା କହିଛନ୍ତି।

### ନବୀନଙ୍କ ହସ୍ତକ୍ଷେପ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ନବୀନ। ଏହା ସହ ଏହି ପ୍ରସଙ୍ଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ନବୀନ ଦାବି କରିଛନ୍ତି। ନବୀନଙ୍କ ହସ୍ତକ୍ଷେପ ପରେ ଛତିଶଗଡ଼ ପୁଲିସ ଅଟକ ରଖିଥିବା ବିଶାଳ ଓ ଅନ୍ୟ ଲୋକ ପ୍ରତିନିଧିମାନଙ୍କୁ ମୁକ୍ତ କରିଛି ।

ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଝାରସୁଗୁଡ଼ା ଜିଲ୍ଲା କିରିମିରା ବ୍ଲକ୍‌ର ସରପଞ୍ଚ, ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ଛତିଶଗଡ଼ ପୁଲିସ ମହାସମୁନ୍ଦ ଜିଲ୍ଲା ଅନ୍ତର୍ଗତ ସରେଇପାଲି ଥାନାରେ ଗୁରୁବାର ମଧ୍ୟ ରାତ୍ରିରୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ଅନେକ ମହିଳା ଜନପ୍ରତିନିଧି ମଧ୍ୟ ଅଛନ୍ତି। କିରିମିରା ବ୍ଲକ୍‌ରେ ଆଜି ପୂର୍ବାହ୍ନ ୧୦.୩୦ରେ ସେମାନେ ଏକ ଅନାସ୍ଥା ଭୋଟରେ ଯୋଗ ଦେବାର ଥିଲା। ଛତିଶଗଡ଼ ପୁଲିସ ସେମାନଙ୍କ ସହିତ ତଥା ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ନବ କିଶୋର ଦାସଙ୍କ ପୁଅ ବିଶାଳ ଦାସଙ୍କୁ ମଧ୍ୟ ପୁଲିସ ଥାନାରେ ଅଟକ ରଖିଛି। ସେଥିପାଇଁ ସେମାନେ ଅନାସ୍ଥା ଭୋଟରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଛନ୍ତି। ଏହା ଅତ୍ୟନ୍ତ କ୍ଷୋଭର ବିଷୟ। ତେଣୁ ଆପଣ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରି ସେମାନଙ୍କୁ ତୁରନ୍ତ ମୁକ୍ତି ପାଇଁ ପଦକ୍ଷେପ ନିଅନ୍ତୁ। ଏଥିସହ ଓଡିଶା ସୀମାରେ ପହଞ୍ଚିବା ପର୍ଯ୍ୟନ୍ତ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଉ ବୋଲି ଶ୍ରୀ ପଟ୍ଟନାୟକ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ଏହାର ନକଲ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପଠାଇଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Jagatsinghpur, dated 07.01.2025 I APARNA SAHOO, Address At-Khanijipur, Po-Nayahat, Ps-Gop, Dist-Puri, Pin-752107 declare that I have changed my name from ANIKITA BAISHAKHYA to APARNA SAHOO Henceforth, I shall be known as **APARNA SAHOO** for all purposes.

PANCHAYAT SAMITI OFFICE, TANGARPALI, SUNDARGARH.

NOTICE

**Sealed Quotation /Tenders are invited from interested Service Provides, Reputed Travel Agencies/Tour Operators or Private Individuals for Providing 1 (One) no. of AC Diesel driven TUV 300/Bolero/Sumo Gold/ Ertiga/Scropio for official use in the office of the Block Development Officer,Tangarpali for Supervision of Rural Housing work is available in District website www.sundargarh.gov.in. So interested Service Provider/reputed Travel Agencies/Tour Operators or Private Individuals may download the same from District website from 10.01.2025 to 28.01.2025 (2.00P.M)**

**Block Development Officer, Tangarpali.**

OFFICE OF THE NOTIFIED AREA COUNCIL, NILGIRI, BALSORE

C-1457

No. 54 / Date 09.0.2025

**'e' Procurement Notice**

BID Identification No. NLGN_03/2024-25

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1. Name of the Work : Construction of Civil work.
2. No. of works : 1nos.
3. Estimated Cost : Rs 2.11 Lakh.
4. Period of Completion : 30days.
5. Date &Time of availability : 11.01.2025 at 11.00 A.M. to 20.01.2025 up to 5P.M. of Bid documents in the Portal
6. Last date & time for receipt of bids in the portal : 20.01.2025 up to 5 P.M.
7. Bids received online shall be opened on : 21.01.2025 at 11.00 AM.
8. Name and address of the officer inviting Bid : Executive Officer, Nilgiri NAC

Further details can be seen from the procurement portal i.e. www.tendersodisha.gov.in

Executive Officer
Nilgiri NAC

OIPR-13179/11/0007/2425

O-1207

06670-235504
E_Mail: serwbpt@yahoo.com

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS, CIRCLE, BHAWANIPATNA
Bid identification No.:- BPT/Online-11/2024-25 Date-09.01.2025
NOTICE INVITING TENDERS FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the Work : Periodical Renewal work of 5 year post DLP PMGSY Roads in the District of Nuapada.
2. No of Works : 2 Nos.
3. Location details : Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 16.01.2025 11.00 A.M. | 29.01.2025 5.00 P.M. | 28.01.2025 | 30.01.2025 at 11.00 A.M. |

Further details can be seen from the web site "www.tendersorissa.gov.in"

Chief Construction Engineer
Rural Works Circle, Bhawanipatna

OIPR-25102/11/0010/2425

TP SOUTHERN ODISHA DISTRIBUTION LIMITED
(Procurement Department)

TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

NOTICE INVITING TENDER

Dt.: 08.01.2025

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for electrification of additional villages under SETU FY 2023-24 on "Turnkey Contract Basis". | TPSODL/OT/ 2024-25/047 | 5,00,000 | 5,000 | 18.01:2025; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

**Office of the Principal, Model Degree College, Rayagada**
AT- Amlabhatta, Po- Penta, Dist- Rayagada (Odisha) Pin- 765017
Contact No: 7008779251, E-mail – mdcrayagada@gmail.com
Website: www. mdcrayagada.org.in

**TENDER CALL NOTICE**

Sealed tenders are invited from reputed Manufacturers/ Authorized Dealers having valid up-to-date GST/IT clearance for supply of following items for this institution. The last date of submission of tender is Dt: **31/01/2025** by registered post/speed post only. The date of opening of the tender will be on **01/02/2025** at 3 P.M. Tender incomplete in any respect as per the terms & conditions mentioned in the tender Call notice shall be summarily rejected, no postal delays will be entertained. The authority reserves the right to reject any or all quotations without assigning any reason thereof. For details visit the college website – **www.mdcr.ac.in and Rayagada Dist. Portal – www.rayagada.nic.in**

PRINCIPAL
MODEL DEGREE COLLEGE,
RAYAGADA

# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ୍ୟ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ ।
-ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

## 'ବୋଝ-ମୁକ୍ତ ବଜେଟ୍'ର ଆକାଂକ୍ଷା

ଦେଶର ଅର୍ଥନୀତି କଠିନ ସମୟ ଦେଇ ଗତି କରୁଥିବା ବେଳେ ପ୍ରାକ୍-ବଜେଟ ପ୍ରସ୍ତୁତି ଆରମ୍ଭ ହୋଇଛି । ତେଣୁ ୨୦୨୫-୨୬ ବଜେଟ୍‌ରେ ସରକାରଙ୍କ ସଂସ୍କାରବାଦୀ ଆଭିମୁଖ୍ୟ ପ୍ରତିଫଳିତ ହେବା ସହିତ ଅର୍ଥନୀତିର ମୌଳିକ ଢାଞ୍ଚା ପ୍ରତି ଯେପରି ଆଞ୍ଚ ନ ଆସେ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି । ଅର୍ଥନୀତିର ପ୍ରଭାବୀ ଗୋଷ୍ଠୀର ପ୍ରତିନିଧିଙ୍କ ସହ ବିଚାରବିମର୍ଶ ମାଧ୍ୟମରେ ସରକାର ବଜେଟକୁ ନୂତନ ରୂପ ଦେବା ସକାଶେ ତଥ୍ୟ ସଂଗ୍ରହ କରୁଛନ୍ତି । ସରକାରଙ୍କ ପାଇଁ ଜିଡିପି ବା ଅଭିବୃଦ୍ଧି ହାରରେ ଶିଥିଳତା ଓ ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ହାର ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି । ଖାଉଟି ସାମଗ୍ରୀର କ୍ରମବର୍ଦ୍ଧିଷ୍ଣୁ ମୂଲ୍ୟ ବୃଦ୍ଧି ଅନୁପାତରେ ଉପଭୋକ୍ତାଙ୍କ ଉପାର୍ଜନ ବଢୁ ନ ଥିବାରୁ ବଜାର ଅର୍ଥନୀତିରେ ଉପଭୋକ୍ତାଙ୍କ କ୍ରୟଶକ୍ତି ହ୍ରାସ ପାଇ ଚାଲିଛି । ଏଥିପ୍ରତି ଦୃଷ୍ଟି ନ ଦେଲେ ଏବଂ ଚାହିଦା ଓ ଯୋଗାଣରେ ଭାରସାମ୍ୟ ରକ୍ଷା ପାଇଁ ସମୟୋଚିତ ପଦକ୍ଷେପ ନ ନେଲେ ବଜାର ଅର୍ଥନୀତି ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି ।

ଅଭିବୃଦ୍ଧି ହାର ସୂଚାଉଛି ଯେ ଅର୍ଥନୀତିରେ ସବୁକିଛି ଠିକ୍‌ଠାକ୍ ଚାଲିନି । ସରକାର ନିଜ ଆଡୁ ୨୦୨୪-୨୫ର ଜିଡିପି ଅଭିବୃଦ୍ଧି ଧାର୍ଯ୍ୟ ଲକ୍ଷ୍ୟ ହାର ୬.୪ ପ୍ରତିଶତକୁ ହ୍ରାସ କରିଛନ୍ତି, ଯାହାକି ଗତ ୪ ବର୍ଷ ମଧ୍ୟରେ ସର୍ବନିମ୍ନ । ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ଚଳିତ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧି ହାର ଆକଳନକୁ ସଂଶୋଧନ କରି ୭.୬ ପ୍ରତିଶତରୁ ୬.୬ ପ୍ରତିଶତକୁ ହ୍ରାସ କରିଛନ୍ତି । ପୂର୍ବ ତିନିଟି ଆର୍ଥିକ ବର୍ଷରେ ଏହି ହାର ଯଥାକ୍ରମେ ୮.୨, ୭ ଓ ୯.୭ ପ୍ରତିଶତ ଥିଲା । ଏଥିରୁ ଦେଶର ଅର୍ଥନୀତି ଶିଥିଳ ହେଉଥିବାର ଅନୁଭୂତ ହୋଇଛି । ଆଶ୍ୱାସନାର ବିଷୟ ଯେ କୋଭିଡ୍ ପରବର୍ତ୍ତୀ ଅର୍ଥନୀତିରେ ଅବଶିଷ୍ଟ ବିଶ୍ୱ ତୁଳନାରେ ଭାରତ ସ୍ଥିତି ଅପେକ୍ଷାକୃତ ଭଲ ଅଛି । କିନ୍ତୁ ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବାର ସ୍ୱପ୍ନ ସାକାର କରିବାକୁ ହେଲେ ଏହା ଯଥେଷ୍ଟ ନୁହେଁ ।

ବାସ୍ତବତା ହେଉଛି, ଜିଏସ୍‌ଟିର କାୟା ବିସ୍ତାର ଓ ପରିବର୍ଦ୍ଧିତ ହାରକୁ ବାଦ୍ ଦେଇ ଆମେ ମୂଲ୍ୟବୃଦ୍ଧି ଭଳି ଗୁରୁତର ସମସ୍ୟା ସମ୍ପର୍କରେ ଆଲୋଚନା କରିପାରିବା ନାହିଁ । ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଖାଉଟି ମୂଲ୍ୟସୂଚୀ ହାର ତୁଳନାରେ ବଜାର ଦର କାହିଁ କେତେ ଆଗରେ । ଗତ ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ହାର ଧାର୍ଯ୍ୟ ସୀମା ଅତିକ୍ରମ କରି ୫.୪୯ %ରେ ପହଞ୍ଚିଛି । ଅକ୍ଟୋବରରେ ଏହା ୬.୨୧% କୁ ବୃଦ୍ଧି ପାଇଥିଲା । ରିଜର୍ଭବ୍ୟାଙ୍କ ନଗଦ ପ୍ରବାହକୁ ସଂକୁଚିତ କରି ସ୍ଥିତିରେ ସୁଧାର ଆଣିବାକୁ ଉଦ୍ୟମ କରିଥିଲେ ହେଁ ତାହା ସଫଳ ହୋଇପାରିନାହିଁ । ସରକାରଙ୍କୁ ରାଜସ୍ୱ ବୃଦ୍ଧି ଚିନ୍ତା ଘାରିଥିବାରୁ ନିକଟ ଭବିଷ୍ୟତରେ ମୁଦ୍ରାସ୍ଫୀତିର କ୍ରମବର୍ଦ୍ଧିଷ୍ଣୁ ଧାରା ନିମ୍ନମୁଖୀ ହେବାର ସମ୍ଭାବନା ମଧ୍ୟ ଦେଖାଯାଉନାହିଁ । ତେଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆଣିବାକୁ ହେଲେ ପ୍ରଥମେ ଜିଏସ୍‌ଟି ନିର୍ଦ୍ଧାରଣରେ ବିଭିନ୍ନ ଖାଉଟି ବର୍ଗର କ୍ରମଶକ୍ତିକୁ ବିଚାରକୁ ନେବା ଉଚିତ ହେବ । ଉପଭୋକ୍ତାବାଦରେ ଶିଥିଳତା ବା ଖାଉଟିଙ୍କ କ୍ରୟ ଶକ୍ତିରେ ହ୍ରାସ ଘଟିଲେ ସରକାରଙ୍କ ଜିଏସ୍‌ଟି ଆଦାୟ କମିବ - ସରକାରଙ୍କ ଆର୍ଥିକ ପରାମର୍ଶଦାତା ଓ ନୀତି ନିର୍ଦ୍ଧାରକମାନଙ୍କୁ ବୋଧହୁଏ ଏ କଥା ସୂଚାଇ ଦେବା ଆବଶ୍ୟକ ନାହିଁ । ସରକାର ଦେଶର ୮୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ମାସକୁ ପାଞ୍ଚକିଲୋ ଲେଖାଏଁ ଖାଦ୍ୟଶସ୍ୟ ଯୋଗାଉଛନ୍ତି । ସରକାର ଏମାନଙ୍କଠାରୁ ଜିଏସ୍‌ଟି ଆକାରରେ ବର୍ଷକୁ କେତେ ରାଜସ୍ୱ ଆଦାୟ କରୁଛନ୍ତି, ତାହାର ନିର୍ଦ୍ଦିଷ୍ଟ ଆକଳନ ହେବା ଉଚିତ । ଖାଇବା ତେଲ, ସାବୁନ, ଚା', କଫି, ଚକୋଲେଟ୍ ଓ ବିସ୍କୁଟ ଭଳି ଦୈନନ୍ଦିନ ବ୍ୟବହାର ଉପଯୋଗୀ ସାମଗ୍ରୀ (ଏଫଏମ୍‌ସିଜି)ର ଗତ ୬ ମାସ ମଧ୍ୟରେ ୨୦ ପ୍ରତିଶତ ମୂଲ୍ୟବୃଦ୍ଧି ଘଟିଛି । ମନେହୁଏ ସରକାରଙ୍କ ଏ ବାବଦ ଅନୁଗୃହୀତ ରାଶି ତୁଳନାରେ ସେମାନେ ଯଥେଷ୍ଟ ଅଧିକ ଟିକସ ଦେଇଛନ୍ତି । ଅଥଚ ସେମାନଙ୍କୁ ଲାଭାର୍ଥୀ ରୂପେ ପରିଗଣିତ କରି ସାଧାରଣରେ ନିନ୍ଦିତ କରାଯାଉଛି ।

କଞ୍ଚାମାଲର ବର୍ଦ୍ଧିତ ଦର ଓ କ୍ରମାଗତ ବିକ୍ରି ହ୍ରାସ ପାଉଥିବାରୁ ତାହାର ପ୍ରତିକୂଳ ପ୍ରଭାବ କମ୍ପାନୀ ଉପରେ ପଡ଼ିଛି । ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ବଜାରରେ ଚାହିଦା କମୁଥିବାରୁ ବ୍ୟୟଭାର ତୁଲାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି । ତେଣୁ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ପୁଣି ଏଫ୍‌ଏମ୍‌ସିଜି ସାମଗ୍ରୀର ମୂଲ୍ୟ ବଢ଼ିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି । ଭାରତୀୟ ଖାଦ୍ୟ ନିଗମର ଗୋଦାମରେ ନିଅଣ୍ଟିଆ ଗହମ ମହଜୁଦ କାରଣରୁ ଆଗକୁ ଅଟା, ମଇଦା ଓ ସୁଜି ମୂଲ୍ୟ ମଧ୍ୟ ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ବଜାର ମୂଲ୍ୟ ସ୍ଥିତି ଆଗକୁ ଆହୁରି ଉତ୍କଟ ହେବାକୁ ଯାଉଛି । ବଜାରରେ ସୃଷ୍ଟି ହୋଇଥିବା ଏହି ପ୍ରତିକୂଳ ପରିସ୍ଥିତି ସାଙ୍ଗକୁ ବଜାର ଉପରେ ନିର୍ଭର କରୁଥିବା ବ୍ୟାଙ୍କ ଅବସ୍ଥା ମଧ୍ୟ ଠିକ୍ ନଥିବା ପରି ଲାଗୁଛି । ବ୍ୟାଙ୍କର ନଗଦ ପ୍ରବାହ ବାଧାପ୍ରାପ୍ତ ହୋଇଛି । ପରିସ୍ଥିତି ସୁଧାରିବା ପାଇଁ ରିଜର୍ଭ ବ୍ୟାଙ୍କ କିଛିଦିନ ତଳେ ନଗଦ ଜମା ଅନୁପାତ (ସିଆଇଆର୍)ରେ ହ୍ରାସ ଘଟାଇବାକୁ ବାଧ୍ୟ ହୋଇଛନ୍ତି । କ୍ରମାଗତ ସୁଧାର ବ୍ୟବସ୍ଥା ସତ୍ତ୍ୱେ ପରିସ୍ଥିତିରେ ପରିବର୍ତ୍ତନ ନ ଆସିବାରୁ କେନ୍ଦ୍ରୀୟ ବ୍ୟାଙ୍କ ୨.୦୫ ଲକ୍ଷ କୋଟି ଟଙ୍କା ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ପ୍ରଦାନ କରିଛି ଏବଂ ବୈଦେଶିକ ମୁଦ୍ରା ବଜାରରେ ଅସ୍ଥିରତା ଲାଗି ରହିଥିବାରୁ ଅଧିକ ଡଲାର ବିକିବାକୁ ବାଧ ହୋଇଛି । ଏହା ସତ୍ତ୍ୱେ ଡଲାର ପିଛା ଭାରତୀୟ ଟଙ୍କାର ମୂଲ୍ୟ ୮୫.୬୧ରେ ପହଞ୍ଚିଛି ।

ଇତିମଧ୍ୟରେ ସାଧାରଣ ନିର୍ବାଚନ ଶେଷ ହୋଇଛି ଏବଂ ଦିଲ୍ଲୀ ବ୍ୟତୀତ ନିକଟ ଭବିଷ୍ୟତରେ କୌଣସି ବଡ଼ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟ ନାହିଁ । ତେଣୁ ଏବେ ମତଦାତାଙ୍କୁ ଖୁସି କରିବାର କୌଣସି ବାଧ୍ୟବାଧକତା ସରକାରଙ୍କ ପାଇଁ ନାହିଁ । ଏହା ସରକାରଙ୍କୁ ଆସନ୍ତା ବଜେଟରେ ଚାପମୁକ୍ତ ହୋଇ କିଛି କଠୋର ଆଭିମୁଖ୍ୟ ଗ୍ରହଣ କରିବାର ସୁଯୋଗ ଦେଇଛି । ବାଧ୍ୟବାଧକତା ମୁକ୍ତ ପରିବେଶରେ ସରକାରଙ୍କୁ ସାଧାରଣ ଜନତାଙ୍କ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ସ୍ୱତନ୍ତ୍ର ଭାବେ ବିଚାର କରିବାକୁ ପଡ଼ିବ । ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟି ହ୍ରାସ କରି ମୂଲ୍ୟବୃଦ୍ଧି ଭଳି ଗୁରୁତର ସମସ୍ୟାକୁ ନିୟନ୍ତ୍ରଣ କରାଯିବା ସମ୍ଭବ । ରାଜସ୍ୱ ଆଦାୟ ପରିସର ସମ୍ପ୍ରସାରଣ ସହିତ କରଦାତାଙ୍କ ଜୀବନଧାରଣର ମାନ ବୃଦ୍ଧି ପ୍ରତି ଧ୍ୟାନ ନ ଦେଲେ ରାଜକୋଷ ବୃଦ୍ଧି ପାଇବ କିପରି? ଆମ ଅର୍ଥନୀତିର ଅଧୋଗତି ଦୃଷ୍ଟିରୁ ସରକାରଙ୍କ ସଂସ୍କାରଗତ ଆଭିମୁଖ୍ୟ ବଜେଟ୍‌ରେ ପ୍ରତିଫଳିତ ହେବ ବୋଲି ଆଶା କରିବା ନିରର୍ଥକ ନୁହେଁ । ଏକ ଚାପମୁକ୍ତ ସରକାରଙ୍କ ଆଗାମୀ ବଜେଟ୍ ଉପଭୋକ୍ତାଙ୍କ ପାଇଁ ଟିକସବୋଝ ମୁକ୍ତ ଓ ଶାପମୁକ୍ତ ହେଉ । ଅନ୍ତତଃ ସାଧାରଣ ଖାଉଟି ହିସାବରେ ଏତିକି ଆଶା କରିବା ।

# ଧାରଣକ୍ଷମ କୃଷିପଦ୍ଧତିର ଆବଶ୍ୟକତା

ବିଦ୍ୟାଧର ମହାରଣା

ଦେଶ ସମ୍ମୁଖୀନ ହେଉଥିବା ଦୁଇଟି ପ୍ରମୁଖ ଆହ୍ୱାନ ହେଉଛି କୃଷି କ୍ଷେତ୍ରରେ ସ୍ଥିରତା ଓ ଖାଦ୍ୟ ନିରାପତ୍ତା । ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ, କୃଷି ସମ୍ବଳର ସଂକୋଚନ ଓ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଆଳରେ ପ୍ରକୃତିର ସୁରକ୍ଷା ପ୍ରତି ଆନ୍ତରିକହୀନତା ଏହି ସମସ୍ୟାକୁ ଆହୁରି ଉତ୍କଟ କରୁଛି । ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦା ପୂରଣ ପାଇଁ ଅଧିକ ଅମଳକ୍ଷମ ଓ ସଙ୍କରକିସମ ବିହନ ବ୍ୟବହାର ସହିତ ଆଗ୍ରୋ-କେମିକାଲ୍ସ ଏବଂ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବା ଉପରେ ମତ ପ୍ରକାଶ ପାଉଛି ଏବଂ ଏହାକୁ ଅଗ୍ରାଧିକାର ମଧ୍ୟ ଦିଆଯାଉଛି । କିନ୍ତୁ ଏହାଦ୍ୱାରା ପରିବେଶ ଏବଂ ମାନବ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି, ଯାହା ପରୋକ୍ଷରେ କୃଷି ଉତ୍ପାଦନକୁ ପ୍ରଭାବିତ କରୁଛି । ଏହି ସମସ୍ୟାର ସମାଧାନ ପାଇଁ ଏପରି ଏକ ବିକଳ୍ପ କୃଷିର ଆବଶ୍ୟକତା ଅଛି, ଯାହାକି ଧାରଣକ୍ଷମ ହୋଇପାରିବ । ଏହି କୃଷିପଦ୍ଧତିଗୁଡ଼ିକ ସାମ୍ପ୍ରତିକ ପିଢ଼ିର ଖାଦ୍ୟ, ବସ୍ତ୍ର, ଶିଳ୍ପ ଚାହିଦା ପୂରଣ କରିବା ସହିତ ଭବିଷ୍ୟତ ପିଢ଼ି ନିମନ୍ତେ କୃଷି ସମ୍ବଳ ଓ ପରିବେଶକୁ ଅକ୍ଷୁଣ୍ଣ ରଖିପାରିବ । ଏପରି ଧାରଣକ୍ଷମ ବା ପ୍ରତିପାଳନକ୍ଷମ କୃଷି ମାନବ ଓ ପ୍ରାଣିଜଗତ ପାଇଁ ମଙ୍ଗଳକାରୀ ହେବା ସହିତ ମୃତ୍ତିକା ଓ ପରିବେଶ ପାଇଁ କଲ୍ୟାଣକାରୀ ସାବ୍ୟସ୍ତ ହେବ ।

ପାରମ୍ପରିକ କୃଷି ବା ଔଦ୍ୟୋଗିକ କୃଷି ସିନ୍ଥେଟିକ୍ କୀଟନାଶକ, ରାସାୟନିକ ସାର ଏବଂ ଅନ୍ୟାନ୍ୟ ଅଭିବୃଦ୍ଧି ପ୍ରୋତ୍ସାହକ ଉପାଦାନ ଉପରେ ଅଧିକ ନିର୍ଭର କରେ, ଯାହା କୃଷି ଚକ୍ର, ପରିବେଶ ଓ ଜୀବଜଗତ ଉପରେ କୁପ୍ରଭାବକୁ ଅଣଦେଖା କରିଥାଏ । କିନ୍ତୁ ସରକାରୀ ପ୍ରୋତ୍ସାହନ ଏବଂ ସହଜରେ ଅମଳ ବୃଦ୍ଧି କରିପାରୁଥିବା ଏହି କୃଷିକୌଶଳ ହିଁ ଚାଷୀମାନଙ୍କ ଦ୍ୱାରା ବିଶେଷ ଆଦୃତ ହେବାରେ ଲାଗିଲା । ଫଳରେ କୃଷି କ୍ଷେତ୍ରରେ ଅସ୍ଥିରତା ଲାଗି ରହିଲା । ଅଧିକ ପୁଞ୍ଜି ବିନିଯୋଗ କରି ଚାଷୀମାନେ ଏପରି ଆଧୁନିକ କୃଷିପଦ୍ଧତି ଅନୁସରଣ କଲା ବେଳେ କୌଣସି କାରଣରୁ ଯଦି ପାଣିପାଗ ଦାଉ ସାଧିଲା କିମ୍ବା କୃଷି ଉତ୍ପାଦ ଅମଳ ପରେ ଅଭାବୀ ବିକ୍ରିବଟାର ସମ୍ମୁଖୀନ ହେଲା ତେବେ ଚାଷୀ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା ପରି ଏକ ଦୁଃଖଦ ପନ୍ଥାକୁ ବାଛିନେଲା । ତେଣୁ ଅତ୍ୟାଧୁନିକ କୃଷିର ପ୍ରତିକୂଳ ପ୍ରଭାବକୁ ଲାଘବ କରିବା ପାଇଁ ବୈଜ୍ଞାନିକମାନେ କେତେକ ବିକଳ୍ପ ଉଦ୍‌ଭାବନ କରିବାକୁ ଚେଷ୍ଟା କଲେ । ଏହି କୌଶଳଗୁଡ଼ିକ ହେଲା ଫସଲ ପର୍ଯ୍ୟାୟ ଅନୁସରଣ, ଆବରଣୀ ଫସଲ ଚାଷ, ଫସଲ ବିବିଧିକରଣ, ମିଶ୍ରିତ ଓ ଅନ୍ତଃଫସଲ ଚାଷ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଉତ୍ତମ ଜଳ ପରିଚାଳନା, ପ୍ରାକୃତିକ କୀଟନାଶକ ନିୟନ୍ତ୍ରଣ ଏବଂ ଏକୀକୃତ କୀଟନାଶକ ପରିଚାଳନା, କୃଷି ବନୀକରଣ ଓ ସମନ୍ୱିତ କୃଷିପଦ୍ଧତି ଅନୁସରଣ ।

ଗୋଟିଏ ଫସଲ ଜମିରେ ବାରମ୍ବାର ଚାଷ କଲେ ମୃତ୍ତିକାର ସ୍ୱାସ୍ଥ୍ୟ ହାନି ହୁଏ ଏବଂ ଅଧିକ ରୋଗପୋକ ଆକ୍ରମଣ ଯୋଗୁଁ ଫସଲ ଅମଳ ବ୍ୟାହତ ହୁଏ । ଏହି ସମସ୍ୟାର ସମାଧାନ ପାଇଁ ଏକ ଘୂର୍ଣ୍ଣନ ପ୍ରକ୍ରିୟାରେ ବିଭିନ୍ନ ଫସଲ ଜମିରେ ଚାଷ କରାଯାଏ । ଏହା କୀଟ ଓ ରୋଗ ସମସ୍ୟାର ମୁକାବିଲା କରିବାରେ ସାହାଯ୍ୟ କରିଥାଏ ଏବଂ ଉଦ୍ଭିଦ ପୁଷ୍ଟିପୂରଣ କରି ମୃତ୍ତିକାର ସ୍ୱାସ୍ଥ୍ୟ ସନ୍ତୁଳନ ରକ୍ଷା କରେ । ମିଶ୍ରିତ ଫସଲ ଓ ଅନ୍ତଃଫସଲ ଚାଷରେ ଏକକ ଫସଲ ଅପେକ୍ଷା ଅଧିକ ଉପକାର ମିଳେ । ଏହାଦ୍ୱାରା ମୃତ୍ତିକାର ବିଭିନ୍ନ ସ୍ତରରୁ ଜଳ ଓ ପୋଷକ ବିନିଯୋଗ ହୁଏ । ଏହି ଫସଲ ପ୍ରଣାଳୀ ଜଳବାୟୁ ପରିବର୍ତ୍ତନକୁ ସହ୍ୟ କରେ । ମୁଖ୍ୟ ଫସଲ ବାଧାପ୍ରାପ୍ତ ହେଲେ ମଧ୍ୟ ସହଚର ଫସଲ ଅମଳ ଦିଏ । ମୃତ୍ତିକାରେ ଖଣିଜ ପଦାର୍ଥ, ଛିଦ୍ର ଅଂଶ, ବାୟୁ, ଜଳ, ଜୈବିକ ପଦାର୍ଥ ସହିତ ବହୁ ଉପକାରୀ ଅଣୁଜୀବ ରହିଥା'ନ୍ତି । ସୁସ୍ଥ ମାଟି ଏହିପରି ଜୀବନ୍ତ ଅଣୁଜୀବ ପରିପୂର୍ଣ୍ଣ, ଯାହା ଅଧିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର ଦ୍ୱାରା ନଷ୍ଟ ହୋଇପାରେ ଏବଂ ମୃତ୍ତିକାର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ । ଏହାର ସମାଧାନ ପାଇଁ ଫସଲ ଅମଳ ପରେ କ୍ଷେତରେ ଫସଲ ଅବଶିଷ୍ଟାଂଶ ଛାଡ଼ି ଦିଆଯାଏ ଏବଂ ଚାଷକରି ମାଟିରେ ମିଶାଇ ଦିଆଯାଏ । ମାଟିରେ ଯଥେଷ୍ଟ ପରିମାଣରେ ଜୈବୀକୃତ ସବୁଜ ସାର, ପିଡ଼ିଆ, ଜିଆଖତ, ଜୈବ ସାର ପ୍ରୟୋଗ ସହିତ ସମନ୍ୱିତ ପୋଷକ ଯୋଗାଣ ପଦ୍ଧତି ଅନୁସରଣ କରିବା ଦ୍ୱାରା ଏହି ସମସ୍ୟା ରହେ ନାହିଁ । ସୁସ୍ଥ ମୃତ୍ତିକାର ଭୌତିକ, ରାସାୟନିକ ଓ ଜୈବିକ ଗୁଣ ଠିକ୍ ରହିବା ସୁସ୍ଥ ଲକ୍ଷଣ ।

କୃଷି ପରିସଂସ୍ଥାରେ ପରଜୀବୀ ଓ ଶିକାରୀଜୀବୀ ପରି ବହୁ ପ୍ରାକୃତିକ ପ୍ରତିରକ୍ଷକ ରହି କ୍ଷତିକାରକ କୀଟମାନଙ୍କୁ ନିୟନ୍ତ୍ରଣ କରିଥାଏ । ଯେପରିକି ବୁଢ଼ିଆଣୀ, କଙ୍କି, କାଇଁଚ ପୋକ, ପାଣି ଡଗରା, ଶାଗୁଆ ଶୁଣ୍ଢା ପୋକ ବହୁ ଅପକାରୀ କୀଟମାନଙ୍କୁ ଖାଇ ଦିଅନ୍ତି । ଏକ ଫଳପ୍ରଦ କୀଟନିୟନ୍ତ୍ରଣ ପାଇଁ ଏହି ପ୍ରାକୃତିକ ରକ୍ଷାକାରୀଙ୍କ ଜନସଂଖ୍ୟାକୁ ଉତ୍ସାହିତ କରିବା ପାଇଁ ଅନୁକୂଳ ଚାଷ ପରିଚାଳନା ଆବଶ୍ୟକ । ଫସଲରେ ରୋଗ ପୋକ ନିୟନ୍ତ୍ରଣ ପାଇଁ ରାସାୟନିକ ବିଷ ବ୍ୟବହାର ପରିବର୍ତ୍ତେ ରୋଗ ପୋକ ସହନଶୀଳ ବିହନ ବ୍ୟବହାର, ଭୌତିକ ଓ ଦୈହିକ ନିୟନ୍ତ୍ରଣ, ଉନ୍ନତ ଚାଷ କୌଶଳ ଅନୁସରଣ ଏବଂ ଜୈବ ନିୟନ୍ତ୍ରଣ ପଦ୍ଧତିଗୁଡ଼ିକର ସମନ୍ୱିତ ପ୍ରୟୋଗ ଅଧିକ ଫଳପ୍ରଦ ଓ ନିରାପଦ ।

ବିଭିନ୍ନ ଫସଲ ଜୀବନକାଳ ମଧ୍ୟରେ ବିଭିନ୍ନ ପରିମାଣର ଜଳ ଆବଶ୍ୟକ କରେ । ଧାନ ଫସଲ କିସମ ଅନୁସାରେ ୮୦୦ ରୁ ୧୨୦୦ ମିଲିମିଟର ଜଳ ଆବଶ୍ୟକ କଲା ବେଳେ ଆଖୁ ୧୫୦୦ ରୁ ୨୫୦୦ ମିଲିମିଟର ଜଳ ଆବଶ୍ୟକ କରେ । ଜୁଆର, ସୋୟାବିନ, ଗହମ ଓ ଡାଲିଜାତୀୟ ଫସଲ ୪୫୦ ରୁ ୬୫୦ ମିଲିମିଟର, ସୂର୍ଯ୍ୟମୁଖୀ ଓ ମକା ୬୦୦ ରୁ ୬୫୦ ମିଲିମିଟର ଜଳ ଆବଶ୍ୟକ କରେ । ଏହି କାରଣରୁ ଧାନ ଆଖୁ ପରିବର୍ତ୍ତେ ଗହମ, ଡାଲିଜାତୀୟ ଫସଲ, ଚିନାବାଦାମ ଓ ପନିପରିବା ଚାଷ କଲେ ଜଳର ଆବଶ୍ୟକତା କମ୍ ହେବ । ଫସଲ ଅନୁସାରେ ଜଳ ଉତ୍ପାଦକତା ଭିନ୍ନ ହୋଇଥାଏ । ଏକ ଘନ ମିଟର ଜଳରେ ଧାନ ୦.୫ ରୁ ୧୧ କିଲୋ ଅମଳ ମିଳିଲା ବେଳେ ସେହି ଜଳରୁ ୦.୬-୧.୯ କିଲୋ ଗହମ, ୧.୨-୨.୩ କିଲୋ ମକା, ୭-୮ କିଲୋ ଜୁଆର ଓ ୬.୨-୧୧.୬ କିଲୋ ଆଳୁ ଅମଳ ହୋଇ ପାରିବ । ସୁତରାଂ ଅଧିକ ଜଳ ଅମଳ ଦକ୍ଷତା ଥିବା ଫସଲ ଚାଷ କଲେ କମ୍ ଜଳରୁ ଅଧିକ ଲାଭ ମିଳିବ ।

ଫସଲ ସହିତ ବନୀକରଣ କଲେ ମୃତ୍ତିକାରେ ଅନୁକୂଳ ତାପମାତ୍ରା ବଜାୟ ରହେ, ମୃତ୍ତିକାର ଆର୍ଦ୍ରତା ସ୍ଥିର ରହେ ଏବଂ ଫସଲକୁ ପବନ କିମ୍ବା ପ୍ରବଳ ବର୍ଷାରୁ ରକ୍ଷା କରିଥାଏ । ଏହି କୃଷି ପ୍ରଣାଳୀରେ ଥିବା ବୃକ୍ଷଗୁଡ଼ିକ କୃଷକମାନଙ୍କ ପାଇଁ ଉତ୍ପାଦର ବିବିଧତା ସହିତ ଅତିରିକ୍ତ ଆୟର ଉତ୍ସ ଅଟେ । ସୀମିତ ଜଳ ପ୍ରୟୋଗ କରି ଅଧିକ ଫସଲ ଅମଳ କରିବା ଦକ୍ଷ ଜଳ ପରିଚାଳନାର ମୂଳମନ୍ତ୍ର । ବୃଷ୍ଟିପୁଷ୍ଟ ଅଞ୍ଚଳରେ ବର୍ଷା ଜଳ ସଂରକ୍ଷଣ ସହିତ ଏହାର ସଦୁପଯୋଗ ଜରୁରୀ । ସେଚ ଅଞ୍ଚଳରେ ପାରମ୍ପରିକ ଜଳସେଚନ ପ୍ରଣାଳୀ ଅପେକ୍ଷା ଡ୍ରପ୍(ବୁନ୍ଦା) ଏବଂ ସିଞ୍ଚନ(ଫୁଆରା) ପରି ଦକ୍ଷ ଜଳସେଚନ ପ୍ରଣାଳୀ ଅଧିକ ଗ୍ରହଣୀୟ । ଭୂପୃଷ୍ଠ ଜଳ ସହିତ ଭୂଗର୍ଭସ୍ଥ ଜଳ ସମ୍ମିଶ୍ରଣ କରି ଜଳ ପରିଚାଳନା କଲେ ଅଧିକ ସଫଳତା ମିଳେ । ସମାଜର ସବୁବର୍ଗର ଲୋକଙ୍କ ରୋଜଗାର ବଢ଼ିବା ସହିତ ଖାଦ୍ୟ ଚାହିଦା ବୃଦ୍ଧି ପାଇଲାଣି । ଏହାର ମୁକାବିଲା କରିବା ପାଇଁ ଆମକୁ କୃଷିଫସଲ ସହିତ ଉଦ୍ୟାନ କୃଷି, ମାଛ ଚାଷ, ପ୍ରାଣୀ ଓ ପକ୍ଷୀ ପାଳନ କରିବାକୁ ସମନ୍ୱିତ ଚାଷ ପଦ୍ଧତି ଅନୁସରଣ କରିବା ଆବଶ୍ୟକ । ଏପରି ଚାଷ ପାଇଁ ଆମକୁ ଏକ ପୋଖରୀର ଆବଶ୍ୟକତା ଅଛି । ସରକାର ସମନ୍ୱିତ କୃଷି କିମ୍ବା ୱାଡି ପଦ୍ଧତି ଓ ଫାର୍ମ ପୋଖରି ଖନନ ପାଇଁ ରିହାତି ପ୍ରଦାନ କରୁଛନ୍ତି । ବ୍ୟାଙ୍କମାନେ ମଧ୍ୟ ଋଣ ପ୍ରଦାନ କରୁଛନ୍ତି ।

ଆଧୁନିକ କୃଷି ବଦଳରେ ବିକଳ୍ପ କୃଷି ହିସାବରେ ପ୍ରାକୃତିକ କୃଷି, ଜୈବିକ କୃଷି, ବାୟୋ ଡାଇନାମିକ କୃଷି, ଶୂନ୍ୟ ବଜେଟ ପ୍ରାକୃତିକ କୃଷି ଇତ୍ୟାଦି ପୁରାତନ କୃଷି ପଦ୍ଧତିଗୁଡ଼ିକ ଜଳବାୟୁ ସହନଶୀଳ ଏବଂ ପରିବେଶ ତଥା ମୃତ୍ତିକା ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ନିରାପଦ । ଏହି ଚାଷରେ ଅଧିକ ଜୈବିକ ସାର, ଗୋବରଖତ, ବାୟୋ ସାର ଇତ୍ୟାଦି ଆବଶ୍ୟକ ହେଉଥିବାରୁ ଏହି ସୁବିଧା ଥିବା ଅଞ୍ଚଳରେ ଏହି ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଇଛି । ସ୍ଥାୟୀ କୃଷି ଅଭ୍ୟାସରୁ ଲାଭ ହେଉଛି ପରିବେଶ ସଂରକ୍ଷଣ, ଶକ୍ତି ସଂରକ୍ଷଣ, ଜନସ୍ୱାସ୍ଥ୍ୟ ନିରାପତ୍ତା, ବାତାବରଣ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନକୁ ସହ୍ୟ କରିବା ।

ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଆଗାମୀ ଦିନର କୃଷି ଧାରଣକ୍ଷମ ହେବା ଜରୁରୀ । ଏଥିପାଇଁ ସରକାର ବିଭିନ୍ନ ସହାୟତା ଓ ପ୍ରଶିକ୍ଷଣ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ସରକାର ରାସାୟନିକ ସାର ବଣ୍ଟନ ପାଇଁ ରିହାତି ଦେଉଛନ୍ତି ଏବଂ ଜଳସେଚନ ପ୍ରକଳ୍ପ ପାଇଁ ବ୍ୟାପକ ଅର୍ଥ ବ୍ୟୟ କରୁଛନ୍ତି । ଧାରଣକ୍ଷମ କୃଷି ଦ୍ୱାରା ସରକାର ବହୁ ଅର୍ଥ ସଞ୍ଚୟ କରିବେ ଏବଂ ଏହାକୁ କୃଷି ଭିତ୍ତିଭୂମି ବିକାଶ, ବିପଣନ ଓ ପରିବହନ ବାବଦରେ ବ୍ୟୟ କରି ପାରିବେ । ଏହାଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ହେବ ଏବଂ ପରିବେଶ ସୁରକ୍ଷିତ ରହିବ ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଯୋଗାଭ୍ୟାସ ଓ ସକାରାତ୍ମକ ଜୀବନ

ସରୋଜ କାନ୍ତ ଚୌଧୁରୀ

ସାଧାରଣ ଅର୍ଥରେ ଦେଖିବାକୁ ଗଲେ ମଣିଷ ଦେହରେ ଜନ୍ମ ନେଉଥିବା ଟକ୍ସିନ୍ ବା ଜୈବବିଷ ଦୁଇପ୍ରକାରର । ଗୋଟିଏ ଶରୀରକୁ ପ୍ରଭାବିତ କଲା ବେଳେ ଅନ୍ୟଟି ମନକୁ ପ୍ରଭାବିତ କରେ । ଆୟୁର୍ବେଦ ଅନୁସାରେ ଏହି ଜୈବ ବିଷଟି ଶରୀର ମଧ୍ୟରେ ପ୍ରକ୍ରିୟାକରଣ ହୋଇପାରେ ନାହିଁ କିମ୍ବା ଶରୀରରୁ ବାହାରି ଆସେ ନାହିଁ । ଶରୀରର କୋଷ ତଥା ଅନ୍ତଃପ୍ରକ୍ରିୟାରୁ ବାହାରୁଥିବା ପ୍ରାକୃତିକ ବା ଜୈବିକ ବର୍ଜ୍ୟ ଏବଂ ହଜମ ନହୋଇ ରହିଯାଇଥିବା ଖାଦ୍ୟରୁ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ଏହି ଜୈବବିଷ ଅନ୍ତର୍ଭୁକ୍ତ । ସେଗୁଡ଼ିକ ସବୁ ଆମ ଶରୀର ପାଇଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଯଥା ବାୟୁଦୋଷ, ଶ୍ୱାସଜନିତ ଅସୁବିଧା, ଅସ୍ୱାଭାବିକ ଝାଳ ନିର୍ଗମନ ଆଦିର କାରଣ ହୁଏ । ଏହା ଆମ ମନରେ ଭୟ ତଥା ଭ୍ରମଭାବ ବୃଦ୍ଧି କରି ମାନସିକ କ୍ଳାନ୍ତି ଜନ୍ମାଇ ଥାଏ । ସାଧାରଣ ମଣିଷର ଏଭଳି ଶରୀର ତା'ର ସାଧନା ଓ ଆଧ୍ୟାତ୍ମିକ ଚେତନା ଜାଗ୍ରତର ଅଭ୍ୟାସ ପଥରେ ଅନ୍ତରାୟ ସୃଷ୍ଟି କରିବା ସ୍ୱାଭାବିକ । ତେଣୁ ପାରମ୍ପରିକ ଯୋଗ ବିଜ୍ଞାନରେ ଶରୀରକୁ ପରିଷ୍କୃତ କରିବା ବା ସୁସ୍ଥ ରଖିବା ଦିଗରେ ପ୍ରାଧାନ୍ୟ ଦିଆଯାଇଥାଏ ।

ଆୟୁର୍ବେଦିକ ମତାନୁଯାୟୀ ଆମ ଶରୀର ଏହି ବର୍ଜ୍ୟ ପଦାର୍ଥ ସବୁକୁ ସ୍ୱାଭାବିକ ଭାବରେ ନିଃଶେଷ କରିଥାଏ ଏବଂ ଏହି ନିଷ୍କାସନ ପ୍ରକ୍ରିୟାକୁ ଜାରି ରଖିଥା'ନ୍ତି ଶରୀରରେ ଥିବା ପାଚନ ବା ଅନ୍ତଃନଳୀ, ଯକୃତ, ଚର୍ମ, ବୃକ୍କ, ଲସିକା ଏବଂ ରକ୍ତ ସଞ୍ଚାରଣ ବ୍ୟବସ୍ଥା ସବୁ । ଅଧିକନ୍ତୁ ଏହି ଜୈବ ବିଷ ବା ବୈର୍ଜ୍ୟ କଣିକା ସବୁ ହୃତପିଣ୍ଡ ଓ ରକ୍ତ ସଞ୍ଚାଳନ ବ୍ୟାୟାମ ବା ଏରୋବିକ୍ ବ୍ୟାୟାମ ଦ୍ୱାରା ଚର୍ମରେ ଥିବା ଅସଂଖ୍ୟ ଲୋମମୂଳ ଗ୍ରନ୍ଥି ବାଟ ଦେଇ ଯଥେଷ୍ଟ ପାଣି ପିଇବା ଦ୍ୱାରା ଲସିକା ଗ୍ରନ୍ଥି ଏବଂ ବୃକ୍କ ରକ୍ତ ପରିଷ୍କୃତ ବ୍ୟବସ୍ଥା ଅନୁଯାୟୀ ପରିସ୍ରା ଆକାରରେ ଅଧିକ ସକ୍ଷମ ଭାବରେ ନିଃଶେଷିତ ହୋଇଥାଏ । ସୁସ୍ଥ ଶରୀର ପାଇଁ ପାଚନ ପ୍ରକ୍ରିୟା ଠିକ୍ ଭାବରେ ହେବା ବାଞ୍ଛନୀୟ । ଏଥିପାଇଁ ଦୈନିକ ତନ୍ତୁଯୁକ୍ତ ଖାଦ୍ୟ ବାଛିବା ଉଚିତ୍, ଯଦ୍ୱାରା ଶୀଘ୍ର ଓ ଯଥାସମୟରେ ହଜମ ହୋଇପାରିବ । ଏହାବ୍ୟତୀତ ଶରୀରର ଆକାର ପ୍ରକାର ତଥା ବିଶେଷତା ଅନୁଯାୟୀ ଖାଦ୍ୟ ମଧ୍ୟ ନିର୍ବାଚନ ହେବା ଉଚିତ୍, ଯଦ୍ୱାରା ଶରୀରର କୌଣସି ଏକ ଅଙ୍ଗ ବିଶେଷଭାବରେ ଚାପଗ୍ରସ୍ତ ହେବ ନାହିଁ । ଉଲ୍ଲେଖ କରାଯାଇଥିବା ଏହି ସବୁ ପ୍ରକ୍ରିୟା ବା କାର୍ଯ୍ୟଧାରା ବ୍ୟତୀତ ଠିକ୍ ସମୟରେ ଅନୁକୂଳ ବ୍ୟବସ୍ଥା ସହିତ ଜୈବିକ, ନିରାମିଷ, ପୁଷ୍ଟିଯୁକ୍ତ ତଥା ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବାରେ ଶରୀର ମଧ୍ୟରେ ଜୈବବିଷ ବା ବୈର୍ଜ୍ୟ କ୍ଷରଣର ଚାପ କମ୍ କରାଯାଇ ପାରିବ ।



ମଣିଷର ମାନସିକତା ପ୍ରତି ଉପରୋକ୍ତ ଜୈବ ବିଷ ମଧ୍ୟ କ୍ଷତି ପହଞ୍ଚାଇଥାଏ । ଶରୀର ଅଭ୍ୟନ୍ତରରେ କମିଯାଉଥିବା ବର୍ଜ୍ୟ ବସ୍ତୁ ଠିକ୍ ଭାବେ ନିଷ୍କାସିତ ନ ହୋଇ ପାରିଲେ ଶରୀରକୁ ଅସୁସ୍ଥ କରିବା ସହିତ ମନରେ ସାମୟିକ ଆସୁଥିବା ଅନୈତିକ ବା କୁଭାବନାକୁ ତେଜାଇବା ସହ ସ୍ଥାୟୀ ରୂପ ଦେଇଥାଏ । ଫଳରେ ମଣିଷ ନୈରାଶ୍ୟବାଦୀ ହେବା ସହିତ ଅବସାଦର ଶିକାର ହୋଇଯାଇପାରେ । ଏଭଳି ମାନସିକତା ତିନି ପ୍ରକାର ହୋଇପାରେ । ଯଥା କ୍ଷିପ୍ତ ଅର୍ଥାତ୍ ବିବ୍ରତ, ବିକ୍ଷିପ୍ତ ଅର୍ଥାତ୍ ବିକେନ୍ଦ୍ରିତ ଓ ମୂଢ଼ ଅର୍ଥାତ୍ ବିଚଳିତ । ଏହିଭଳି ଅସ୍ୱାଭାବିକ ମାନସିକତା ଯେଉଁ ଅବସ୍ଥା ସୃଷ୍ଟି କରେ, ତାହା ଯୋଗସାଧନା କରିବା ଦିଗରେ ଅନ୍ତରାୟ ସୃଷ୍ଟି କରିଥାଏ । ଫଳତଃ ମନରେ ଏକାଗ୍ରତା ଆସି ନଥାଏ ।

ପାରମ୍ପରିକ ଭାରତୀୟ ଯୋଗ ବିଜ୍ଞାନର ଜନ୍ମଦାତା ପାତଞ୍ଜଳୀ ଏକ ଉଚ୍ଚତର ମାନବୀୟ ନୈତିକତାର କଥା କହିଛନ୍ତି, ଯାହାକି ସାଂସାରିକ, ଏପରିକି ଧାର୍ମିକ ଧାରଣାର ଊର୍ଦ୍ଧ୍ୱରେ ଅତିନ୍ଦ୍ରୀୟ ବା ପରମାର୍ଥ ମାନସିକତାକୁ ବୁଝାଏ । ଈଶ୍ୱରଙ୍କ ସୃଷ୍ଟିର ଅନ୍ତର୍ନିହିତ ନିୟମ ମାନବକୁ ଅଜ୍ଞତା ଓ ମାୟାର ବନ୍ଧନରୁ ମୁକ୍ତ ହେବାକୁ ସାମର୍ଥ୍ୟ ଯୋଗାଇଥାଏ ଏବଂ ତାହା ହିଁ ପରମାର୍ଥ ମାନସିକତାର ମୂଳ ମନ୍ତ୍ର । ଯମ ବା ଆତ୍ମସଂଯମ ଓ ନିୟମ ଯଥାକ୍ରମେ ପାତଞ୍ଜଳି କୃତ ଅଷ୍ଟାଙ୍ଗ ଯୋଗର ପ୍ରଥମ ଦୁଇ ସୋପାନ ଏବଂ ଏଥିରେ ଥିବା ସମସ୍ତ ସଦାଚାର ଠିକ୍ ଭାବେ ଅଭ୍ୟାସ କରାଯିବା କଥା । ସୁତରାଂ ସଠିକ୍ ଯୋଗାଭ୍ୟାସ ଦ୍ୱାରା ମନ ଓ ଭାବନା ମଧ୍ୟରୁ ଅଶାନ୍ତି ଅସନ୍ତୋଷ ତଥା ବ୍ୟସ୍ତତା ଦୂର କରାଯାଇ ପାରିବ ।

ଏହି ଆଲୋଚନାର ସାର କଥାଟି ହେଲା ପାରମ୍ପରିକ ଯୋଗାଭ୍ୟାସ ମଧ୍ୟରେ ଯମ ଓ ନିୟମକୁ ସଠିକ୍ ଭାବରେ ଗ୍ରହଣ ନ କରି ଆସନ ଏବଂ ପ୍ରାଣାୟମ ଅଭ୍ୟାସ କଲେ ହୁଏତ ଶରୀରରେ ଜମି ଯାଉଥିବା ଜୈବ ବିଷ ବା ବୈର୍ଜ୍ୟ ଦୂରୀଭୂତ ହୋଇପାରିବ; କିନ୍ତୁ ସାଧକକୁ ଯୋଗ ସାଧନାର ସମସ୍ତ ସୁଫଳ ପ୍ରାପ୍ତ ହେବ ନାହିଁ । ଜମିକୁ ହଳ ନକରି ବିହନ ବୁଣିବା ଭଳି ଏହି କାର୍ଯ୍ୟଟି ପୂର୍ଣ୍ଣ ଅମଳ ଦିଏ ନାହିଁ । ଆସନ ପ୍ରାଣାୟମ ସହିତ ସଠିକ୍ ଆଧ୍ୟାତ୍ମିକ ବିକାଶ ହିଁ ଆବଶ୍ୟକ ଓ ଏଥିପାଇଁ ପର-ବୈରାଗ୍ୟ ପ୍ରକ୍ରିୟା ମଧ୍ୟରେ ନିଜକୁ ସାମିଲ କରି ମନକୁ ଈଶ୍ୱରାନୁଗତ କରିବା ସର୍ବାଦୌ ବାଞ୍ଛନୀୟ । ସୁତରାଂ ବର୍ତ୍ତମାନର ପ୍ରଦୂଷିତ ପୃଥିବୀରେ ସୁସ୍ଥ, ନିରୋଗ ଶରୀର, ସଚେତ ଏବଂ ନିୟନ୍ତ୍ରିତ ମନ ସହିତ ସକାରାତ୍ମକ ଜୀବନ ପାଇଁ ନିୟମିତ ପୂର୍ଣ୍ଣ ଯୋଗାଭ୍ୟାସର ଆବଶ୍ୟକତା ଯେ ଅନେକ ବେଶି ଏଥିରେ ସନ୍ଦେହ ନାହିଁ ।

(ପୂର୍ବତନ ପ୍ରଶାସନିକ ଅଧିକାରୀ)
କଟକ, ମୋ: ୯୪୩୭୩୬୦୯୮୧

# ଆ-କା-ମା-ବୈ: ଆମେରିକାରୁ ବୋର୍ଣ୍ଣିଓ

ସତ୍ୟଜ୍ୟୋତି

**ସାତଦରିଆପାରେ**

ପୂର୍ବପ୍ରକାଶିତ ଉତ୍ତାରୁ...

ଆମେରିକାକୁ ପ୍ରଥମେ କିଏ ଆବିଷ୍କାର କରିଥିଲା? ଏହି ଅନୁସନ୍ଧିତ୍ସାରୁ ଚମନ୍ ଲାଲ୍ ଆରମ୍ଭ କରିଥିବା ଗବେଷଣା ସମୟରେ ମେକ୍ସିକୋର ସେଣ୍ଟ୍ରାଲ୍ ମ୍ୟୁଜିୟମ୍‌ରେ ଉଜନେରୁ ଊର୍ଦ୍ଧ୍ୱ ଗବେଷଣାଲବ୍ଧ-ଐତିହାସିକ-ପ୍ରତ୍ନତାତ୍ତ୍ୱିକ ଦସ୍ତାବେଜ୍ ଆଧାରିତ ତତ୍ତ୍ୱ(ଥିଓରି) ସଂସ୍ପର୍ଶରେ ଆସିଲେ । ବିଭିନ୍ନ ତଥ୍ୟ ଓ ପ୍ରମାଣରୁ ସେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଆମେରିକା ଆବିଷ୍କାର କରିବାରେ କଲମ୍ବସ୍ ପ୍ରଥମ ବ୍ୟକ୍ତି ନୁହନ୍ତି । ସେ ୟୁରୋପ ତରଫରୁ ଆମେରିକାକୁ ପୁନଃ-ଆବିଷ୍କାର କରିଥାଇପାରନ୍ତି । କଲମ୍ବସ୍ ପଞ୍ଚଦଶ ଶତାବ୍ଦୀରେ ଆମେରିକାରେ ପହଞ୍ଚିବା ପରେ ସେଠାକାର ଭାରତୀୟ ସଂସ୍କୃତି ପରିବେଷ୍ଟନୀ ତାଙ୍କୁ ବିସ୍ମୟାବିଭୂତ କରିଥିଲା । କଲମ୍ବସ୍ ଭାବିଲେ ଯେ ସେ ବୋଧହୁଏ ଭୁଲ୍‌ରେ ଇଣ୍ଡିଆ ଆସିଯାଇଛନ୍ତି ।

ଚମନ୍ ଲାଲ୍ ପୁଙ୍ଖାନୁପୁଙ୍ଖ ତର୍ଜମା ଓ ଅନୁଶୀଳନ କରିଥିବା ଥିଓରିଗୁଡ଼ିକରୁ କିନ୍ତୁ ଯେଉଁ ସର୍ବସମ୍ମତ ନିଷ୍କର୍ଷ ମିଳିଲା, ତାହା ଥିଲା ଆମେରିକା ବିଶେଷକରି ମେକ୍ସିକୋର ସଭ୍ୟତା ବହିରାଗତଙ୍କ ଦ୍ୱାରା କଲମ୍ବସ୍ ଜନ୍ମ ନେବାର ହଜାର ହଜାର ବର୍ଷ ପୂର୍ବରୁ ପ୍ରତିଷ୍ଠିତ ହୋଇସାରିଥିଲା । ସଂଗ୍ରହାଳୟର ବିଭିନ୍ନ ଫଟୋଚିତ୍ର ଓ ଦସ୍ତାବେଜ୍ ଅନୁଯାୟୀ ମେକ୍ସିକୋରେ ପ୍ରଥମ ଉପନିବେଶ ସୂର୍ଯ୍ୟବଂଶୀମାନଙ୍କ ଦ୍ୱାରା ସ୍ଥାପିତ ହୋଇ ସେମାନଙ୍କ ସଂସ୍କୃତି ସେଠାକାର ପାଣି ପବନରେ ମିଶିଯାଇ ଜନଜୀବନର ଅଙ୍ଗ ପାଲଟିଗଲା । ସେଠାରେ ଯେଉଁ ମାୟା ସଭ୍ୟତା କଥା ଉଲ୍ଲେଖ ରହିଛି ତାହା ଶ୍ରୀଲଙ୍କାର ଦୈତ୍ୟରାଜ ମୟ ବଂଶଧରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଛି ଏବଂ ଆଜ୍‌ଟେକ୍ ସଭ୍ୟତା ଭାରତର ଆସ୍ତିକ ଋଷିଙ୍କ ନାମାନୁସାରେ ହୋଇଥିବାର ଏକ ନୂଆ ଥିଓରି ଚମନ୍ ଲାଲ୍ ପ୍ରତିଷ୍ଠା କଲେ । ସେ ମେକ୍ସିକୋ ସେଣ୍ଟ୍ରାଲ୍ ମ୍ୟୁଜିୟମ୍‌ରେ ଗବେଷଣା ଆରମ୍ଭ କରିବା ପୂର୍ବରୁ ସେଠାରେ କେବଳ ତିନୋଟି ପୁସ୍ତକକୁ ଛାଡ଼ି ମାୟା ସଭ୍ୟତା ସମ୍ପର୍କିତ ବହୁ ଉପାଦେୟ ପୁସ୍ତକ ପୋଡ଼ି ନଷ୍ଟ ହୋଇସାରିଥିଲା । ଯଦି ସେଗୁଡ଼ିକ ସୁରକ୍ଷିତ ଥା'ନ୍ତା ତେବେ ଆଜି ବୋଧହୁଏ ଆମେରିକା ଉପରେ ଭାରତ ନିଜର କର୍ତ୍ତୃତ୍ୱ ଜାହିର କରିବାର ପଥ ଉନ୍ମୁକ୍ତ ଥା'ନ୍ତା(ଏବେ ଯେପରି ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ମେକ୍ସିକୋକୁ ନିଜ ରାଷ୍ଟ୍ରର ଏକ ଅଂଶ ଭାବେ ବିବେଚନା କରି ଆମେରିକା ସହିତ ବିଲୟ କରିବାର ଯୋଜନା ପ୍ରସ୍ତୁତ କରୁଛନ୍ତି) ।

ଏହାପରେ ପୁଣି ଯେଉଁ ଏକ ପ୍ରଶ୍ନ ଦ୍ୱନ୍ଦ୍ୱ ସୃଷ୍ଟି କଲା, ତାହା ଥିଲା କେଉଁ ଜଳପଥ ବା ଦିଗ ଦେଇ ଭାରତୀୟମାନେ ଆମେରିକାରେ ପହଞ୍ଚିଥିଲେ । କେତେକ ଆମେରିକୀୟ ଗବେଷକଙ୍କ ଥିଓରି ଅନୁଯାୟୀ ଭାରତରୁ ପୂର୍ବାଭିମୁଖୀ ସାମୁଦ୍ରିକ ସ୍ରୋତରେ ବହିରାଗତମାନେ ନୌପୋତରେ ମେକ୍ସିକୋ ଉପକୂଳରେ ପହଞ୍ଚିଥିଲେ । ଯଦି ଏହି ଥିଓରିକୁ ଗ୍ରହଣ କରାଯାଏ ତେବେ ଭାରତୀୟମାନଙ୍କ ପାଇଁ କଳିଙ୍ଗ ସାଗର(ବଙ୍ଗୋପସଗାର) ହିଁ ସର୍ବୋତ୍ତମ ବିକଳ୍ପ । ସେଠାରୁ ସେମାନେ ଚୀନ୍, ଜାପାନ୍ ଦେଇ ଉତ୍ତର-ପ୍ରଶାନ୍ତ ମହାସାଗର ପାରି ହୋଇ ମେକ୍ସିକୋରେ ପହଞ୍ଚି ଥାଇପାରନ୍ତି । ମେକ୍ସିକୋରେ ନାଗା ସଂସ୍କୃତି, ନେପାଳୀ ବେଶଭୂଷା ଆଦିର ଛାପ ଏବଂ ଚୀନ୍, ଜାପାନ୍ ସଂସ୍କୃତିର କେତେକ ପ୍ରମାଣ ମିଳିଥିବାରୁ ଏହି ଜଳପଥ ହିଁ ଭାରତ-ଆମେରିକା ବା କଳିଙ୍ଗ-ଆମେରିକା ସମ୍ପର୍କର ସେତୁ ବୋଲି ଗ୍ରହଣ କରିବା ଭୁଲ୍ ହେବ ନାହିଁ । ଆଉ କେତେଜଣ ପାଶ୍ଚାତ୍ୟ, ବିଶେଷକରି ଆମେରିକୀୟ ଗବେଷକଙ୍କ ମତରେ ମେକ୍ସିକୋରେ ଇଜିପ୍ଟ, ମେସୋପଟାମିଆ, ଆଫ୍ରିକୀୟ ଓ ୟୁରୋପୀୟ ସଂସ୍କୃତିର ଛାପ ଥିବାରୁ ଭାରତୀୟମାନେ ଆଟ୍‌ଲାଣ୍ଟିକ୍ ମହାସାଗର ଦେଇ ଉତ୍ତର ଆମେରିକାରେ ପହଞ୍ଚି ଥାଇପାରନ୍ତି । କଳିଙ୍ଗ ନୌବାଣିଜ୍ୟ ସମ୍ପର୍କ ସେହିସବୁ ଅଞ୍ଚଳ ସହିତ ଥିବା ପୂର୍ବରୁ ପ୍ରମାଣିତ ହୋଇସାରିଥିବାରୁ ଆଟ୍‌ଲାଣ୍ଟିକ୍ ମହାସାଗର ଦେଇ କଳିଙ୍ଗ ସାଧବମାନେ ଆମେରିକାରେ ପହଞ୍ଚିଥିବା ଥିଓରିକୁ ସ୍ୱୀକାର କରିବାରେ ମଧ୍ୟ ଦ୍ୱିଧା ରହିବା ଅନୁଚିତ ।

ଏକାଧିକ ଥିଓରି, ତଥ୍ୟ ଓ ଦସ୍ତାବେଜ୍‌ର ମତାନ୍ତରରୁ ଚମନ୍ ଲାଲ୍ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଉଭୟ ଆଟ୍‌ଲାଣ୍ଟିକ୍ ଓ ପ୍ରଶାନ୍ତ ମହାସାଗର ପଥ ଦେଇ ଭାରତୀୟମାନେ ଆମେରିକାରେ ପହଞ୍ଚି ସେଠାରେ ଉପନିବେଶ ସ୍ଥାପନ କରିଛନ୍ତି । ତେବେ ଏହି ଦୀର୍ଘପଥରେ କେବଳ କ'ଣ କଳିଙ୍ଗ ସାଧବମାନେ ଯାତ୍ରା କରିଥିଲେ - ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରିବା ପରବର୍ତ୍ତୀ ଅଧ୍ୟାୟରେ । (କ୍ରମଶଃ...)

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ହୃଦ୍‌ଘାତରେ ୮ ବର୍ଷୀୟ ଶିଶୁର ମୃତ୍ୟୁ



ଅହମଦାବାଦ, ୧୦।୧ (ଏଜେନ୍ସି): ଶିଶୁଙ୍କ ମଧ୍ୟରେ ହୃଦ୍‌ଘାତ ମାମଲା ବଢ଼ିବାରେ ଲାଗିଛି। କର୍ଣ୍ଣାଟକ ପରେ ଗୁଜରାଟରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଅହମଦାବାଦର ଥଲତେଜ ଅଞ୍ଚଳ ସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ପଢ଼ୁଥିବା ୮ ବର୍ଷୀୟ ଶିଶୁ କନ୍ୟା ଗାର୍ଗି ରଣପରା ହୃଦ୍‌ଘାତରେ ପ୍ରାଣ ହରାଇଛି। ସେ ସକାଳ ୮ଟାରେ ସ୍କୁଲ୍‌ରେ ପହଞ୍ଚି ଥିଲେ। ପାହାଚ ଚଢ଼ିବା ପରେ ତାର ଛାତି ଦରଜ ହୋଇଥିଲା। ଏହା ପରେ ସେ ପାଖରେ ଥିବା ଏକ ବେଞ୍ଚରେ ବସି ପଡ଼ିଥିଲା। ସେ କିଛି ସେକେଣ୍ଡ ମଧ୍ୟରେ ତଳେ ପଡ଼ି ଯାଇଥିଲା। ଏହା ଦେଖି ବିଦ୍ୟାଳୟ କର୍ମଚାରୀ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଯାଞ୍ଚରୁ ହୃଦ୍‌ଘାତରେ ଶିଶୁର ମୃତ୍ୟୁ ହୋଇଥିବା ଜଣା ପଡ଼ିଥିଲା। ତେବେ ଏ ପର୍ଯ୍ୟନ୍ତ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ଗାର୍ଗୀଙ୍କ ମାତାପିତା ମୁମ୍ବାଇରେ ରୁହନ୍ତି। ସେ ଜେଜେବାପାମାଆଙ୍କ ପାଖରେ ରହି ପାଠ ପଢୁଥିଲେ। ପୁଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଛି। ଗାର୍ଗୀ ଆସିବା ସମୟରେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଗୁରୁବାର କର୍ଣ୍ଣାଟକ ଚାମରାଜନଗର ଜିଲ୍ଲାର ୮ ବର୍ଷୀୟ ଶିଶୁକନ୍ୟା ମଧ୍ୟ ହୃଦଘାତରେ ପ୍ରାଣ ହରାଇଥିଲେ।

## ମହିଳା ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ଆତ୍ମହତ୍ୟା



ହାଇଦରାବାଦ, ୧୦।୧ (ଏଜେନ୍ସି): କର୍ମଚାରୀଙ୍କ ଉପରେ କାର୍ଯ୍ୟଚାପ ବଢ଼ିବାରେ ଲାଗିଛି। ଜାପାନ ଭଳି ଦେଶ କାର୍ଯ୍ୟ ସମୟ ହ୍ରାସ କରୁଥିବାବେଳେ ଭାରତରେ ଏହାକୁ ବୃଦ୍ଧି କରିବାକୁ ବଡ଼ ବଡ଼ ଶିଳ୍ପପତି ଦାବି କରୁଛନ୍ତି। ଏପରି ସମୟରେ କାର୍ଯ୍ୟଚାପ ପାଇଁ ହାଇଦରାବାଦର ରାଜୀବ ଗାନ୍ଧୀ ନଗର ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ରେ କାର୍ଯ୍ୟରତ ମହିଳା ଆସିଷ୍ଟାଣ୍ଟ ମ୍ୟାନେଜର ଅଫିସରୁ ଫେରି ନିଜ ଆପାର୍ଟମେଣ୍ଟ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏହି ଚାକିରି କରିବା ପରଠାରୁ ସେ କାମଚାପରେ ରହୁଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମାମଲା ରୁଜୁ ସହିତ ତଦନ୍ତ ଆରମ୍ଭ କରାଯାଇଛି। ହାଇଦରାବାଦର ବାଚୁପଲ୍ଲି ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। ମୃତକ କୋଟା ସତ୍ୟଲାବନ୍ୟା (୩୨) ଆନ୍ଧ୍ର ପ୍ରଦେଶ ପିଥାପୁରମର ବାସିନ୍ଦା। ସେ ନିଜ ସ୍ୱାମୀଙ୍କ ସହିତ ବାଚୁପଲ୍ଲିର କେଆରସିଆର କଲୋନୀ ସ୍ଥିତ ଏମଏନ ରେସିଡେନ୍ସିରେ ରହୁଥିଲେ। ସେ ଅନେକ ଥର କାର୍ଯ୍ୟଚାପ ରହୁଥିବା ନେଇ ଘରଲୋକଙ୍କୁ କହିଥିଲେ। ସେ ଗୁରୁବାର ଦ୍ୱିପହରେ ବ୍ୟାଙ୍କରୁ ଫେରି ସିଧା ଛାତକୁ ପଳାଇ ଥିଲେ। ପରେ ତଳକୁ ଡେଇଁ ପଡ଼ିଥିଲେ।

ଗ୍ୟାଙ୍ଗଷ୍ଟରକୁ ଧରିଲା ପୁଲିସ

## ୩୫ ବର୍ଷ ହେଲା ଗୃହରକ୍ଷୀ ଭାବେ କରୁଥିଲା ଚାକିରି

ଲକ୍ଷ୍ନୌ, ୧୦।୧ (ଏଜେନ୍ସି): ଉତ୍ତର ପ୍ରଦେଶରୁ ବିଚଳିତ କରିବା ଭଳି ଏକ ମାମଲା ସାମନାକୁ ଆସିଛି। ମୋଷ୍ଟ ୱାଣ୍ଟେଡରୁ ସବୁଠାରୁ ବିଶ୍ୱସ୍ତ ପାଲଟି ଥିବା ଗୃହରକ୍ଷୀ ନକଡୁ ଯାଦବକୁ ପୁଲିସ ଗିରଫ କରିଛି। ସେ ୩୫ ବର୍ଷ ହେଲା ଭେଶ ଏବଂ ପରିଚୟ ବଦଳାଇ ପୁଲିସ ବାହିନୀରେ ଚାକିରି କରୁଥିଲା। ଆଇନ ଉଲ୍ଲଙ୍ଘନକାରୀ ନକଡୁ ସେହି ଆଇନର ରକ୍ଷାକାରୀ ଭାବେ ସାମିଲ ହୋଇଥିଲା। ଏହି ଘଟଣା ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ପଦାରେ ପକାଇ ଦେଇଛି। ଜଣେ ଗ୍ୟାଙ୍ଗଷ୍ଟର ଏତେ ବର୍ଷ ପର୍ଯ୍ୟନ୍ତ କେମିତି ଗୃହରକ୍ଷୀ ଭାବେ କାର୍ଯ୍ୟ କଲା ତାହା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ୧୯୮୪ରୁ ୧୯୮୯ ପର୍ଯ୍ୟନ୍ତ ଅନେକ ହତ୍ୟା, ଚୋରି ମାମଲାରେ ସାମିଲ ଆଜମଗଡର ନକଡୁ ବିରୋଧରେ ଗ୍ୟାଙ୍ଗଷ୍ଟର ଆଇନ ଅନୁଯାୟୀ ମାମଲା ଚାଲିଥିଲା। ପରେ ସେ ଏଥିରୁ ବର୍ତ୍ତିବା ଲାଗି ନିଜ ନାମ ବଦଳାଇ ଦେଇଥିଲା। କିଛି ଦିନ ପରେ ସେ ଜାଲ୍ ପରିଚୟ ପତ୍ର ପ୍ରସ୍ତୁତ କରି ନକଡୁରୁ ନନ୍ଦଲାଲ ଯାଦବ ହୋଇଯାଇଥିଲା। ଚତୁର୍ଥ ଶ୍ରେଣୀ ଡ୍ରପ୍ ଆଉଟ ଏହି ଅଭିଯୁକ୍ତ ପରେ ପୁଲିସ ବାହିନୀରେ ସାମିଲ ହୋଇ ଲୁଚିବା ପାଇଁ ସୁରକ୍ଷିତ ସ୍ଥାନ ପାଇଥିଲା। ଅବସର ସମୟ (୫୭ ବର୍ଷ) ଉପନୀତ ହୋଇଥିବାବେଳେ ନକଡୁର ଦ୍ୱୈତ ଜୀବନ ସମସ୍ତଙ୍କ ସାମ୍ନାକୁ ଆସି ଯାଇଥିଲା। ଗତ ବର୍ଷ ଅକ୍ଟୋବରରେ ପୁଲିସ ସାମ୍ନାରେ ନକୁଡୁର ପୁତୁରା ତାର ଦ୍ୱୈତ ଚରିତ୍ରରୁ ପର୍ଦ୍ଦା ହଟାଇ ଦେଇଥିଲା। ପରେ ପୁଲିସ ତାକୁ ଗିରଫ କରି ନେଇଥିଲା।

# ନିଆଁରେ ଛାରଖାର କାଲିଫର୍ଣ୍ଣିଆ !

- ୪୦ ହଜାର ଏକରକୁ ବ୍ୟାପିଲାଣି ବନାଗ୍ନି
- ତିନିଶହ କୋଟିର ଘର ପାଉଁଶ ହୋଇଗଲା
- ୧୦ ହଜାର କୋଠା ସମ୍ପୂର୍ଣ୍ଣ ଜଳିଗଲା; ୧୦ ମୃତ
- ନିଆଁ ଲିଭାଇବାକୁ ପାଣି ଅଭାବ
- ପରମାଣୁ ବୋମାମାଡ଼ ଭଳି ପ୍ରଭାବ



ଲସ୍ ଏଞ୍ଜେଲସ୍, ୧୦।୧ (ଏଜେନ୍ସି): ଆମେରିକା ରାଜ୍ୟ କାଲିଫର୍ଣ୍ଣିଆରେ ଜଙ୍ଗଲ ନିଆଁ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ରାଜ୍ୟ ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ନିଆଁ ଆଗରେ ଶକ୍ତିଶାଳୀ ଦେଶ ଆମେରିକା ବିବଶ ହୋଇଯାଇଛି। ଅନେକ ସମ୍ବଳ ଉପଲବ୍ଧ ଥିବା ସତ୍ତ୍ୱେ ନିଆଁକୁ ନିୟନ୍ତ୍ରଣ କରିବାରେ ଆମେରିକା ବିଫଳ ହୋଇଛି। ସ୍ଥିତି ଏତେ ଖରାପ ହୋଇଯାଇଛି ଯେ ସରକାର ନିଆଁର ମୁକାବିଲା ଲାଗି ନ୍ୟାସନାଲ ଗାର୍ଡ ମୁତୟନ କରିଛନ୍ତି। ଏହି ବନାଗ୍ନି ସମ୍ପୂର୍ଣ୍ଣ ଅଞ୍ଚଳକୁ ଛାରଖାର କରିଦେଇଛି। ଲକ୍ଷାଧିକ ଲୋକଙ୍କୁ ଘରଦ୍ୱାର ଛାଡ଼ିଯିବାକୁ ବାଧ କରିଦେଇଛି। ନିଆଁ ଦେଖି ପରମାଣୁ ବୋମା ଆକ୍ରମଣ କରାଯାଇଥିବା ଭଳି ଲାଗୁଛି ବୋଲି କାଉଣ୍ଟି ସେରିଫ (ସିଇଓ) ରବର୍ଟ ଲୁନା କହିଛନ୍ତି। ଏହି ନିଆଁ ପ୍ରଶମିତ ହେବା ପରିବର୍ତ୍ତେ ଦିନକୁ ଦିନ ବ୍ୟାପିବାରେ ଲାଗିଛି। ୧୨୦ରୁ ଅଧିକ କିମି ବେଗରେ ପବନ ହେଉଥିବାରୁ ନିଆଁ ଲିଭାଇବାରେ ସମସ୍ୟା ସୃଷ୍ଟି ହେଉଛି। ୪ ଦିନ ହେଲା ଲାଗିଥିବା ଏହି ନିଆଁ ୪୦ ହଜାର ଏକରକୁ ବ୍ୟାପି ଗଲାଣି। ୨୯ ହଜାର ଏକର ଅଞ୍ଚଳ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ନିଆଁରେ ୧୦ ଜଣଙ୍କ ମୃତ୍ୟୁ ହେଲାଣି। ଅନେକ ଆହତ ମଧ୍ୟ ହୋଇଛନ୍ତି। ୧୦ ହଜାରରୁ ଅଧିକ କୋଠା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ୩୦ ହଜାର କୋଠା କ୍ଷତିଗ୍ରସ୍ତ ହୋଇଛି। ଏଗୁଡିକ ମଧ୍ୟରେ ପେରିସ ହିଲ୍‌ଟନ, ଆନ୍ଥୋନି ହପ୍‌କିନ୍ସ, ବିଲି କ୍ରିଷ୍ଟଲ ଏବଂ ଏଡମ ବ୍ରୋଡି ଭଳି ସେଲିବ୍ରିଟିଙ୍କ ଘର ସାମିଲ ରହିଛି। ୫୦ ହଜାର ଲୋକଙ୍କୁ ତୁରନ୍ତ ଘର ଖାଲି କରିବାକୁ କୁହାଯାଇଛି। ୩ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରରେ ଜରୁରୀ ସ୍ଥିତି ଜାରି ରହିଛି। ଶନିବାର ପର୍ଯ୍ୟନ୍ତ ନିଆଁ ବ୍ୟାପିପାରେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାମଧ୍ୟରେ ୩ ଶହ କୋଟିର ଏକ ଘର ଜଳି ପାଉଁଶ ହୋଇଯାଇଛି।

ନିଆଁ ବ୍ୟାପି ଚାଲିଥିବାବେଳେ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ନିଆଁ ଲିଭାଇବା ପାଇଁ ପାଣି ଅଭାବ ଦେଖାଦେଇଛି। ଏହା ଅଧିକାରୀଙ୍କୁ ଚିନ୍ତାରେ ପକାଇଛି। କାନାଡ଼ା ମଧ୍ୟ ନିଆଁ ଲିଭାଇବାରେ ଆମେରିକାକୁ ସହଯୋଗ କରୁଛି। ନିଆଁ ଲିଭାଇବା ସମୟରେ କାନାଡ଼ା ବିମାନ ଏକ ଡ୍ରୋନ ସହ ଧକ୍କା ହୋଇଛି। ଏହା ପରେ ସବୁ ବିମାନକୁ ଓହ୍ଲାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିଆଁ ମଧ୍ୟରେ ଘରୁ ଲୁଟ୍ ଖବର ସାମ୍ନାକୁ ଆସିଛି। ଏହାକ ନେଇ ଗଭର୍ଣ୍ଣର ଗାଭିନ ନ୍ୟୁସନ୍ ଚେତାବନୀ ଜାରି କରିଛନ୍ତି।

ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ଲସ୍ ଏଞ୍ଜେଲସ୍‌ର ୱେଷ୍ଟ ହିଲ୍ ଅଞ୍ଚଳରେ ଲାଗିଥିବା ନିଆଁ ଘଣ୍ଟାଏ ମଧ୍ୟରେ ୯୦୦ ଏକରକୁ ବ୍ୟାପି ଯାଇଥିଲା। ଏହାକୁ ଲିଭାଇବାରେ ସୁରକ୍ଷାକର୍ମୀ ବିଫଳ ହୋଇଛନ୍ତି। ଏହା ଉଗ୍ର ରୂପ ଧାରଣ କରି ଆଗକୁ ବଢ଼ି ଚାଲିଛି। ନିଆଁରେ ପ୍ୟାସିଫିକ ପାଲିସେଡ୍ସ ଏବଂ ଅଲ୍ଟଡେନା ସର୍ବାଧିକ ପ୍ରଭାବିତ ହୋଇଛି। ରାଷ୍ଟ୍ରପତି ଜୋ ବାଇଡେନ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ ଏହାକୁ ସବୁଠୁ ଧ୍ୱଂସକାରୀ ନିଆଁ କହିଛନ୍ତି। ସହାୟତା ପାଇଁ ବିଭିନ୍ନ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ରାଜନୀତି ମଧ୍ୟ ଆରମ୍ଭ ହୋଇଯାଇଛି। ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିପାଇଁ ଲସ୍ ଏଞ୍ଜେଲସ୍ ଗଭର୍ଣ୍ଣରକୁ ଦାୟୀ କରିଛନ୍ତି। ତାଙ୍କ କୁପରିଚାଳନା ଯୋଗୁଁ ଏଭଳି ହେଲା ବୋଲି କହିଛନ୍ତି।

## ପରଲୋକରେ ପ୍ରଚ୍ଛଦପଟ୍ଟ ଗାୟକ ପି ଜୟଚନ୍ଦ୍ରନ



ତ୍ରିଶୁର, ୧୦।୧ (ଏଜେନ୍ସି): ସୁପ୍ରସିଦ୍ଧ ପ୍ରଚ୍ଛଦପଟ୍ଟ ଗାୟକ ପି ଜୟଚନ୍ଦ୍ରନ ତଥା ଭାବା ଗାୟକନଙ୍କ ପରଲୋକ ହୋଇଛି। ସେ ଗୁରୁବାର ସନ୍ଧ୍ୟାରେ କେରଳର ଏକ ଘରୋଇ ଡାକ୍ତରଖାନାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଗୁରୁବାର ସ୍ୱାସ୍ଥ୍ୟାବସ୍ଥା ବେଶି ଖରାପ ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଦିବଂଗତ ଜୟଚନ୍ଦ୍ରନ ମାଲାୟାଲମ, ତାମିଲ, ତେଲୁଗୁ, କନ୍ନଡ ଏବଂ ହିନ୍ଦୀରେ ୧୬ ହଜାରରୁ ଅଧିକ ଗୀତ ଗାଇ ଥିଲେ। ଭାରତୀୟ ସଙ୍ଗୀତ ଜଗତକୁ ଅବଦାନ ପାଇଁ ତାଙ୍କୁ ଅନେକ ପୁରସ୍କାର ମିଳିଥିଲା। ଏହା ମଧ୍ୟରେ ଜାତୀୟ ଚଳଚ୍ଚିତ୍ର ସମ୍ମାନ ଏବଂ କେରଳ ସରକାରଙ୍କ ଜେସି ଡାନିଏଲ ସମ୍ମାନ ସାମିଲ ରହିଛି। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ବିଭିନ୍ନ ଭାଷାରେ ତାଙ୍କର ଭାବପୂର୍ଣ୍ଣ ପ୍ରତିବେଦନ ଆଗାମୀ ପୀଢ଼ିର ହୃଦୟକୁ ଛୁଇଁବ ବୋଲି କହିଛନ୍ତି।

ଆୟୁଷ୍ମାନ ଯୋଜନାର ଲାଭ ନ ମିଳିବାରୁ ବୃଦ୍ଧଙ୍କ ଆତ୍ମହତ୍ୟା

## କେନ୍ଦ୍ର-କର୍ଣ୍ଣାଟକ ସରକାରଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଆୟୁଷ୍ମାନ ଯୋଜନାର ଲାଭ ନ ମିଳିବାରୁ ଡିସେମ୍ବର ୨୫ ତାରିଖରେ ବେଙ୍ଗାଲୁରୁର ଏକ ସରକାରୀ ହସ୍ପିଟାଲରେ ୭୨ ବର୍ଷୀୟ ବୃଦ୍ଧ ଆତ୍ମହତ୍ୟା କରିଥିଲେ। କିଡ୍‌ୱାଇ ମେମୋରିଆଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅଙ୍କୋଲୋଜି ହସ୍ପିଟାଲ ଏହି ବୃଦ୍ଧଙ୍କୁ ଆୟୁଷ୍ମାନ କାର୍ଡରେ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ଦେବାକୁ ମନା କରିଦେଇଥିଲା। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିଜ ଆଡୁ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। କମିଶନ ଗୁରୁବାର କେନ୍ଦ୍ର ଏବଂ କର୍ଣ୍ଣାଟକ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ୪ ସପ୍ତାହ ଭିତରେ ଏ ନେଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ଯୋଜନାର ଲାଭ ବରିଷ୍ଠ ନାଗରିକଙ୍କୁ ନ ମିଳିବ ତେବେ ଏହା ସ୍ୱାସ୍ଥ୍ୟ ଅଧିକାରର ଉଲ୍ଲଙ୍ଘନ।

## ୯ ମାସ ପରେ ଫ୍ରିଜ୍‌ରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଭୋପାଳ, ୧୦।୧ (ଏଜେନ୍ସି): ମଧ୍ୟପ୍ରଦେଶ ଦେବାସର ବୃନ୍ଦାବନ ଧାମ କଲୋନୀରୁ ଶୁକ୍ରବାର ଦିପହରେ ଏକ୍ ଫ୍ରିଜ୍‌ରୁ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଘର ମାଲିକଙ୍କ ଏହାକୁ ଧୀରେନ୍ଦ୍ର ଶ୍ରୀବାସ୍ତବଙ୍କୁ ଭଡ଼ାରେ ଦେଇଥିଲେ। ତେବେ ସେ ଗତ ଜୁନ୍‌ରେ ଏକ ପ୍ରକୋଷ୍ଠରେ କିଛି ସାମଗ୍ରୀ ରଖି ଘର ଛାଡ଼ି ଦେଇଥିଲେ। ସେ ୯ ମାସ ତଳେ ଲିଭ୍-ଇନ୍ ପାର୍ଟନରଙ୍କୁ ହତ୍ୟା କରିଥିଲା। ପରେ ମୃତଦେହ ଫ୍ରିଜ୍‌ରେ ରଖି ଫେରାର ହୋଇ ଯାଇଥିଲା। ପୁଲିସ ହତ୍ୟାକାରୀକୁ ଉଜ୍ଜୈନରୁ ଗିରଫ କରିଛି।

ଆମେରିକା ଇତିହାସରେ ପ୍ରଥମ

## ପର୍ଣ୍ଣଷ୍ଟାର ମାମଲାରେ ଟ୍ରମ୍ପ ଦୋଷୀ ସାବ୍ୟସ୍ତ

ୱାଶିଂଟନ, ୧୦।୧ (ଏଜେନ୍ସି): ଶପଥ ଗ୍ରହଣ ପୂର୍ବରୁ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଝଟ୍‌କା ଲାଗିଛି। ତାଙ୍କ ନାମରେ ଆଉ ଏକ ଅପକୀର୍ତ୍ତି ଯୋଡ଼ି ହୋଇଯାଇଛି। ଶପଥ ନେବାର ୧୦ ଦିନ ପୂର୍ବରୁ ଆମେରିକା ଇତିହାସର ପ୍ରଥମ ରାଷ୍ଟ୍ରପତି ଭାବେ ଟ୍ରମ୍ପ ଦଣ୍ଡ ପାଇଛନ୍ତି। ପର୍ଣ୍ଣଷ୍ଟାରଙ୍କୁ ଟଙ୍କା ଦେଇ ଚୁପ୍ କରାଇବା ମାମଲା (ହସ୍ ମନି)ରେ ଶୁକ୍ରବାର ନ୍ୟୁୟର୍କର ମାନହାଟନ କୋର୍ଟ ୩୪ ଅଭିଯୁକ୍ତଙ୍କୁ ଦଣ୍ଡ ଶୁଣାଇଛନ୍ତି। ତେବେ କୋର୍ଟ ଏହି ମାମଲାରେ ଟ୍ରମ୍ପଙ୍କୁ ଜେଲ୍ ନ ପଠାଇ ବିନା ସର୍ତ୍ତରେ ମୁକ୍ତ କରିଦେଇଛନ୍ତି। ଶୁଣାଣି ସମୟରେ ଟ୍ରମ୍ପ ଭିଡିଓ କନଫରେନ୍ସି ମାଧ୍ୟମରେ ହାଜର ହୋଇଥିଲେ। ଏଥିପାଇଁ କୋର୍ଟରେ ୪ଟି ବଡ଼ ସ୍କ୍ରିନ୍ ଲଗା ଯାଇଥିଲା। ବିଚାରପତି ମର୍ଚେନ ନିଷ୍ପତ୍ତି ଶୁଣାଇ ଟ୍ରମ୍ପଙ୍କୁ ଦ୍ୱିତୀୟ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇ ସଫଳତା କାମନା କରିଥିଲେ।



- ସାଙ୍କେତିକ ଭାବେ ଦୋଷୀ ସାବ୍ୟସ୍ତ କରି ଛାଡ଼ିଦେଲେ
- ଜେଲ୍ ଯିବେନି, ୨୦ରେ ଶପଥ ଗ୍ରହଣ କରିବେ
- ପଶ୍ଚାତାପ ପରିବର୍ତ୍ତେ ଘୃଣା ପ୍ରସାର କରିଥିଲେ: କୋର୍ଟ

ଏହି ମାମଲାରେ ଟ୍ରମ୍ପଙ୍କୁ କେବଳ ସାଙ୍କେତିକ ଭାବେ ଦଣ୍ଡ ମିଳିଛି। ଅର୍ଥାତ୍ ଟ୍ରମ୍ପ ଜେଲ୍ ଯିବେ ନାହିଁ କି କୌଣସି ଜୋରିମାନା ଦେବାକୁ ପଡ଼ିବ ନାହିଁ। ତେବେ ଅପରାଧି ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଭାବେ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ଏହା ଦ୍ୱାରା ତାଙ୍କ ଛବି ଖରାପ ହେବ। ରାୟ ଶୁଣାଇ ବିଚାରପତି କହିଥିଲେ ଯେ ଏହି ଦେଶର ସର୍ବୋଚ୍ଚ ପଦର (ରାଷ୍ଟ୍ରପତି)ର କ୍ଷମତାରେ ହସ୍ତକ୍ଷେପ ନ କରି ଟ୍ରମ୍ପଙ୍କୁ ବିନା ସର୍ତ୍ତରେ ମୁକ୍ତ କରିବା ଉଚିତ୍ ଦଣ୍ଡ ହେବ। ଏହା ଶୁଣି ଟ୍ରମ୍ପ ଚୁପ୍ ହୋଇ ଯାଇଥିଲେ। ତାଙ୍କ ସ୍କ୍ରିନ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏହା ପୂର୍ବରୁ ବିଚାରପତି ଜୋସୁଆ ଷ୍ଟିନ ଗ୍ଲାସ କହିଥିଲେ ଯେ ଶୁଣାଣି ସମୟରେ ଟ୍ରମ୍ପ କୋର୍ଟଙ୍କ ଉପରେ ଲଗାଇଥିବା ଅଭିଯୋଗ ପାଇଁ ନ୍ୟାୟିକ ବ୍ୟବସ୍ଥାର ଛବି ଖରାପ ହୋଇଛି। ଟ୍ରମ୍ପ ନିଜେ କରିଥିବା ଏଭଳି କାର୍ଯ୍ୟକୁ ନେଇ ପଶ୍ଚାତାପ କରିବା ପରିବର୍ତ୍ତେ ଘୃଣା ପ୍ରଚାରପ୍ରସାର କରିଥିଲେ। ଏହା ଶୁଣି ଟ୍ରମ୍ପ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ସେ କେବଳ ମୁଣ୍ଡ ହଲାଇ ଥିଲେ। ଟ୍ରମ୍ପଙ୍କ ଓକିଲ ଏହା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଟ୍ରମ୍ପ କହିଥିଲେ ଯେ ଏହି ମାମଲା ତାଙ୍କ ବହୁତ ଖରାପ ଅନୁଭବ ଆଣିଦେଇଛି। ଏହା ନ୍ୟୁୟର୍କ ଏବଂ ଏହାର କୋର୍ଟ ସିଷ୍ଟମ ପାଇଁ ଉପଯୁକ୍ତ ନୁହେଁ। ଟ୍ରମ୍ପ ନିଜକୁ ନିର୍ଦ୍ଦୋଷ କହି ଏହା ପଛରେ ନ୍ୟାୟ ବିଭାଗର ଷଡ଼ଯନ୍ତ୍ର ଥିବା ଉଲ୍ଲେଖ କରିଥିଲେ।

ନଭେମ୍ବର ୬ରେ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ପରେ ଟ୍ରମ୍ପ ଏହି ଦଣ୍ଡରୁ ବର୍ତ୍ତିବା ଲାଗି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାତ୍ର କୋର୍ଟ ଗୁରୁବାର ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଟ୍ରମ୍ପଙ୍କୁ ଆଇନଗତ ସୁରକ୍ଷା ମିଳିଥାନ୍ତା। ତେଣୁ ଏହା ପୂର୍ବରୁ କୋର୍ଟ ମାମଲାର ରାୟ ଶୁଣାଇବାକୁ ନିଷ୍ପତ୍ତି ନେଇଥିଲେ।

ସମ୍ବଲ ଜାମା ମସ୍‌ଜିଦ ମାମଲା

## କୂଅରେ ପୂଜା ବନ୍ଦ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଉତ୍ତର ପ୍ରଦେଶ ସମ୍ବଲ ଶାହି ଜାମା ମସଜିଦ ନିକଟରେ ଥିବା କୂଅରେ ପୂଜାର୍ଚ୍ଚନା କରିବା ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କଟକଣା ଲଗାଇ ଦେଇଛନ୍ତି। ଏହା ସହିତ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାମା ମସଜିଦ ପରିଚାଳନା କମିଟିର ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ପଦକ୍ଷେପ ନେଇଛନ୍ତି। ସିଜେଆଇ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ପ୍ରଶାସନକୁ ପୌରପାଳିକାର ନୋଟିସ ଉପରେ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୌରପାଳିକା ଏହି କୂଅକୁ ଭଗବାନ ହରି ମନ୍ଦିର କହି ପୂଜାର୍ଚ୍ଚନା ପାଇଁ ଅନୁମତି ଦେଇଥିଲା।

## ବାପାମାଆ ସମେତ ୩ ନାବାଳିକାଙ୍କୁ ହତ୍ୟା

ମିରଟ, ୧୦।୧ (ଏଜେନ୍ସି): ଉତ୍ତରପ୍ରଦେଶ ମିରଟର ସୋହେଲ ଗାର୍ଡେନ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଏଠାରେ ଗୋଟିଏ ପରିବାରର ୫ ଜଣ ସଦସ୍ୟଙ୍କୁ ହତ୍ୟା କରାଯାଇଛି। ଏକ ବନ୍ଦ ଘରୁ ବାପାମାଆଙ୍କ ସମେତ ୩ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପତିପତ୍ନୀଙ୍କ ହାତଗୋଡ଼ ବନ୍ଧା ହୋଇଥିବାବେଳେ ବାକ୍ସ ଖଟ ଭିତରୁ ତିନି ଭଉଣୀଙ୍କ ମୃତଦେହ ମିଳିଛି। ପଡୋଶୀ ବୁଧବାର ସନ୍ଧ୍ୟାରେ ଏହି ପରିବାରକୁ ଶେଷ ଥର ପାଇଁ ଦେଖିବାକୁ ପାଇଥିଲେ। ବାହାରୁ ତାଲା ପଡ଼ିଥିବାବେଳେ ବନ୍ଧୁବାନ୍ଧବ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ କେହି ଉଠାଉ ନ ଥିଲେ। ପରେ ପୁଲିସକୁ ଏହାର ସୂଚନା ଦିଆଯାଇଥିଲା। ପୁଲିସ ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି। ତଦନ୍ତ ଜାରି ରହିଛି। ହତ୍ୟାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

ଜିରୋଧା ସହ-ପ୍ରତିଷ୍ଠାତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ପଡ୍‌କାଷ୍ଟ

## ମୁଁ ମନୁଷ୍ୟ; ମୋର ବି ଭୁଲ୍ ହୁଏ



ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଜିରୋଧାର ସହ-ପ୍ରତିଷ୍ଠାତା ନିଖିଲ କାମାଥଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ପଡ୍‌କାଷ୍ଟ କରିଛନ୍ତି। ଗୁରୁବାର ଏହାର ଟ୍ରେଲର ଆସିଥିବାବେଳେ ଶୁକ୍ରବାର ଭିଡିଓ ଜାରି କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ସ୍ୱୀକାର କରୁଛନ୍ତି ଯେ ତାଙ୍କର ବି ଭୁଲ୍ ହୋଇଥାଏ। ସେ ଦେବତା ନୁହଁନ୍ତି, ମନୁଷ୍ୟ। ବିଫଳତାରେ କାନ୍ଦିବା ଭଳି ବ୍ୟକ୍ତି ସେ ନୁହଁନ୍ତି। ଏ ବିଷୟରେ ଭାବି ଭାବି ସେ ଜୀବନ ବିତାଇ ନ ଥାଆନ୍ତି। ପ୍ରତି ମୁହୂର୍ତ୍ତରେ ତାଙ୍କୁ ବିପଦ ଉଠାଇବାକୁ ପଡ଼ିଥାଏ। ଏହି ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ବିଶ୍ୱରେ ଯୁଦ୍ଧ ସ୍ଥିତି, ରାଜନୀତିରେ ଯୁବ ବର୍ଗଙ୍କ ଭୂମିକା, ନିଜର ପ୍ରଥମ ଏବଂ ଦ୍ୱିତୀୟ କାର୍ଯ୍ୟକାଳର ଅଭିଜ୍ଞତା ଓ ବ୍ୟକ୍ତିଗତ ଭାବନା ଉପରେ ଚର୍ଚ୍ଚା କରିଛନ୍ତି। ଯୁବ ବର୍ଗ ରାଜନୀତିକୁ ମହତ୍ତ୍ୱାକାଂକ୍ଷା ନୁହେଁ, ଅଭିଯାନ ଆଣି ଆସିବାକୁ ମୋଦୀ ପରାମର୍ଶ ଦେଇଛନ୍ତି।

ଭିଡିଓରେ କାମାଥ କହୁଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସାମ୍ନାରେ ବସି ଏବଂ କଥା ହୋଇ ଭୟ ଲାଗୁଛି। ଏଠାରେ ବସି ଆଲୋଚନା କରିବା କଠିନ ହେଉଛି। ଜବାବରେ ମୋଦୀ କହୁଛନ୍ତି ଯେ ଏହା ମଧ୍ୟ ତାଙ୍କର ପ୍ରଥମ ପଡ୍‌କାଷ୍ଟ। ଏହା ଦର୍ଶକଙ୍କୁ କେମିତି ଲାଗିବ ସେ ଜାଣିନାହାନ୍ତି।

## ଇଣ୍ଡିଆ ମେଣ୍ଟ ଅଛି କି ନାଇଁ କଂଗ୍ରେସ କହୁ: ସଞ୍ଜୟ

ମୁମ୍ବାଇ, ୧୦।୧ (ଏଜେନ୍ସି): ଏନ୍‌ଡିଏକୁ କାଉଣ୍ଟର କରିବା ପାଇଁ ଗଠିତ ବିରୋଧୀ ଇଣ୍ଡିଆ ମେଣ୍ଟ ଅସ୍ତିତ୍ୱ ହରାଇଥିବା କୁହାଯାଉଛି। ଆରଜେଡି, ଏନ୍‌ସି ଭଳି ଦଳର ନେତା ଏହାକୁ ଭାଙ୍ଗିଦେବା ଉଚିତ ବୋଲି କହିଛନ୍ତି। ଏପରି ସମୟରେ ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ ମଧ୍ୟ ମେଣ୍ଟ ଭାଙ୍ଗିବାକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଯଦି ସହଯୋଗୀଙ୍କୁ ଲାଗୁଛି 'ଇଣ୍ଡିଆ'ର କୌଣସି ଅସ୍ତିତ୍ୱ ନାହିଁ ତେବେ ସେଥିପାଇଁ କଂଗ୍ରେସକୁ ଦାୟୀ କରାଯିବା ଉଚିତ। କାରଣ ମେଣ୍ଟକୁ ଏକାଠି କରି ରଖିବା କଂଗ୍ରେସର ଦାୟିତ୍ୱ। ଯଦି ମେଣ୍ଟ କେବଳ ଲୋକସଭା ନିର୍ବାଚନ ପାଇଁ ଥିଲା ଏବଂ ଏବେ ଏହାର କୌଣସି ଅସ୍ତିତ୍ୱ ନାହିଁ ତେବେ କଂଗ୍ରେସ ଏହାର ଘୋଷଣା କରିଦେବା ଉଚିତ। ଏହା ଦ୍ୱାରା ସମସ୍ତେ ନିଜ ନିଜ ରାସ୍ତାରେ ଚାଲିଯିବେ। କିନ୍ତୁ ଥରେ ଭାଙ୍ଗିଗଲା ପରେ ମେଣ୍ଟ ଦ୍ୱିତୀୟ ଥର ହୋଇପାରିବ ନାହିଁ। ତେଣୁ ଆଗକୁ କ'ଣ ହେବ ତାହା ଚିନ୍ତା କରିବା ଉଚିତ। ମହାରାଷ୍ଟ୍ରରେ ଏମ୍‌ଭିଏର ସ୍ଥିତି ମଧ୍ୟ ଇଣ୍ଡିଆ ଭଳି ରହିଛି। ମେଣ୍ଟରେ କୌଣସି ତାଳମେଳ ନାହିଁ।

ବିଜେପିର ପୂର୍ବତନ ବିଧାୟକଙ୍କ ଘରେ ଆଇଟି ଚଢ଼ଉ

## ଧରାପଡ଼ିଲା ୨୦୦ କୋଟିର ଟିକସ ଚୋରି

- ୩ କୁମ୍ଭୀରଙ୍କୁ ଉଦ୍ଧାର କଲା ବନ ବିଭାଗ
- ୩.୮ କୋଟି ଟଙ୍କା, ୧୪ କେଜି ସୁନା ଜବତ



ଭୋପାଳ, ୧୦।୧ (ଏଜେନ୍ସି): ମଧ୍ୟପ୍ରଦେଶ ବିଜେପିର ପୂର୍ବତନ ବିଧାୟକ ହରିବଂଶ ସିଂହ ରାଠୋରଙ୍କ ଘରେ ଆୟକର ବିଭାଗ (ଆଇଟି) ଟିମ୍ ଚଢ଼ଉ କରିଛି। ଏହି ପୂର୍ବତନ ବିଧାୟକଙ୍କ ଘରୁ କୋଟି କୋଟି ଟଙ୍କା, ସୁନା, ଏକାଧିକ ବେନାମୀ କାର ଏବଂ ବେନାମୀ ସମ୍ପତ୍ତିର କାଗଜପତ୍ର ଜବତ କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ରାଠୋରଙ୍କ ଘରୁ ୩ଟି ବିରାଟକାୟ କୁମ୍ଭୀର ଉଦ୍ଧାର କରାଯାଇଛି। ଏହା ଦେଖି ଅଧିକାରୀମାନେ ଚକିତ ହୋଇଯାଇଛନ୍ତି। ରାଠୋର ତାଙ୍କ ପୋଖରୀରେ ଏହି କୁମ୍ଭୀର ପାଳିଥିଲେ। ମେଡିକାଲ ଯାଞ୍ଚ ପରେ ଏହି କୁମ୍ଭୀରଙ୍କୁ କୌଣସି ବନ୍ଧରେ ଛାଡ଼ି ଦିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଟିକସ ଠକେଇ ମାମଲାରେ ରବିବାରଠାରୁ ନିର୍ମାଣ, ବିଡି ଏବଂ ଜମି କାରବାରରେ ସମ୍ପୃକ୍ତ ରାଜେଶ କେଶରୱାନୀ, ପୂର୍ବତନ ବିଧାୟକ ହରିବଂଶ ସିଂହ ରାଠୋର ଏବଂ ଏମାନଙ୍କ ତିନି ସହଯୋଗୀଙ୍କ ଠିକଣାରେ ଚଢ଼ଉ ଜାରି ରହିଛି। ଏହି ସମୟରେ ୨୦୦ କୋଟି ଟଙ୍କାର ଟିକସ ଚୋରି ଧରା ପଡ଼ିଥିଲା। ବିଭିନ୍ନ କମ୍ପାନୀରେ ମିଳିତ ସହଯୋଗୀ ଥିବା ରାଠୋରଙ୍କ ଭାଇ ଏବଂ ସମ୍ପର୍କୀୟଙ୍କ ଠିକଣାରୁ ବିପୁଳ ସୁନା ଓ ୩.୮ କୋଟି ଟଙ୍କା ମିଳିଥିଲା।

ସୂଚନା ଅନୁଯାୟୀ ରାଠୋରଙ୍କ ଠିକଣାରୁ କେବଳ ୧୪ କେଜି ସୁନା ମିଳିଥିଲା। ଏଥିରେ ଅଳଙ୍କାର ଏବଂ ସୁନା ମୁଦ୍ରା ସାମିଲ ଥିଲା। ୯.୮୦ କେଜି ସୁନା ମିଳିଥିଲା। ସେହିପରି କେଶରୱାନିଙ୍କ ଠିକଣାରୁ ବେନାମୀ ସମ୍ପତ୍ତିର କାଗଜପତ୍ର ମିଳିଥିଲା। ଏଥିରେ ୧୪୦ କୋଟି ଟଙ୍କା କାରବାରର ବିବରଣୀ ରହିଥିଲା। ରାଠୋରଙ୍କ ଠିକଣାରେ ମଙ୍ଗଳବାର ଚଢ଼ଉ ଶେଷ ହୋଇଥିବାବେଳେ କେଶରୱାନିଙ୍କ ଠିକଣାରେ ଏବେ ବି ଜାରି ରହିଛି। ଏଠାରୁ ମନି ଲଣ୍ଡରିଂର କାଗଜପତ୍ର ମିଳିଛି। ସୂଚନାଯୋଗ୍ୟ ଯେ ୨୦୧୩ରେ ବିଜେପି ଟିକେଟରୁ ବିଧାୟକ ହୋଇଥିବା। ରାଠୋରଙ୍କ ସାଗର ଜିଲ୍ଲାରେ ଦବଦବା ରହିଛି। ତାଙ୍କ ବାପା ହରନାମ ସିଂହ ରାଠୋର ମଧ୍ୟପ୍ରଦେଶ ସରକାରରେ ମନ୍ତ୍ରୀ ଥିଲେ।

ଭାପୁର ମହୋତ୍ସବ ପ୍ରଥମ ସନ୍ଧ୍ୟା

# ଦର୍ଶକଙ୍କୁ ବିଭୋର କଲା ସାଂସ୍କୃତିକ କାର୍ଯ୍ୟକ୍ରମ

ଭାପୁର,୧୦।୧(ସମିସ)



ନୟାଗଡ଼ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ମହୋତ୍ସବ ଭାବେ ପରିଗଣିତ ହେଉଥିବା ଭାପୁର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅନେକ ବାଧା ବିଘ୍ନକୁ ଅତିକ୍ରମ କରି ମହୋତ୍ସବ କମିଟିର ସଦସ୍ୟମାନେ ଲୋକମାନଙ୍କ ଗଣପର୍ବ ଭାବେ ପରିଚିତ ଲାଭ କରିଥିବା ଭବ୍ୟ ତଥା ରଙ୍ଗାରଙ୍ଗ ମହୋତ୍ସବ ଆୟୋଜିତ କରିବାରେ ସଫଳ ହୋଇଛନ୍ତି। 'ମୋ ମାଟି ଭାପୁର'ର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ସନ୍ଥ ଉମେଶନାଥ ମହାରାଜ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଓ ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ମହୋତ୍ସବ ମୁଖପତ୍ର 'ମହାନଦୀ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସଙ୍ଗୀତ ଦର୍ଶକଙ୍କ ମନମୋହିଥିଲା। ଅଂଶୁମାନ ଜେନା ଓ କୁନି ଆୟନା ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ।

## ମହର୍ଷି ବାଲ୍ମୀକିଙ୍କ ପ୍ରତିମୂର୍ତ୍ତି ପାଇଁ ଭୂମିପୂଜନ

**ଭାପୁର,୧୦।୧(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଶ୍ରୀରାମ ମନ୍ଦିର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଉଜ୍ଜୟିନୀର ପୀଠାଧୀଶ ତଥା ରାଜ୍ୟସଭା ସାଂସଦ ସନ୍ଥ ବାଲଯୋଗୀ ଉମେଶନାଥ ମହାରାଜ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। କଡ଼ା ସୁରକ୍ଷା ମଧ୍ୟରେ ସେ ଭୁବନେଶ୍ୱରରୁ ଫତେଗଡ଼ ଆସିଥିଲେ। ଫତେଗଡ଼ ଶ୍ରୀରାମ ମନ୍ଦିରରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ପହଞ୍ଚି ପ୍ରଭୁ ରାମଲାଲାଙ୍କ ଦର୍ଶନ କରିଥିଲେ। ଏହାପରେ ଦୁଇଦିନ ଧରି ଚାଲିଥିବା ଯଜ୍ଞରେ ବସି ଆହୁତି ଦେଇଥିଲେ। ଏହାପରେ ମନ୍ଦିର ପରିସରରେ ମହର୍ଷି ବାଲ୍ମୀକିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଶିଳାନ୍ୟାସ ଓ ଭୂମି ପୂଜନ ଉତ୍ସବରେ ଯୋଗ ଦେଇଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସନ୍ଥ ବାଲଯୋଗୀ ଉମେଶନାଥ ମହାରାଜ, ଫତେଗଡ଼ ରାମମନ୍ଦିର ଟ୍ରଷ୍ଟର ସଭାପତି ବେଣୁଧର ପ୍ରଧାନ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ସହ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ସନ୍ଥ ଉମେଶନାଥ ମହାରାଜଙ୍କ ସାମ୍ବାଦିକ ସମ୍ମିଳନୀ



**ଭାପୁର,୧୦।୧(ସମିସ):** ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ମନ୍ଦିରରେ ସନ୍ଥ ଉମେଶନାଥ ମହାରାଜ ବାଲ୍ମୀକିଙ୍କ ମୂର୍ତ୍ତି ସ୍ଥାପନ ନେଇ ଶିଳାନ୍ୟାସ କରିବା ପରେ ଭାପୁର ଡାକବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ସମାଜିକ ସମାନତାର ବାର୍ତ୍ତା ମାନବ ସମାଜକୁ ୬ ହଜାର ବର୍ଷ ପୂର୍ବେ ପ୍ରଦାନ କରିଥିଲେ ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଏହି ସନ୍ଥଙ୍କ ପାଦ ସ୍ପର୍ଶରେ ଭାପୁର ମାଟି ଧନ୍ୟ ହୋଇଯାଇଛି ବୋଲି କହିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଥ ଉମେଶନାଥ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତର ଦ୍ୱିତୀୟ ଅଯୋଧ୍ୟା ଭାବେ ପରିଚିତ ଫତେଗଡ଼ ଶ୍ରୀରାମ ମନ୍ଦିର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମନ୍ଦିର ନିର୍ମାଣ ପରିପାଟୀ ଦେଖି ବିମୋହିତ ହେବା ସହ ଏଠାକୁ ଆସିବା ପରେ ବନବାସୀ ଶ୍ରୀରାମଙ୍କ ସମସ୍ତ ବନଲୀଳା ମାନସପଟରେ ଉଜ୍ଜୀବିତ ହୋଇଯାଉଛି। ଆସନ୍ତା ଦୁଇ ବର୍ଷ ଭିତରେ ମହର୍ଷି ବାଲ୍ମୀକିଙ୍କ ମୂର୍ତ୍ତି ଓ ମନ୍ଦିର ନିର୍ମାଣ ସରିବା ପରେ ଏହାକୁ ଉଦ୍‌ଘାଟନ କରିବାକୁ ଆସିବେ ବୋଲି କହିଥିଲେ।

## ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ



**ନୟାଗଡ଼,୧୦।୧(ସମିସ):** ସଂଯୁକ୍ତ କିଷାନ ମୋର୍ଚ୍ଚା ରାଜ୍ୟ କମିଟିର ଆହ୍ୱାନ କ୍ରମେ ନୟାଗଡ଼ରେ କୃଷକ ଚେତାବନୀ ଦିବସରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଛି। କୃଷକ ପ୍ରତିନିଧିଙ୍କର ପଟୁଆର ପୂର୍ତ୍ତ ଡାକବଙ୍ଗଳାଠାରୁ ବାହାରି ନଷ୍ଟ ଧାନବିଡ଼ା ପ୍ରଦର୍ଶନ ସହିତ କ୍ଷତିପୂରଣ ପାଇଁ ନାରାବାଜି ପୂର୍ବକ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନଷ୍ଟ ଫସଲର ଉପଯୁକ୍ତ କ୍ଷତିପୂରଣ ତୁରନ୍ତ ପର୍ଯ୍ୟାପ୍ତ ମଣ୍ଡିଖୋଲି ୩୧୦୦ ଟଙ୍କାରେ କୃଷକ ଓ ଭାଗଚାଷୀଙ୍କଠାରୁ ଧାନକ୍ରୟ କରିବା, ମୃତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା, ବୃହଙ୍ଗ ଜଳଭଣ୍ଡାର ନିର୍ମାଣ, ଚିନିକଳକୁ ପୁନଃ ଚାଲୁ କରିବା ପ୍ରଭୃତି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭରେ କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ପରିଡ଼ା, ସୁରେଶ ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ, କୃଷ୍ଣଚନ୍ଦ୍ର ମହାପାତ୍ର, ବୁଦ୍ଧି ନାୟକ, ମହିଳା ନେତ୍ରୀ ଜ୍ୟୋତିପ୍ରଭା ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମାଡ଼ ଘଟଣା

## ଅଧ୍ୟାପକଙ୍କୁ ଜାମିନ; ବିଭାଗୀୟ କାର୍ଯ୍ୟାନୁଷ୍ଠାନ କେବେ?

**ନୟାଗଡ଼,୧୦।୧(ସମିସ):** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକଙ୍କୁ ଓଡ଼ିଆ ଅଧ୍ୟାପକ ବାନାମ୍ବର ପୃଷ୍ଟି ମାଡ଼ ମାରିବା ଘଟଣାରେ ଟାଉନଥାନା ପୁଲିସ ମାମଲା ରୁଜୁ କରି ଅଧ୍ୟାପକଙ୍କୁ ନୋଟିସ ଦେଇଥିଲା। ଅଧ୍ୟାପକ ଶ୍ରୀ ପୃଷ୍ଟି ଟାଉନ ଥାନାକୁ ନଆସି ସିଧାସଳଖ କୋର୍ଟରେ ଆତ୍ମସମର୍ପଣ କରିବା ପରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ନୟାଗଡ଼ ଜିଲ୍ଲାରେ ଅନେକ ଚର୍ଚ୍ଚା ଲାଗି ରହିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ମଧ୍ୟରେ ଘଟିଥିବା ଘଟଣା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆସି ଛାନଭିନ୍ କରି ଫେରିଥିବା ବେଳେ ଏଯାଏଁ କୌଣସି ପ୍ରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ଘଟଣାକୁ ମହାବିଦ୍ୟାଳୟ ସ୍ତରରେ ରଫାଦଫା କରିବାକୁ ପ୍ରୟାସ ଚାଲିଥିବା ଆଲୋଚନା ହେଉଛି।

## ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ




**ଦଶପଲ୍ଲା,୧୦।୧(ସମିସ):** କଳା, ସାହିତ୍ୟ, ସଂସ୍କୃତି ଓ ରାଜନୀତିର ଏକୁଟିଆଶାଳ ମଧ୍ୟଖଣ୍ଡ ମାଟିର ସ୍ୱର୍ଦ୍ଦିତ ସ୍ୱର ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ରାମଚନ୍ଦ୍ର ପଣ୍ଡା ମେମୋରିଆଲ ଟ୍ରଷ୍ଟ ଓ ମଧ୍ୟଖଣ୍ଡ ନୋଡାଲ ହାଇସ୍କୁଲ ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ମଧ୍ୟଖଣ୍ଡ ହାଇସ୍କୁଲ ପରିସରରେ ବହୁ ବକ୍ତା ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଶିକ୍ଷାନୁଷ୍ଠାନ ପରିସରରେ ସ୍ୱର୍ଗତ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ସହିତ ପୂଜ୍ୟପୂଜା ମାଟି ମଧ୍ୟଖଣ୍ଡରେ ରାମଚନ୍ଦ୍ରଙ୍କ ତ୍ୟାଗ ତିତିକ୍ଷାର ଉଦାହରଣ ବ୍ୟାଖ୍ୟା କରିଥିଲେ। ମୁଖ୍ୟବକ୍ତା ଭାବେ ଚନ୍ଦ୍ର ବିଜୟୀ ମିଶ୍ର ଓଜସ୍ୱିନୀ ଅଭିଭାଷଣରେ ରାମଚନ୍ଦ୍ରଙ୍କ ବହୁବିଧ ଗୁଣାବଳୀ ଆଗାମୀ ପିଢ଼ି ପାଇଁ ଅନୁକରଣୀୟ ହେଉ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟାୟ ବିରୋଧରେ ପ୍ରତିବାଦ ଓ ବିଦ୍ରୋହରେ ସ୍ୱର୍ଗତ ରାମଚନ୍ଦ୍ର କିଶୋର ତଥା ଛାତ୍ର ଅବସ୍ଥାରୁ ଏକ ଅଗ୍ନିଶିଖା ଥିଲେ ବୋଲି ସମ୍ମାନିତ ଅତିଥି ଡଃ ମାଧବ ମିଶ୍ର ମତ ରଖିଥିଲେ। ଅନ୍ୟତମ ମଞ୍ଚାସୀନ ଅତିଥି ଆଇନଜୀବୀ ଶରତ ବେହେରା, ପ୍ରସନ୍ନ ନାୟକ ଓ ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରଧାନ ସ୍ୱର୍ଗତ ରାମଚନ୍ଦ୍ର ମଧ୍ୟଖଣ୍ଡ ମାଟିରେ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଓ ବହୁ ଅନୁଷ୍ଠାନ ଗଢ଼ି ତୋଳିଥିବା ନେଇ କହିଥିଲେ।

## ପାଚିକା ସହାୟିକାଙ୍କ ଖାଦ୍ୟ ରନ୍ଧନ ପ୍ରତିଯୋଗିତା

**ଓଡ଼ଗାଁ,୧୦।୧(ସମିସ):** ସରକାରୀ ଉ.ପ୍ରା.ବିଦ୍ୟାଳୟ ଓଡ଼ଗାଁଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନସ୍ଥ ରାଜ୍ୟ ପ୍ରକଳ୍ପ ପରିଚାଳନା କାର୍ଯ୍ୟାଳୟ ଦ୍ୱାରା ଓଡ଼ଗାଁ ସରକାରୀ ଉ.ପ୍ରା.ବିଦ୍ୟାଳୟ ପରିସରରେ ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଚିକା ସହାୟିକାଙ୍କୁ ନେଇ ଏକ ମଣ୍ଡଳସ୍ତରୀୟ ଖାଦ୍ୟ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଗତ ୨୭, ୨୮ ଓ ୩୦ ତାରିଖରେ ଓଡ଼ଗାଁ ମଣ୍ଡଳ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରରେ ଅନୁଷ୍ଠିତ ହୋଇଥିବା ରନ୍ଧନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ଉକ୍ତ ପ୍ରତିଯୋଗିତାରେ ବାରଜଣ ପାଚିକା ଅଂଶଗ୍ରହଣ କରିଥିଲେ। ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା, ରନ୍ଧନ ପ୍ରକ୍ରିୟା ତଥା ସ୍ୱାଦ ଆଧାରରେ ସରକାରୀ ଉଚ୍ଚ ବିଦ୍ୟାଳୟ କୁରାଳର ଦୀପ୍ତିମୟୀ ସାହୁ, ସରକାରୀ ଉ.ପ୍ରା.ବିଦ୍ୟାଳୟ, କୋମଣ୍ଡର ମୀନତି ନାୟକ ଏବଂ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ମଞ୍ଜୁ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଆର୍‌ସିସି ନରେଶ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟ ତରଫରୁ ଏବିଇଓ କମଳିନୀ ବେହେରା, ବିମଳ ବାରିକ, ସ୍ୱାଗତିକା ମହାପାତ୍ର, ସସ୍ମିତା ନାୟକ, ସଞ୍ଜୟ କୁମାର ଜେନା, ଚିନ୍ମୟ ସାଥୁଆ, ନିରଞ୍ଜନ ରଥ ଯୋଗ ଦେଇଥିଲେ। ସିଆରସିସି ଉମାକାନ୍ତ ପ୍ରଧାନ ଓ ସିଆରସିସି ଯଶୋବନ୍ତ ପଟ୍ଟନାୟକ ବିଚାରକ ଭାବେ ପାଚିକାମାନଙ୍କ ରନ୍ଧା ଖାଦ୍ୟର ମାନ ପରୀକ୍ଷା କରିଥିଲେ।

## ଓଡ଼ଗାଁ ସାମ୍ବାଦିକ ସଂଘର ବନ୍ଧୁମିଳନ



**ଓଡ଼ଗାଁ,୧୦।୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ସାମ୍ବାଦିକ ସଂଘ ପକ୍ଷରୁ କୁରାଳ ନିକଟସ୍ଥ ମା' ବାଗ୍‌ଦେବୀ ପୀଠରେ ଆଜି ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଶୋକ ମହାପାତ୍ରଙ୍କ ତତ୍ତ୍ୱାବଧାନ ଏବଂ ସମ୍ପାଦକ ଗଣେଶ୍ୱର ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ ଏବଂ ସଂପାଦକ ବୈଦ୍ୟଭୂଷଣ ମହାପାତ୍ର ଯୋଗ ଦେଇଥିଲେ। ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ବିଡିଓ ଜିତେନ୍ଦ୍ର କୁମାର ନାଏକ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ଓଡ଼ଗାଁ ଏନ୍‌ଏସି ଏଜକ୍ୟୁଟିଭ ଅଫିସର ଦୁଃଶାସନ ସ୍ୱାଇଁ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଓଡ଼ଗାଁ ବ୍ଲକ ପ୍ରିଣ୍ଟ ମିଡିଆ ଭାଇମାନେ ଅନ୍ୟମାନଙ୍କଠାରୁ ନିଆରା ବୋଲି କହିବା ସହିତ ସେମାନେ ସାମ୍ବାଦିକ ନୁହେଁ କେବଳ ବନ୍ଧୁ ବୋଲି ସମ୍ବୋଧନ କରିଥିଲେ। ଗଣତନ୍ତ୍ରରେ ସାମ୍ବାଦିକମାନଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସାମ୍ବାଦିକ ସାରସ କୁମାର ମିଶ୍ର, ରାମକୃଷ୍ଣ ପରିଡ଼ା, ଫକିର ମହାରଣା, ସୁନିଲ ପଟ୍ଟନାୟକ, ନାରାୟଣ ପାଣିଗ୍ରାହୀ, ଦୀନବନ୍ଧୁ ମହାପାତ୍ର, ଜୟକୃଷ୍ଣ ସାହୁ, ରିପନ କୁମାର ପଣ୍ଡା, ବିପିନ ତ୍ରିପାଠୀ, ଗଗନ ବିହାରି ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଭାପତି ଏବଂ ତାଙ୍କ ସହଧର୍ମିଣୀ ତଥା ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ ଏବଂ ଓଡ଼ଗାଁ ସଂଘର ସଭାପତି ମିଳିତ ଭାବେ କାର୍ଯ୍ୟକ୍ରମରେ କେକ୍ କାଟି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ସମ୍ପାଦକ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

ଖଳିସାହି କ୍ରିକେଟ୍ କପ୍ ଉଦ୍‌ଘାଟିତ

## ସେମିରେ ଖୋର୍ଦ୍ଧାର ସାଇ ଇଲେଭେନ୍




**ଖଣ୍ଡପଡ଼ା,୧୦।୧(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ୟୁନାଇଟେଡ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ଭୂଷଣ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜି ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ସାଇ ଇଲେଭେନ ୭ ଉଇକେଟରେ କଟକ ରାକା କ୍ଲବକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ ଜିତି ରାକା କ୍ରିକେଟ କ୍ଲବ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ଟିମ ୧୦ ଓଭରରେ ୩ ଉଇକେଟ ହରାଇ ୧୨୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଭୁଦତ୍ତ ମହାନ୍ତି ୪ ଉଇକେଟ ନେବା ସହିତ ବ୍ୟାଟିଂରେ ୩୦ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ପରିଚାଳନା କରିଥିଲେ ରବି ନାରାୟଣ ମିଶ୍ର ଏବଂ ଦୀପକ ସାହୁ। ସ୍କୋରର ଦାୟିତ୍ୱ ତୁଲାଇଥିଲେ ଗୌରାଙ୍ଗ ଚରଣ ସେଠୀ। ଭାଷ୍ୟକାର ଭାବେ ଶ୍ରୀନିବାସ ଦଳେଇ ଓ ଦେବାଶିଷ ସାହୁ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଏନ୍‌ସିସି କଟକ ଏବଂ ଚୌଦ୍ୱାର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି।

## ସଂଗଠକ ପ୍ରଫୁଲ୍ଲ ଡାକୁଆଙ୍କୁ ଶ୍ରଦ୍ଧାଞ୍ଜଳି

**ଓଡ଼ଗାଁ,୧୦।୧(ସମିସ):** ଓଡ଼ଗାଁ ଛାମୁସାହିରେ ସ୍ୱର୍ଗତ ପ୍ରଫୁଲ କୁମାର ଡାକୁଆଙ୍କ ଏକାଦଶାହରେ ବନ୍ଧୁ, ପରିଜନ, ସାଙ୍ଗସାଥୀଙ୍କୁ ନେଇ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ତଥା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ବେଣୁଧର ଦାସଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ଝିଲି ପ୍ରଧାନ, ନୟାଗଡ଼ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଶ୍ରୀକାନ୍ତ ଖଟେଇ, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଧିବାସ ପଣ୍ଡା, ଶିକ୍ଷକ ଶରତଚନ୍ଦ୍ର ଷଡ଼ଙ୍ଗୀ, ସମାଜସେବୀ ଦିବାକର ନାୟକ, ରଞ୍ଜନ କୁମାର ଦାଶ, ଓଡ଼ଗାଁ ସାରସ୍ୱତ ସାଧକ ଗୋଷ୍ଠୀ ସମ୍ପାଦକ ଯଶୋବନ୍ତ ପଟ୍ଟନାୟକଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ୱର୍ଗତ ଡାକୁଆ ଜଣେ ଭଲ ସଂଗଠକ, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ତାଙ୍କର ଅନନ୍ୟ ଭୂମିକା, ସାହିତ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା ଭାବରେ ତାଙ୍କର ଅବଦାନକୁ ପ୍ରଶଂସା କରିବା ସହ ସମସ୍ତେ ସ୍ମୃତିଚାରଣ କରିଥିଲେ। ବରିଷ୍ଠ କବି ପ୍ରଫୁଲ୍ଲ ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପଞ୍ଚାନନ ପଣ୍ଡା, ପ୍ରଶାନ୍ତ ସାହୁ, ଜୟକୃଷ୍ଣ ପଲେଇ, ସୌଦାମିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦଶପଲ୍ଲା କପ୍ ଫୁଟ୍‌ବଲ: ସେମିରେ ମଣିପୁର



**ଦଶପଲ୍ଲା,୧୦।୧(ସମିସ):** ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୪ର୍ଥ ଦିନ ଗ୍ରୁପ ଏର ୨ୟ ଲିଗ୍ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଆଜିର ମ୍ୟାଚରେ ଇମ୍ଫାଲ ମଣିପୁର ଦଳ ଝାଡଖଣ୍ଡକୁ ୨-୧ ଗୋଲ୍‌ରେ ପରାସ୍ତ କରି ୨ୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ପ୍ରଥମ ସେମିଫାଇନାଲରେ ଆଜିର ବିଜେତା ମଣିପୁର ଦଳ ଦ୍ୱାରିକା ମିଳନ କ୍ଲବ, କୋଲକାତା ସହିତ ଖେଳିବ। ଏହି ଅବସରରେ ସ୍ଥାନୀୟ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ପାଢ଼ୀ ଓ ବରିଷ୍ଠ ଆଇନଜୀବୀ ଗୌର ଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ମ୍ୟାଚ୍ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ସାହା। ଲାଇନ୍ସରେ ଆଶୀର୍ବାଦ ସେନ, ରବୀନ୍ଦ୍ରନାଥ ନାୟକ ଓ ଫୋର୍ଥ ଅଫିସିଆଲରେ ପ୍ରସନ୍ନ କୁମାର ନାୟକ ସହଯୋଗ କରୁଥିଲେ।

# ୩ ବର୍ଷରେ ଜିଲ୍ଲାକୁ ଆସିଛନ୍ତି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

ନୟାଗଡ଼,୧୦।୧(ସମିସ)

ନୟାଗଡ଼ ଜିଲ୍ଲା ଜଙ୍ଗଲ ଓ ପାହାଡ଼ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ପର୍ଯ୍ୟଟନ ଓ ବଣଭୋଜି ପାଇଁ ଅନେକ ସ୍ଥାନ ରହିଥିବା ଯୋଗୁଁ ପ୍ରତ୍ୟେକ ବର୍ଷ ଏଠାକୁ ଲକ୍ଷାଧିକ ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ପର୍ଯ୍ୟଟନସ୍ଥଳୀ ଉନ୍ନତି ତଥା ଏହାର ଭିତ୍ତିଭୂମି ସଜାଡ଼ିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଜଣେ ହେଲେ ବି ବିଦେଶୀ ପର୍ଯ୍ୟଟକ ଆସୁନାହାନ୍ତି। କେବଳ ସେତିକି ନୁହେଁ ଗତ ତିନିବର୍ଷ ମଧ୍ୟରେ ଜିଲ୍ଲାରେ ଗୋଟିଏ ହେଲେ ବି ନୂଆ ହୋଟେଲ ଖୋଲି ନାହିଁ। ଫଳରେ କେବଳ ବିଦେଶୀ ନୁହନ୍ତି ରାଜ୍ୟସ୍ତରରୁ ଦୂରଦୂରାନ୍ତର ପର୍ଯ୍ୟଟକମାନେ ମଧ୍ୟ ଏଠାକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି।

ରାଜ୍ୟ ପର୍ଯ୍ୟଟନ ବିଭାଗର ତଥ୍ୟ ଅନୁସାରେ, ଜିଲ୍ଲାର ୧୪ଟି ସ୍ଥାନକୁ ପର୍ଯ୍ୟଟକମାନେ ବୁଲିବା ପାଇଁ ଆସୁଛନ୍ତି। ସେଥିମଧ୍ୟରୁ ହାତ ଗଣତି କେତୋଟି ସ୍ଥାନକୁ ଉଦାହରଣ ଭାବେ ନେଲେ ସେଠାକୁ ପର୍ଯ୍ୟଟକମାନେ ଆସିବା ପାଇଁ ପସନ୍ଦ କରୁଥିବା ଜଣାପଡୁଛି। କଣ୍ଟିଲୋ ନୀଳମାଧବ ପୀଠ ଓ ଏହାର ଆଖପାଖ ଅଞ୍ଚଳର ପରିଦର୍ଶନ କରିବା ପାଇଁ ୨୦୨୧ରେ ୯୦,୫୬୮ ଜଣ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୨ରେ ୧,୬୨,୬୪୯ ଜଣ ଓ ୨୦୨୩ରେ ୧,୯୪,୦୯୬ ଜଣ ପର୍ଯ୍ୟଟକ ଆସିଛନ୍ତି। ସେହିଭଳି ଓଡ଼ଗାଁ ଅଞ୍ଚଳର ପର୍ଯ୍ୟଟନ ସ୍ଥଳ ବୁଢ଼ାବୁଢ଼ିଆଣୀ ଡ୍ୟାମ୍, ରଘୁନାଥଜୀଉ ମନ୍ଦିର ଓ ବରକନ୍ୟା ସହ ଅନ୍ୟାନ୍ୟ ସ୍ଥାନ ପରିଭ୍ରମଣ କରିବା ପାଇଁ ୨୦୨୧ରେ ୯୪,୭୬୭ ଜଣ, ୨୦୨୨ରେ ୧,୦୫,୯୨୯ ଜଣ ଓ ୨୦୨୩ରେ ୧,୩୬,୨୧୯ ଜଣ ପର୍ଯ୍ୟଟକ ଆସିଛନ୍ତି। ଶରଣକୁଳ ଲଡୁବାବା ମନ୍ଦିର ସହ ଅନ୍ୟାନ୍ୟ ସ୍ଥାନ ବୁଲିବା ପାଇଁ ୨୦୨୧ରେ ୯୫,୫୫୦ ଜଣ, ୨୦୨୨ରେ ୧,୬୨,୦୩୬ ଓ ୨୦୨୩ରେ ୧,୯୫,୦୮୫ ଜଣ ପର୍ଯ୍ୟଟକ ଆସିଛନ୍ତି। ଖଣ୍ଡପଡ଼ା ବ୍ଲକ ସିଧାମୂଳାରେ ଥିବା ଗୋକୁଳନାଥ ପୀଠକୁ ୨୦୨୧ରେ ୪୨,୨୩୬ଜଣ, ୨୦୨୨ରେ ୫୯,୭୧୯ଜଣ ଓ ୨୦୨୩ରେ ୭୫,୦୫୮ଜଣ ପର୍ଯ୍ୟଟକ ଆସିଛନ୍ତି। ସେହିପରି ଯୋଗିଯୋଗିଆଣୀ ପୀଠରେ ୨୦୨୧ରେ ୨୫, ୧୮୩ ଜଣ, ୨୦୨୨ରେ ୫୦,୧୨୨ ଜଣ ଓ ୨୦୨୩ରେ ୬୮,୫୭୮ ଜଣ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି। ତେବେ ଗତ ୩ ବର୍ଷରେ ସର୍ବମୋଟ ୧୫ ଲକ୍ଷ ୫୭ ହଜାର ୭୯୫ ଜଣ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି। ଏହାକୁ ବାଦ୍ ଦେଲେ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ସେହି ଅନୁପାତରେ ପର୍ଯ୍ୟଟକଙ୍କ ସଂଖ୍ୟା ବେଶ୍ ବୃଦ୍ଧି ଘଟିଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି। ଏ ସମସ୍ତ ପର୍ଯ୍ୟଟନସ୍ଥଳର ବିକାଶ ତଥା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ବେଳେ କେବଳ ନୟାଗଡ଼ର ବଳାଙ୍ଗୀ ପାର୍କର ବିକାଶ ପାଇଁ କିଛିଟା ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳୁଛି।

## ଲୁହା ପାଇପ୍ ଚୋରି ଘଟଣାରେ ଅଭିଯୁକ୍ତ ଗିରଫ



ଜଟଣୀ, ୧୦।୧(ସମିସ): ଜଟଣୀ ଥାନା ଅନ୍ତର୍ଗତ ବାଲିଛକ ମୁଣ୍ଡିଆ ସାହିରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଲା ଭାଙ୍ଗି ଲୁହା ପାଇପ୍ ଚୋରି ଘଟଣାରେ ଆଜି ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା, ମୁଣ୍ଡିଆ ସାହିର ଜିତୁ ଦାସ (୨୪)। ତା' ନିକଟରୁ ଲୁହା ପାଇପ୍ ଓ ନଗଦ ୪ଶହ ଟଙ୍କା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଗତକାଲି ଅଭିଯୋଗକାରୀ ଜଗନ୍ନାଥ ମହାକୁଡ଼ଙ୍କ ମୁଣ୍ଡିଆ ସାହିସ୍ଥିତ ଘର ତାଲା ଭାଙ୍ଗି ଅଭିଯୁକ୍ତ ୨୦ କିଲୋ ଓଜନର ଲୁହା ପାଇପ୍ ଚୋରି କରି ନେଇଥିଲା। ପରେ ଅଭିଯୁକ୍ତ ଚୋରି ପାଇପ୍‌କୁ ଏକ କବାଡ଼ିଆ ଦୋକାନରେ ବିକ୍ରି କରୁଥିବା ବେଳେ ପୁଲିସ ଖବର ପାଇ ସେଠାରେ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ଚୋରି ପାଇପ୍ ସହ ବିକ୍ରିରୁ ମିଳିଥିବା ୪ଶହ ଟଙ୍କା ଜବତ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଜଟଣୀ ଜଗନ୍ନାଥପୁରରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ୫ ବଖରା ଚାଳଘର

ଜଟଣୀ, ୧୦।୧(ସମିସ):



ଜଟଣୀ ପାତ୍ରପଡ଼ାସ୍ଥିତ ଜଗନ୍ନାଥପୁରରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟି ୫ ବଖରା ଚାଳଘର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ବେଳେ ଧାନ ବସ୍ତା, ଆସବାବପତ୍ର ଓ ଟଙ୍କା ପଇସା ନଷ୍ଟ ହୋଇଯାଇଛି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ।

ଘଟଣାନୁଯାୟୀ, ଆଜି ଦିନ ପ୍ରାୟ ୧ଟା ସମୟରେ ଜଗନ୍ନାଥପୁର ଗ୍ରାମବାସୀ ଓ ଗ୍ରାମର ରାମଚନ୍ଦ୍ର ସାହୁଙ୍କ ପରିବାର ଲୋକ ମେଣ୍ଢା ଲଢ଼େଇ ଦେଖିବାକୁ ଯାଇଥିଲେ। ଘରେ କେହି ଲୋକ ନଥିଲେ। ଏହି ସମୟରେ ହଠାତ୍ ରାମଚନ୍ଦ୍ରଙ୍କ ଘରେ ନିଆଁ ଲାଗିଯାଇଥିଲା। ପାଖ ଘର ଲୋକ ଚିତ୍କାର କରିଥିଲେ ମଧ୍ୟ ଗ୍ରାମରେ କିମ୍ବା ପରିବାରରେ ପୁରୁଷ ଲୋକ କେହି ନଥିବାରୁ ନିଆଁ ଲିଭାଇବାକୁ ଉଦ୍ୟମ କରିପାରି ନଥିଲେ। ଦେଖୁ ଦେଖୁ ଅନ୍ୟ ବଖରାକୁ ନିଆଁ ବ୍ୟାପିଯାଇ ହୁ ହୁ ହୋଇ ଜଳି ଉଠିଥିଲା। ଆଖପାଖ ଅଞ୍ଚଳର କିଛି ଲୋକ ରୁଣ୍ଡ ହୋଇଥିଲେ ମଧ୍ୟ ନିଆଁର ପ୍ରକୋପ ଏତେ ଜୋର୍‌ରେ ଥିଲା ଯେ ପାଖକୁ ଯିବା ସମ୍ଭବ ହୋଇ ନଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡରେ ୪୦ରୁ ଅଧିକ ବସ୍ତା ଧାନ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଜରୁରୀ କାଗଜପତ୍ର, ଟଙ୍କା ପଇସା ଆଦି ପୋଡ଼ି ଯାଇଛି। ରାମଚନ୍ଦ୍ରଙ୍କ ପରିବାର ଏବେ ବେସାହାରା ହୋଇଯାଇଛନ୍ତି। ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

**● ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ**

## ଗାଡ଼ି ଭଙ୍ଗାରୁଜା; ୨ ଆହତ

ନିରାକାରପୁର, ୧୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଛଣଗିରି ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଶୁକ୍ରବାର ମାଡ଼ପିଟ୍ ହେବା ଯୋଗୁଁ ଉଭୟ ପକ୍ଷର ଦୁଇ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟା ସମୟରେ ଛଣଗିରି ରମାବିଲି ନିକଟରେ ଦୁଇଜଣ ଯୁବକଙ୍କ ସହିତ ଛଣଗିରି ପଟୁ ଭୁବନେଶ୍ୱର ଯାଉଥିବା କିଛି ଯୁବକଙ୍କ କୌଣସି କାରଣକୁ ନେଇ ମାଡ଼ପିଟ ହୋଇଥିଲା। ଏଥିରେ ଭୁବନେଶ୍ୱର ଯାଉଥିବା ଗାଡ଼ିର ଜଣେ ଯୁବକଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ସେହିପରି ଜଙ୍କିଆ ଅଞ୍ଚଳର ଜଣେ ଯୁବକଙ୍କ ମୁଣ୍ଡରେ ମଧ୍ୟ ଆଘାତ ଲାଗି ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେହିପରି ଉକ୍ତ ଗାଡ଼ିର ବି କାଚ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ତେବେ ଖବର ଲେଖା ହେବା ସୁଦ୍ଧା ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଜଟିଆଣୀ ପୀଠରେ ମେଣ୍ଢା ଲଢ଼େଇ ପ୍ରତିଯୋଗିତା



ଜଟଣୀ, ୧୦।୧(ସମିସ): ଜଟଣୀର ପ୍ରସିଦ୍ଧ ମା' ଜଟିଆଣୀ ଦେବୀଙ୍କ ପୀଠରେ ୪୯ତମ ଶାମ୍ବ ଦଶମୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଜେଡି ନେତା ମନ୍ମଥ ରାଉତରାୟ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କଂଗ୍ରେସ ନେତା ଅଶୋକ ମଙ୍ଗରାଜ, ପଦ୍ମଚରଣ ପ୍ରଧାନ, ସୁରଜ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷ ଦିନରେ ପାରମ୍ପରିକ ମେଣ୍ଢା ଲଢ଼େଇ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଆଖପାଖ ଗାଁଗୁଡିକର ୧୨୦ଟି ମେଣ୍ଢା ସାମିଲ ହୋଇଥିଲେ। ମୋଟ ୬୦ଟି ମ୍ୟାଚ୍ କରାଯାଇଥିଲା। ପୁରୀ ଜିଲ୍ଲା ଖଣ୍ଡିଆବନ୍ଧର ହରିହର ପ୍ରଧାନଙ୍କ ମେଣ୍ଢା ବିଜେତା ହୋଇଥିଲା ବେଳେ ରାଜକିଶୋର ରାଉତଙ୍କ ମେଣ୍ଢା ଦ୍ୱିତୀୟ ସ୍ଥାନରେ ରହିଥିଲା। ବ୍ରହ୍ମଗିରିର କମୀନା ସାହୁଙ୍କ ମେଣ୍ଢା ତୃତୀୟ ସ୍ଥାନରେ ରହିଥିଲା। ତେବେ ଲଢ଼େଇ ବେଳେ ଏକ ମେଣ୍ଢାର ମୃତ୍ୟୁ ଘଟିଥିଲା।

## ଗଡ଼ଦ୍ୱାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମରାମତି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବୋଲଗଡ଼, ୧୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ପଞ୍ଚାୟତ ସମ୍ମୁଖସ୍ଥିତ ଗଡ଼ଦ୍ୱାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମରାମତି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅତିଥି ଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି



ଶୁଭେନ୍ଦୁ ସାହୁ, ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ସମିତି ସଭ୍ୟ ବିନୋଦିନୀ ଦତ୍ତ, ପୂର୍ବତନ ସରପଞ୍ଚ ସୁବାସ ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରକଳ୍ପ ମରାମତି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳସେଚନ ବିଭାଗର ଖୋର୍ଦ୍ଧା ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ଧଳ, ସହକାରୀ ନିର୍ବାହୀ ଯନ୍ତ୍ରୀ କମ୍ପାନୀ ବେହେରା, କନିଷ୍ଠ ଯନ୍ତ୍ରୀ ସୁଶ୍ରୀ ସୌମ୍ୟା ନାୟକ ପ୍ରମୁଖଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପର ମରାମତି କାର୍ଯ୍ୟ ପାଇଁ ମୋଟ ୨୦ ଲକ୍ଷ ୫୪ ହଜାର ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ମିଳିଛି।

## ମା' ଭଗବତୀଙ୍କୁ ଦର୍ଶନ କଲେ ହାଇକୋର୍ଟର ମୁଖ୍ୟ ବିଚାରପତି

ବାଣପୁର, ୧୦।୧(ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ବାଣପୁର ଗସ୍ତରେ ଆସି ମା' ଭଗବତୀଙ୍କ ମନ୍ଦିର ପରିଦର୍ଶନ କରିଛନ୍ତି। ଆଜି ଅପରାହ୍ନରେ ସେ ସପରିବାର ମନ୍ଦିରରେ ପହଞ୍ଚି ମା' ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଗସ୍ତ ସମୟରେ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି (ଜେଏମ୍‌ଏଫ୍‌ସି) ସ୍ନାତକୀ ଦାଶ ଓ ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନାଙ୍କ ସମେତ ବାଣପୁର ଓକିଲ ସଂଘର ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଓକିଲ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମନ୍ଦିରରେ କିଛି ସମୟ ଅତିବାହିତ କରିବା ସହ ମା'ଙ୍କ ବିଭିନ୍ନ ନୀତିକାନ୍ତି ସମ୍ପର୍କରେ ସେବାୟତ ମାନଙ୍କଠାରୁ ସେ ପଚାରି ବୁଝିଥିଲେ।



## ଶିଳ୍ପାଞ୍ଚଳ ପୁଲିସର ସଡ଼କ ସୁରକ୍ଷା ସଚେତନତା



ଖୋର୍ଦ୍ଧା, ୧୦।୧(ସମିସ): ଶିଳ୍ପାଞ୍ଚଳ ପୁଲିସ ପକ୍ଷରୁ ଆଜି ସଡ଼କ ସୁରକ୍ଷା ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏସଡିପିଓ ଅନୀଲ ମହାନ୍ତି, ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ରାଇଟ କଲେଜ ଛାତ୍ରମାନେ ପ୍ଲାକାର୍ଡ ଧରି ମୁକୁନ୍ଦପ୍ରସାଦ ୱାଇ ଛକଠାରୁ ବାଇପାସ ଓଭରବ୍ରିଜ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ପରେ ସଡ଼କ ସୁରକ୍ଷା ଉପରେ ସମସ୍ତଙ୍କୁ ବୁଝାଇବା ସହ ଚକୋଲେଟ ଓ ଗୋଲାପ ଫୁଲ ଦେଇଥିଲେ। ସେଠାରେ ଏସ୍‌ପି ସାଗରିକା ନାଥ ପହଞ୍ଚି ସଡ଼କ ସୁରକ୍ଷାର ସଚେତନତା ବାର୍ତ୍ତା ଦେଇଥିଲେ। ଏଥିସହିତ ହେଲମେଟ୍ ନପିନ୍ଧି ଗାଡି ଚଳାଉଥିବା ଚାଳକଙ୍କୁ ନିଜେ ଏସ୍‌ପି ହେଲମେଟ ପିନ୍ଧାଇଥିଲେ। ପରେ ଏସ୍‌ଡିପିଓ ମହାନ୍ତି, ଥାନା ଅଧିକାରୀ ଶ୍ରୀମତୀ ମିଶ୍ର, ଏସଆଇ ବାସୁଦେବ ଜୟସିଂ, ସସ୍ମିତା ବେହେରା ପ୍ରମୁଖ ୨୦ ଜଣ ଚାଳକଙ୍କୁ ହେଲମେଟ ପିନ୍ଧାଇ ସଚେତନ କରିଥିଲେ।

**● ୧୨ତମ ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

## ଭୁବନେଶ୍ୱରର ବଜରଙ୍ଗୀ କ୍ଲବ୍ ବିଜୟୀ



ନିରାକାରପୁର, ୧୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା' ଭଗବତୀ ଫୁଟ୍‌ବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୨ତମ ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସର ଦ୍ୱିତୀୟ ଲିଗ ମ୍ୟାଚ୍‌ରେ ଭୁବନେଶ୍ୱର ଘାଟିକିଆ ବଜରଙ୍ଗୀ କ୍ଲବ ଓ ରକି ସ୍ପୋର୍ଟସ କ୍ଲବ, ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଜରଙ୍ଗୀ କ୍ଲବ ୩-୧ ଗୋଲରେ ବିଜୟ ଲାଭ କରିଛି। ଆଜିର ମ୍ୟାଚ୍‌କୁ ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ, ଚିତ୍ତରଞ୍ଜନ ପରିଡ଼ା, ଶରତ କୁମାର ଛୋଟରାୟ, ଫକୀର ଚରଣ ନିଶଙ୍କ ପରିଚାଳନା କରିଥିଲେ। ଏହି ଅବସରରେ ସମାଜସେବୀ ୟାସିରି ନବାଜ, ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ଅବସରପ୍ରାପ୍ତ ଡେପୁଟି ରେଞ୍ଜର ଅଜୟ କୁମାର ହରିଚନ୍ଦନ, ଏସବିଆଇ ମ୍ୟାନେଜର ପ୍ରଫୁଲ୍ଲ କୁମାର ଶିଅଳ, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, ଉପଦେଷ୍ଟା ନୀଳ ଲୋହିତ ମହାନ୍ତି, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତପାବନ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଉପଦେଷ୍ଟା ଶେଖ୍ ଗୋଲାମ ରସୁଲ, ଚନ୍ଦନ ମିଶ୍ର, ରମାକାନ୍ତ ପଟ୍ଟନାୟକ, କେଳୁ ଚରଣ ସେଠୀ, ନୃସିଂହ ଚରଣ ମହାନ୍ତି, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ମହିମା ସେବା ଫାଉଣ୍ଡେସନ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ବେଗୁନିଆ, ୧୦।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ମହିମା ସେବା ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକଙ୍କ ଅଧ୍ୟକ୍ଷତା ଓ ସାମ୍ବାଦିକ ରିନା ମହାନ୍ତିଙ୍କ ସଂଯୋଜନାରେ କଣ୍ଟାମଳିମ ମହିମା ସେବାଶ୍ରମର ସାଧୁ ଜୟରାମ ଦାସ ମୁଖ୍ୟ ଅତିଥି, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ମୁଖ୍ୟବକ୍ତା, ସରପଞ୍ଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା, ସମାଜସେବୀ ବାଉରୀ ଶ୍ରୀଚନ୍ଦନ, ବରିଷ୍ଠ ନାଗରିକ ମନମୋହନ ଲେଙ୍କା, ମହିମା ସେବା ଫାଉଣ୍ଡେସନ ଅଧ୍ୟକ୍ଷ ନାରାୟଣ ଖୁଣ୍ଟିଆ, ଉପଦେଷ୍ଟା ପଦ୍ମ ଚରଣ ବେହେରା, ଗାୟତ୍ରୀ ସାମନ୍ତ ଓ ହୃଦାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ସେବା କାର୍ଯ୍ୟ କରିବା ପାଇଁ ଯୁବପିଢ଼ି ଆଗେଇ ଆସିବା ଉଚିତ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପରେ ଗ୍ରାମର ଅସହାୟ ବୃଦ୍ଧ ଓ ବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସମାଜସେବୀ ଯୋଗେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗିନି କପ୍: ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ବିଜୟୀ

ଖୋର୍ଦ୍ଧା, ୧୦।୧(ସମିସ): ସ୍ଥାନିୟ ଷ୍ଟାଡିୟମରେ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ଚାଲିଥିବା ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍‌ର ଦ୍ୱିତୀୟ ସଂସ୍କରଣ ଆଜିର ମ୍ୟାଚ୍‌ରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ ୧୦ ୱିକେଟ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା କ୍ରିକେଟ କ୍ଲବ କୌଣସି ୱିକେଟ୍ ନ ହରାଇ ମାତ୍ର ୬.୩ ଓଭରରେ ଆବଶ୍ୟକ ରନ କରି ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜ୍ୟୋତି ରଞ୍ଜନ ବେହେରା ୨୧ ବଲ୍‌ରେ ୫୦ ରନ୍ ଓ ଶୁଭମ୍ ଶେଖର ମହାନ୍ତି ୧୮ ବଲ୍‌ରେ ୩୬ ରନ୍ ସଂଗ୍ରହ କରିଥିଲେ। ଖୋର୍ଦ୍ଧା କ୍ରିକେଟ କ୍ଲବର ଶୁଭମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ଅବସରରେ ଡଃ. ସୁସିମ ଦାଶ, ଆୟୋଜକ ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ରବି



ନାରାୟଣ ରାଉତରାୟ, ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆଜିର ମ୍ୟାଚ୍‌କୁ ଓମ୍ପାୟାର ଭାବେ ପ୍ରୀତିରଞ୍ଜନ ବିଜୟସିଂହ ଏବଂ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିଲେ। ଜନ୍ମେଜୟ, ରବି ନାରାୟଣ ପରିଡ଼ା ଏବଂ ହରିହର ଖାଡେଙ୍ଗା ସ୍କୋର ବୋର୍ଡ ପରିଚାଳନା କରିଥିଲେ।

## ମକର ମହୋତ୍ସବ ପ୍ରସ୍ତୁତି ବୈଠକ

ବେଗୁନିଆ, ୧୦।୧(ସମିସ): ଚଳିତ ମାସ ୧୪ ତାରିଖରୁ ୧୮ ତାରିଖ ମଧ୍ୟରେ ମକର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ପୁଲିସ ପକ୍ଷରୁ ବାଘମାରୀ ଥାନା ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଖୋର୍ଦ୍ଧା ସଦର ରେଞ୍ଜ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅନିଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତା ଓ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସଂଯୋଜନାରେ ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ମନ୍ଦିର ଟ୍ରଷ୍ଟ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ମହାପାତ୍ର, ଅତ୍ରୀ ଗ୍ରାମ୍ୟକମିଟି ସଭାପତି ସତ୍ୟ ନାରାୟଣ ରାୟ, ସମ୍ପାଦକ ଭାଗିରଥି ଚମ୍ପତି ଓ ସମାଜସେବୀ ପ୍ରେମାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଆସନ୍ତା ୧୪ରୁ ୧୮ ତାରିଖ ମକର ସଂକ୍ରାନ୍ତି ଓ ମହୋତ୍ସବ ଦିନ ୱାନ ୱେ ଟ୍ରାଫିକ, ଅତ୍ରୀ ଉଷ୍ମ ପ୍ରସ୍ରବଣ ପରିସରରେ ମୋଟର ଗାଡି ଷ୍ଟାଣ୍ଡ, ଗହଳି ରୋକିବା ପାଇଁ ତାରିଣୀ ଛକ ନିକଟରେ ପୁଲିସ ଫୋର୍ସ ମୁତୟନ ଓ ସାଇକେଲ ଷ୍ଟାଣ୍ଡ ନିୟନ୍ତ୍ରଣ, ରାସ୍ତାଠାରୁ ୮ ଫୁଟ ଛାଡ଼ି ଷ୍ଟଲ ନିର୍ମାଣ, ମେଳାକୁ ଆସିଥିବା ବ୍ୟବସାୟୀ ମାନେ ସୁବ୍ୟବସ୍ଥିତ ଭାବରେ ଆବଶ୍ୟକୀୟ ମାଲ ପରିବହନ, ମନ୍ଦିର ଦର୍ଶନାର୍ଥୀଙ୍କ ପାଇଁ ବ୍ୟାରିକେଡ ବ୍ୟବସ୍ଥା ଓ ପୁଲିସ ରହଣି ବ୍ୟବସ୍ଥା ସମେତ ବିଭିନ୍ନ ସମସ୍ୟାକୁ ସୁଧାର ଆଣିବା ପାଇଁ ଆଲୋଚନା କରିଥିଲେ।

**ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ**

# ଫାଇନାଲରେ ଛତିଶଗଡ଼ର ରଙ୍ଗବାଜ୍ କ୍ଲବ୍

ଟାଙ୍ଗୀ, ୧୦।୧(ସମିସ):



ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଆଜି ପଞ୍ଚମ ଦିନ ଖେଳରେ ଆକ୍ରା ଫୁଟ୍‌ବଲ ଏକାଡେମୀ ରାଞ୍ଚୀ ଝାଡଖଣ୍ଡକୁ ୨-୦ ଗୋଲ୍‌ରେ ହରାଇ ରଙ୍ଗବାଜ ଫୁଟ୍‌ବଲ କ୍ଲବ୍ ଜଗଦଲପୁର, ଛତିଶଗଡ଼ ଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳର ୧୮ ମିନିଟ ସମୟରେ ଛତିଶଗଡ଼ ଦଳର ୮ ନମ୍ବର ଖେଳାଳି ପାଟୋ ଗୋଟିଏ ଗୋଲ ଦେଇ ନିଜ ଦଳକୁ ଆଗୁଆ ରଖିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୪୬ ମିନିଟ ସମୟରେ ଛତିଶଗଡ଼ ଦଳର ୧୦ ନମ୍ବର ଖେଳାଳି ରୋହନ ଗୋଟିଏ ଗୋଲ ସ୍କୋର କରି ଦଳକୁ ୨-୦ ଗୋଲରେ ବିଜୟୀ କରାଇ ଥିଲେ। ଖେଳ ପରିଚାଳନା କରିଥିଲେ ରେଫରୀ ଜିତୁ ପାତ୍ର। ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ପ୍ରିୟବ୍ରତ ବାହିନୀପତି, ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଚତୁର୍ଥ ରେଫରୀ ନନ୍ଦକିଶୋର ସ୍ୱାଇଁ।

ଏହି ଅବସରରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ସତ୍ୟରଞ୍ଜନ ନନ୍ଦ, ବରିଷ୍ଠ ଡାକ୍ତର ମଧୁସୂଦନ ସେନାପତି, ରତନପୁର ସରପଞ୍ଚ ଗୁରୁଦେବ ବେହେରା, କ୍ରୀଡାବିତ୍ ହାକିମ ମିରା, କୁହୁଡିର ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ସମାଜସେବୀ ସୁଧାଂଶୁ ରଣସିଂହ, ସରପଞ୍ଚ କିଶୋର କୁମାର ବେହେରା, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମାଜସେବୀ ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ବାଳକୃଷ୍ଣ ମିଶ୍ର, ମନୋଜ କୁମାର ମାଝୀ, ପ୍ରଣୟ ପ୍ରତୀକ ପଟ୍ଟନାୟକ, ସମର ମାଝୀ, କୃଷ୍ଣଚନ୍ଦ୍ର ରାଉତ, ପ୍ରଣୟ ପାଇକରାୟ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୦୫ ● ପାଉଣ୍ଡ ୧୦୬.୨୬
- ୟୁରୋ ୮୮.୭୮ ● ୟେନ୍ ୦.୫୪

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୨,୭୮୦ (ନୂଆଦିଲ୍ଲୀ)
- ରୁପା : ୯୫,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୭,୩୭୮.୦୦
- ନିଫ୍ଟି ୨୩,୪୪୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



କ୍ରିଫ୍ ହାଇମାର୍କ ରିପୋର୍ଟ | ଡୁବିଯିବେ ମାଇକ୍ରୋଫାଇନାନ୍ସ କମ୍ପାନୀ

# ଋଣ ଶୁଝିପାରିବେନି ୫୦ ଲକ୍ଷ ଲୋକ

ନୂଆଦିଲ୍ଲୀ,୧୦।୧(ଏଜେନ୍ସି)



ବିପଦରେ ଦେଶର ମାଇକ୍ରୋ ଫାଇନାନ୍ସ କମ୍ପାନୀ। ଦେଶର ଦୁର୍ବଳ ବର୍ଗକୁ ଋଣ ପ୍ରଦାନ କରୁଥିବା ଏହି କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ଉପରେ ବୋଝ ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହି ସଂସ୍ଥାଗୁଡ଼ିକରୁ ଋଣ ନେଇଥିବା ଏମିତି ୫୦ ଲକ୍ଷ ଲୋକ ରହିଛନ୍ତି, ଯେଉଁମାନେ ଆଉ ଋଣ ପରିଶୋଧ କରିପାରିବେନାହିଁ। କାରଣ ଏହି ୫୦ ଲକ୍ଷ ଲୋକ ୪ରୁ ଅଧିକ ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ଋଣ ନେଇଛନ୍ତି। ଆହୁରିମଧ୍ୟ ଏଥିରେ ଦେଢ଼ ଲକ୍ଷ ଲୋକ ରହିଛନ୍ତି ଯେଉଁମାନେ କି ୩ରୁ ଅଧିକ ସଂସ୍ଥାରୁ ଋଣ କରିଛନ୍ତି। କ୍ରେଡିଟ୍ ବ୍ୟୁରୋ କ୍ରିଫ୍ ହାଇ ମାର୍କ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ଦେଶରେ ଅନେକ ଲୋକ ଅଛନ୍ତି ଯେଉଁମାନେ ତିନୋଟିରୁ ଅଧିକ ଫାଇନାନ୍ସ କମ୍ପାନୀରୁ ଋଣ ନେଇଛନ୍ତି ଏବଂ ସେଗୁଡ଼ିକୁ ପରିଶୋଧ କରିପାରୁନାହାଁନ୍ତି। ଏହି କାରଣରୁ, ଏହି କମ୍ପାନୀଗୁଡ଼ିକ ଉପରେ ଚାପ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ନଭେମ୍ବର ମାସରେ, ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ୬% ଅର୍ଥାତ୍ ପ୍ରାୟ ୫୦ ଲକ୍ଷ, ଚାରି କିମ୍ବା ତତୋଧିକ କମ୍ପାନୀଠାରୁ ଋଣ ନେଇଛନ୍ତି ଏବଂ ସେମାନେ ଏହି ଋଣ ପରିଶୋଧ କରିବାକୁ ସକ୍ଷମ ନୁହଁନ୍ତି। କ୍ରିଫ୍ ହାଇ ମାର୍କର ରିପୋର୍ଟ ଅନୁଯାୟୀ, ଦେଶର ମାଇକ୍ରୋଫାଇନାନ୍ସ କମ୍ପାନୀଗୁଡ଼ିକ ଉପରେ ଋଣ ବୋଝ ବହୁତ ଅଧିକ ହୋଇଯାଇଛି। ୨୦୨୪ ନଭେମ୍ବର ସୁଦ୍ଧା ଦେଶରେ ପ୍ରାୟ ୫୦ ଲକ୍ଷ ଲୋକ ଏକ ସମୟରେ ଚାରି କିମ୍ବା ତା'ଠାରୁ ଅଧିକ ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ଋଣ ନେଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏପରି ଯେଉଁମାନେ ଏବେ ବି ଋଣ ପରିଶୋଧ କରିବାର ସ୍ଥିତିରେ ଅଛନ୍ତି।

- ଏକାଥରକେ ୪ରୁ ଅଧିକ କମ୍ପାନୀରୁ ନେଇଛନ୍ତି ଋଣ
- ଦେଢ଼ ଲକ୍ଷ ଲୋକ ୩ରୁ ଅଧିକ ସଂସ୍ଥାରୁ କରିଛନ୍ତି ଋଣ
- ପରିଶୋଧ କରିବାରେ ଅକ୍ଷମ, ବଢୁଛି ଏନ୍‌ପିଏ ହେବାର ଆଶଙ୍କା

ଶେଷରେ ସେମାନେ ଋଣଖିଲାପକାରୀ ହୋଇଯାଇଛନ୍ତି। ଏହାର ସିଧାସଳଖ ପ୍ରଭାବ ଏହି ବ୍ୟାଙ୍କଗୁଡ଼ିକ ଉପରେ ଦେଖିବାକୁ ମିଳିପାରେ ଏବଂ ଏହା ଆଗାମୀ ସମୟରେ ସେମାନଙ୍କୁ ଅସୁବିଧାରେ ମଧ୍ୟ ପକାଇପାରେ। ଏ ପର୍ଯ୍ୟନ୍ତ ପ୍ରାୟ ୮.୫ କୋଟି ଲୋକ ଏହି ସଂସ୍ଥାଗୁଡ଼ିକ ମାଧ୍ୟମରେ ଋଣ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ପ୍ରତିଶତ ଅର୍ଥାତ୍ ଏହି ୫୦ ଲକ୍ଷ ଲୋକ ଋଣ ଖିଲାପୀ ହୋଇଯାଇଛନ୍ତି। ଏହା ଏକ ବଡ଼ ବିପଦକୁ ଆମନ୍ତ୍ରଣ କରୁଛି। କାରଣ ଯଦି ଏହି ଛୋଟ ଛୋଟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଭୁଷୁଡ଼ି ପଡ଼େ, ତେବେ ଏହାର ପ୍ରଭାବ ସମଗ୍ର ଆର୍ଥିକ ବ୍ୟବସ୍ଥା ଉପରେ ଅନୁଭୂତ ହେବ।

ଅନଲାଇନ୍ ଗେମିଂ କମ୍ପାନୀଙ୍କୁ ୧.୧୨ ଲକ୍ଷ କୋଟିର ଜିଏସ୍‌ଟି ନୋଟିସ୍

## ରୋକ୍ ଲଗାଇଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୧୦।୧(ଏଜେନ୍ସି):** ସୁପ୍ରିମକୋର୍ଟ ଶୁକ୍ରବାର ଅନ୍‌ଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଉପରେ ଜିଏସ୍‌ଟି ପାଇଁ ଜାରି କରାଯାଇଥିବା ୧.୧୨ ଲକ୍ଷ କୋଟି ଟଙ୍କାର କାରଣ ଦର୍ଶାଅ ନୋଟିସ୍‌କୁ ସ୍ଥଗିତ ରଖିଛନ୍ତି। ଏହି ମାମଲାରେ କୌଣସି ନିର୍ଦ୍ଦିଷ୍ଟ ସମାଧାନ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଜିଏସ୍‌ଟି ନୋଟିସ୍ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖାଯିବ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨-୨୩ ଆର୍ଥିକବର୍ଷ ଏବଂ ୨୦୨୩-୨୪ ଆର୍ଥିକବର୍ଷର ପ୍ରଥମ ୭ ମାସକୁ ନେଇ ଏହି ମାମଲା ହୋଇଛି। ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ କହିଛନ୍ତି ଯେ ୨୦୨୩ ଅକ୍ଟୋବର ପହିଲା ପର୍ଯ୍ୟନ୍ତ ୨୮% ପରିବର୍ତ୍ତେ ୧୮% ହାରରେ ଜିଏସ୍‌ଟି ଲାଗୁ କରାଯିବା ଉଚିତ୍। କାରଣ ୨୮% ହାରରେ ଟିକସ ନିୟମ ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହେବାର ଥିଲା। ହେଲେ ସରକାର କହିଛନ୍ତି ଯେ ଅକ୍ଟୋବର ପହିଲାରେ କରାଯାଇଥିବା ସଂଶୋଧନ ପୂର୍ବରୁ ବଳବତ୍ତର ଆଇନର ସ୍ପଷ୍ଟୀକରଣ ଥିଲା। ଏଥିରେ ଗେମିଂ କମ୍ପାନୀଗୁଡ଼ିକ ସହ ଜଡିତ ମାମଲାଗୁଡ଼ିକୁ ଏକାଠି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକୃତରେ, ଦେଶର ବିଭିନ୍ନ ହାଇକୋର୍ଟରେ ଏହି ମାମଲାରେ ଅନେକ ଆବେଦନ ଦାଖଲ ହୋଇଥିଲା। କୋର୍ଟ ଏହି ସମସ୍ତ ମାମଲାକୁ ନିଜ କୋର୍ଟକୁ ସ୍ଥାନାନ୍ତର କରିଛନ୍ତି ଏବଂ ଯାହା ନିଷ୍ପତ୍ତି ନିଆଯିବ ତାହା ସମସ୍ତଙ୍କ ପାଇଁ ହେବ। ଏବେ ଏହି ମାମଲାଗୁଡ଼ିକର ପରବର୍ତ୍ତୀ ଶୁଣାଣି ୧୮ ମାର୍ଚ୍ଚ ୨୦୨୫ରେ ହେବ ବୋଲି କୋର୍ଟ କହିଛନ୍ତି।

କାଲିଫର୍ଣ୍ଣିଆ ବନାଗ୍ନି

## ୧୩ ଲକ୍ଷ କୋଟି ସ୍ୱାହା

କାଲିଫର୍ଣ୍ଣିଆ,୧୦।୧(ଏଜେନ୍ସି):



- 'ଆକୁ ୱେଦର'ର ଆକଳନ
- ୩୦ ହଜାର ଘର ଜଳିପୋଡ଼ି ଛାରଖାର

ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଲସ୍ ଏଞ୍ଜେଲସ୍‌ରେ ହୋଇଥିବା ବନାଗ୍ନି ଯୋଗୁ ପ୍ରାୟ ୧୩ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଛି। ଆମେରିକାରେ ପାଣିପାଗ ସେବା ପ୍ରଦାନ କରୁଥିବା ଘରୋଇ କମ୍ପାନୀ 'ଆକୁ ୱେଦର' ଅନୁଯାୟୀ, ଏହି ଅଗ୍ନିକାଣ୍ଡ ଯୋଗୁଁ କାଲିଫର୍ଣ୍ଣିଆର ମୋଟ କ୍ଷତି ୧୩୫ ବିଲିୟନରୁ ୧୫୦ ବିଲିୟନ ଆମେରିକୀୟ ଡଲାର ମଧ୍ୟରେ ହେବ।

କ୍ଷତି ଆକଳନରେ ଅନ୍ୟାନ୍ୟ ଜିନିଷ ସହିତ, ଘର ଏବଂ ଅନ୍ୟାନ୍ୟ କୋଠାର କ୍ଷତିକୁ ସାମିଲ କରାଯାଇଛି। ଏହାବ୍ୟତୀତ, ମୌଳିକ ଭିତ୍ତିଭୂମିର କ୍ଷତି ଏବଂ ସେଗୁଡ଼ିକର ପୁନଃନିର୍ମାଣରେ ହୋଇଥିବା ଦୀର୍ଘକାଳୀନ ଖର୍ଚ୍ଚକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ନିଆଁ ଏ ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯାଇନାହିଁ, ତେଣୁ ଏହି କ୍ଷତି ପରିମାଣ ଆହୁରି ବଢ଼ିପାରେ। ରିପୋର୍ଟ ଅନୁଯାୟୀ, ଅଗ୍ନିକାଣ୍ଡରେ ଏପର୍ଯ୍ୟନ୍ତ ୧୦ ଜଣଙ୍କର ମୃତ୍ୟୁ ହୋଇସାରିଛି। ଏହା କାଲିଫର୍ଣ୍ଣିଆରେ ଏ ପର୍ଯ୍ୟନ୍ତ ରେକର୍ଡ ହୋଇଥିବା ଏହା ସବୁଠାରୁ ବଡ଼ ଅଗ୍ନିକାଣ୍ଡ। ଗତ ୪ ଦିନ ଧରି ଲାଗି ରହିଥିବା ନିଆଁ ପ୍ରାୟ ୪୦ ହଜାର ଏକର ଜମିରେ ବ୍ୟାପିଛି। ଏଥିମଧ୍ୟରୁ ୨୯ ହଜାର ଏକର ଅଞ୍ଚଳ ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୧୦ ହଜାର କୋଠା ନଷ୍ଟ ହୋଇଯାଇଥିବା ବେଳେ ୩୦ ହଜାର ଘର କ୍ଷତିଗ୍ରସ୍ତ ହୋଇଛି।

ସୁନା ଭଣ୍ଡାର ବଢ଼ାଉଛି ଚୀନ୍

## ବିଶ୍ୱରେ ସୁନା ମହଙ୍ଗା

ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି)



ଅନ୍ତର୍ଜାତୀୟ ବଜାର ସହ ତାଳ ଦେଇ ଘରୋଇ ବଜାରରେ ହୁ ହୁ ହୋଇ ବଢୁଛି ସୁନା ଦର। ଯାହା ଫଳରେ ଏବେ ଏବେ ଭାରତୀୟଙ୍କ ଲାଗି ସୁନା କିଣିବା ସାତ ସପନ। ଦୈନିକ ପ୍ରାୟ ସୁନା ଦର ବଢିବାରେ ଲାଗିଛି। ତେବେ ସବୁଠୁ ବଡ଼ କଥା ହେଉଛି ଯେ, ସୁନାର ଏପରି ଦରବୃଦ୍ଧି ପଛରେ ଅନ୍ୟ କାହାର ନୁହେଁ ଚୀନର ହାତ ରହିଛି। ଚୀନ୍ ଏହାର ସୁନା ଭଣ୍ଡାର ବଢ଼ାଉଥିବା ଯୋଗୁ ବିଶ୍ୱରେ ସୁନା ମହଙ୍ଗା ହେବାରେ ଲାଗିଛି।

ଭାରତରେ ସୁନା ମୂଲ୍ୟ ଲଗାତାର ବଢିବାରେ ଲାଗିଛି। ଗୁରୁବାର ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୭୭ ହଜାର ଟଙ୍କା ଉପରେ ରହିଥିବାବେଳେ ଶୁକ୍ରବାର ଏଥିରେ ଆହୁରି ବୃଦ୍ଧି ଘଟିଛି। ଏପରି ଦର ବୃଦ୍ଧି ପଛରେ ପଡୋଶୀ ଚୀନ୍‌ର ହାତ ବଜାର ବିଶେଷଜ୍ଞମାନେ କହୁଛନ୍ତି। ଏକ ରିପୋର୍ଟ ଅନୁସାରେ ପିପୁଲ୍ସ ବ୍ୟାଙ୍କ ଅଫ ଚାଇନା (ପିବିଓସି) ଲଗାତାର ଅନ୍ତର୍ଜାତୀୟ ବଜାରରୁ ସୁନା କ୍ରୟ କରୁଛି। ଏଣୁ ବିଶ୍ୱ ବଜାରରେ ସୁନାର ଦର ବଢୁଛି। ଯାହାର ସିଧା ପ୍ରଭାବ ଭାରତୀୟ ବଜାର ଉପରେ ପଡିଛି। ମୁଦ୍ରାସ୍ଫୀତିକୁ ନେଇ ଚୀନ୍‌ର ଚିନ୍ତା ବଢୁଥିବା ଯୋଗୁ ଦେଶର ଆର୍ଥିକ ବିକାଶ ଏବେ ମୁଣ୍ଡବିନ୍ଧାର କାରଣ ସାଜିଛି। ଏଣୁ ସୁନା କ୍ରୟ କରି ଚୀନ୍ ଏହି ସମସ୍ୟାରୁ ପାର ପାଇପାରିବ ବୋଲି ଆଶା ରଖିଛି। ଉଲ୍ଲେଖଯୋଗ୍ୟ ଯେ ବୈଶ୍ୱିକ ଇକ୍ୱିଟି ବଜାରରେ ଯେଉଁଭଳି ଭାବେ ଅସ୍ଥିରତା ଲାଗି ରହିଛି ସେଭଳି ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ଜନିତ ପରିସ୍ଥିତିରେ ସୁନାରେ ନିବେଶକୁ ସବୁଠୁ ସୁରକ୍ଷିତ ନିବେଶ ମାଧ୍ୟମ ଭାବେ ବିବେଚନା କରାଯାଉଛି। ଏଣୁ ଚୀନ ଭବିଷ୍ୟତରେ ଦେଖାଦେବାକୁ ଥିବା ଆହ୍ୱାନଗୁଡିକୁ ଅନୁମାନ କରିସାରିଲାଣି। ଏହି କାରଣରୁ ଚୀନ୍ ଲଗାତାର ଅନ୍ତର୍ଜାତୀୟ ବଜାରରୁ ସୁନା କିଣି ସୁନା ଭଣ୍ଡାର ବଢାଇବାରେ ଲାଗିଛି। ତେବେ କେବଳ ଚୀନ୍ ନୁହେଁ ସୁନା କିଣାରେ ଭାରତ ମଧ୍ୟ ପଛରେ ନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ଜାନୁୟାରୀ-ନଭେମ୍ବରରେ ପ୍ରଚୁର ସୁନା କିଣିଛି।

## ଡିସେମ୍ବରରେ ସୋନାଲିକାର ସର୍ବୋଚ୍ଚ ମାସିକ ବଜାର ଅଂଶ ହାସଲ

**ନୂଆଦିଲ୍ଲୀ,୧୦।୧(ଏଜେନ୍ସି):** ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଡିସେମ୍ବରରେ ୧୮%ର ଏହାର ସର୍ବୋଚ୍ଚ ମାସିକ ବଜାର ଅଂଶ ରେକର୍ଡ କରି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିଛି। ୧୦୬୩୯ଟି ମୋଟ ଟ୍ରାକ୍ଟର ବିକ୍ରି କରି କମ୍ପାନୀ ଏହି ଚମତ୍କାର ସଫଳତା ହାସଲ କରିଛି ଯାହା ଡିସେମ୍ବର ୨୦୨୩ର ୭୯୯୯ଟି ଟ୍ରାକ୍ଟର ବିକ୍ରି ତୁଳନାରେ ୩୩% ଅଧିକ। ଏଥିସହିତ କମ୍ପାନୀ ୨.୪ ଗୁଣ ଅଧିକ ଅଭିବୃଦ୍ଧି ସହ ଶିଳ୍ପ ଅଭିବୃଦ୍ଧିକୁ ଅତିକ୍ରମ କରିଛି। ସୋନାଲିକା ଏପ୍ରିଲରୁ ଡିସେମ୍ବର ୨୦୨୪ ମଧ୍ୟରେ ମୋଟ ୧୧୯,୩୬୯ଟି ଟ୍ରାକ୍ଟର ବିକ୍ରିର ପ୍ରଭାବୀ ୱାଇଟିଡି ସେଲ୍ ସହ ୨୦୨୪-୨୫ ଆର୍ଥିକ ବର୍ଷରେ ଏକ ମଜବୁତ ସଫଳତା ବଜାୟ ରଖିଛି। କୃଷକଙ୍କ ଫସଲ ଓ ମୃତିକା ଆବଶ୍ୟକତା ଅନୁଯାୟୀ ଏହାର ହେଭି ଡ୍ୟୁଟି ଟ୍ରାକ୍ଟର ପୋର୍ଟଫୋଲିଓକୁ ବିସ୍ତାର କରିବାଠାରୁ ଆରମ୍ଭ କରି, ସର୍ଭିସ୍ ନେଟ୍‌ୱର୍କକୁ ବୃଦ୍ଧି କରିବା ପର୍ଯ୍ୟନ୍ତ, ଗ୍ରାହକଙ୍କର ଯଥାସମ୍ଭବ ନିକଟତର ରହି ସୋନାଲିକା କୃଷି ସମୃଦ୍ଧତା ଦିଗରେ ଏକ ବିଶ୍ୱସନୀୟ ସହଯୋଗୀ ଭାବେ ନିଜକୁ ନିରନ୍ତର ଅବସ୍ଥାପିତ କରିଆସୁଥିବା ଇଣ୍ଟର ନ୍ୟାସନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି।

## ଜିଏସ୍‌ଟିଆର୍-୧ ଦାଖଲ ସମୟସୀମା ବଢ଼ିଲା

**ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି):** ଶେଷରେ ବଢ଼ିଲା ଜିଏସ୍‌ଟିଆର୍-୧ ଦାଖଲ ସମୟସୀମା। ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ପୋର୍ଟାଲରେ ବଡ଼ ବୈଷୟିକ ତ୍ରୁଟି ଦେଖାଦେଇଥିବା ଯୋଗୁ ବ୍ୟବସାୟୀମାନେ ଶୁକ୍ରବାର ଜିଏସ୍‌ଟିଆର୍-୧ ରିଟର୍ଣ୍ଣ ଦାଖଲ କରିବାରେ ନା ନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଯାହାଫଳରେ ଜିଏସ୍‌ଟିଆର୍-୧ ଫାଇଲ କରିପାରୁନାହାଁନ୍ତି। ଏଥିପାଇଁ ଜିଏସ୍‌ଟି ନେଟୱାର୍କରେ ରିଟର୍ଣ୍ଣ ଦାଖଲ ଶେଷ ସମୟସୀମାରେ ବୃଦ୍ଧି କରିବାକୁ ବ୍ୟବସାୟୀମାନେ ଦାବି କରିଥିଲେ। ଫଳରେ ବର୍ତ୍ତମାନ ଜିଏସ୍‌ଟିଆର୍-୧ ଦାଖଲ ନିମନ୍ତେ ଶେଷ ସମୟସୀମା ଜାନୁଆରୀ ୧୧ରୁ ଦୁଇ ଦିନ ବୃଦ୍ଧି ଏହାକୁ ଜାନୁଆରୀ ୧୩ କରାଯାଇଛି। ସେହିପରି କ୍ୟୁଆର୍‌ଏମ୍‌ପି (ମାସିକ ଦେୟ ସହିତ ତ୍ରୈମାସିକ ରିଟର୍ଣ୍ଣସ୍) ଦାଖଲକାରୀଙ୍କ ପାଇଁ ଶେଷ ଅବଧି ଜାନୁଆରୀ ୧୩ରୁ ୧୫ ତାରିଖକୁ ବୃଦ୍ଧି କରାଯାଇଛି। ଜିଏସ୍‌ଟି ପେମେଣ୍ଟ ପାଇଁ ଜିଏସ୍‌ଟିଆର୍-୩ବି ଦାଖଲ କରିବାର ଶେଷ ସମୟସୀମା ଜାନୁଆରୀ ୨୦ ରୁ ଜାନୁଆରୀ ୨୨ କୁ ବୃଦ୍ଧି କରାଯାଇଛି। ଯେଉଁମାନେ ତ୍ରୈମାସିକ ଦେୟ ଦେଉଛନ୍ତି, ସେମାନଙ୍କ ପାଇଁ ଶେଷ ଅବଧି ଜାନୁଆରୀ ୨୪ ଏବଂ ଜାନୁଆରୀ ୨୬ (ରାଜ୍ୟୱାରୀ ପଞ୍ଜୀକରଣ ଉପରେ ଆଧାରିତ) ହେବ। ଆଜି ଜିଏସ୍‌ଟି ପୋର୍ଟାଲରେ ଏକ ମେସେଜ୍ ଦେଖାଯାଉଥିଲ, ଯେଉଁଥିରେ ସାଇଟ୍‌ର ରକ୍ଷଣାବେକ୍ଷଣ ଯୋଗୁଁ ଜାନୁଆରୀ ୧୦ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସେବା ଉପଲବ୍ଧ ହେବ ନାହିଁ। ସୋସିଆଲ ମିଡିଆରେ ୟୁଜର୍ସମାନେ ଏହା ଉପରେ ନିଜର ପ୍ରତିକ୍ରିୟା ଦେଇଥିଲେ। କିଛି ଉପଭୋକ୍ତା ପୋର୍ଟାଲରେ ପୁରୁଣା ତ୍ରୁଟି ବିଷୟରେ ଅଭିଯୋଗ କରିଛନ୍ତି, ଯେତେବେଳେ କିଛି ଲୋକ ସମୟସୀମା ବୃଦ୍ଧି କରିବାକୁ ଦାବି କରିଛନ୍ତି। ଇନଫୋସିସ୍ ଉପରେ ବିଳମ୍ବିତ ଫି' ଛାଡ଼ ଏବଂ ଜରିମାନା ଲାଗୁ କରିବା ପ୍ରସଙ୍ଗ ମଧ୍ୟ ଉଠିଛି। ଅପରପକ୍ଷେ ପୋର୍ଟାଲ୍ ପରିଚାଳନା କରୁଥିବା ଜିଏସ୍‌ଟି ନେଟୱାର୍କ ଏହି ସମସ୍ୟାକୁ ସ୍ୱୀକାର କରିଛି। ଏହାକୁ ଦୃଷ୍ଟିରେ ରଖି, ଜିଏସ୍‌ଟି ନେଟୱାର୍କ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) କୁ ଦାଖଲ କରିବାର ଶେଷ ତାରିଖକୁ ବୃଦ୍ଧି କରିବାକୁ ଅନୁରୋଧ କରିଛି।

## ମହିନ୍ଦ୍ରା ବିଇ ୬ ଓ ଏକ୍ସଇଭି ୯ଇ'ର ଟପ୍ ଭାରିଆଣ୍ଟ ମଡେଲ ମୂଲ୍ୟ ଘୋଷଣା

**ଭୁବନେଶ୍ୱର,୧୦।୧(ସମିସ):** ମହିନ୍ଦ୍ରା ପକ୍ଷରୁ ଆୟୋଜିତ ଅନ୍‌ଲିମିଟ ଇଣ୍ଡିଆ ଟେକ୍ ଦିବସରେ ଏହାର ଇଲେକ୍ଟ୍ରିକ ଅରିଜିନ ଏସୟୁଭି ବିଇ ୬ ଓ ଏକ୍ସଇଭି ୯ଇର ଟପ ଏଣ୍ଡ ମଡେଲ ଦାମ ଘୋଷଣା କରାଯାଇଛି। ୨୦୨୪ ନଭେମ୍ବର ୨୬ରେ ଅନୁଷ୍ଠିତ ଅନଲିମିଟ ଇଣ୍ଡିଆର ସଫଳତା ପରେ ଏହା ଘୋଷଣା ହୋଇଛି। ସେହି କାର୍ଯ୍ୟକ୍ରମରେ ବିଇ୬ ଓ ଏକ୍ସଇଭି ୯ଇକୁ ଉନ୍ମୋଚନ କରାଯାଇଥିଲା। ପ୍ରିମିୟମ ଇଭି ଆଡ଼କୁ ଗ୍ରାହକମାନେ ଆକର୍ଷିତ ହେଉଥିବା ବେଳେ ମହିନ୍ଦ୍ରା ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଉଭୟ ବିଇ୬ ଓ ଏକ୍ସଇଭି ୯ଇ ପାଇଁ ପ୍ୟାକ ଥ୍ରୀର ଶୁଭାରମ୍ଭ କରାଯିବ। ବିଇ ୬ ପ୍ୟାକ ଥ୍ରୀ ମଡେଲର ଏକ୍ସ ସୋ'ରୁମ ଦାମ ୨୬.୯ ଲକ୍ଷ ଟଙ୍କା ରହିବ। ଏଥିପାଇଁ ସ୍ୱତନ୍ତ୍ର ମାସିକ କିସ୍ତି ହେଉଛି ୩୯,୨୨୪ ଟଙ୍କା। ସେହିପରି ଏକ୍ସଇଭି ୯ଇ ପ୍ୟାକ ଥ୍ରୀର ଦାମ ୩୦.୫ ଲକ୍ଷ ଟଙ୍କା ରଖାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଇଏମଆଇ ସ୍କିମ ହେଉଛି ମାସିକ ୪୫,୪୫୦ ଟଙ୍କା। ମହିନ୍ଦ୍ରା ଫାଇନାନ୍ସ ଜରିଆରେ ପ୍ୟାକ ଥ୍ରୀ ଭାରିଆଣ୍ଟକୁ ମାସିକ କିସ୍ତିରେ ଏବଂ ୬ ବର୍ଷ ଶେଷରେ ଏକ ବେଲୁନ ପେମେଂଟ ଜରିଆରେ ଉପଲବ୍ଧ କରାଯିବ ବୋଲି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଅଟୋମୋଟିଭ ସେକ୍ଟରର ସଭାପତି ତଥା ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅଟୋମୋବାଇଲ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ବିଜୟ ନାକ୍ରା କହିଛନ୍ତି।

## ଆଇସିସି-ଏଆଇସି ଚୁକ୍ତିନାମା



**ଭୁବନେଶ୍ୱର,୧୦।୧(ସମିସ):** ପ୍ରବାସୀ ଭାରତୀୟ ଦିବସ ଅବସରରେ ଏସିଆନ ଇଣ୍ଡିଆ ଇକୋନୋମିକ୍ କାଉନସିଲ (ଏଆଇସି) ଏବଂ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ଚୁକ୍ତିରେ ସାମିଲ ହୋଇଛନ୍ତି। କମ୍ପାନୀ, ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ଲାଗି ଏକ ଫୋରମ ସୃଷ୍ଟି ଦିଗରେ ଏହା ସହାୟକ ହେବ। ଆଇସିସି ଓଡ଼ିଶା ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଏଆଇସି ମାଲେସିଆ ଅଧ୍ୟକ୍ଷ ଦାତୋ ରମେଶ କୋଡାମାଲ, ଏଆଇଇସି ଫିଲିପାଇନ୍ସ ସହ ଅଧ୍ୟକ୍ଷ ଜୋନି ଛୋଟରାଣୀ, ଇନଭେସିଫାଏ କମ୍ପାନୀ ଲିମିଟେଡ୍, ହାନୋଇ ଭିଏତନାମ ସିଇଓ ଇନ୍ଦ୍ରୋନିଲ ସେନଗୁପ୍ତା, ଓକାକ୍ ପରିଚାଳନା ନିର୍ଦ୍ଦେଶକ( ସୂଚନା ପ୍ରଯୁକ୍ତିବିଦ୍ୟା) ବିଭାଗର ମାନସ ପଣ୍ଡା ଓ ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପାଲଙ୍କ ଉପସ୍ଥିତରେ ଏହି ଚୁକ୍ତିନାମା ସାକ୍ଷରିତ ହୋଇଥିଲା। ଏହାଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ,ମତ ବିନିମୟ ଏବଂ ନିୟାମକ କ୍ଷେତ୍ରରେ ଏସୀୟ ଦେଶଗୁଡିକ ମିଳିତ ହୋଇ କାର୍ଯ୍ୟ କରିବେ। ଶେଷରେ ଆଇସିସି ରାଜ୍ୟ ପରିଷଦର ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଦେଇଥିଲେ।

# ଏସ୍‌ଆଇପି ନିବେଶ ପ୍ରଥମ ଥର ୨୬ ହଜାର କୋଟି ପାର

ନୂଆଦିଲ୍ଲୀ,୧୦।୧(ଏଜେନ୍ସି)

- ବର୍ଷକରେ ୫୦% ବଢ଼ିଛି
- ଡିସେମ୍ବରରେ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓ ରେକର୍ଡ ୨୨.୫ କୋଟି ଛୁଇଁଛି





ଦେଶରେ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି ) ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ନିରନ୍ତର ଭାବେ ବୃଦ୍ଧି ପାଉଛି। ଗତ ଡିସେମ୍ବରରେ, ପ୍ରଥମ ଥର ପାଇଁ ମାସିକ ଏସ୍‌ଆଇପି ୨୬ ହଜାର କୋଟି ଟଙ୍କା ଅତିକ୍ରମ କରିଥିଲା। ୨୦୨୩ ଡିସେମ୍ବରରେ ଏହା ୧୭୬୧୦ କୋଟି ଟଙ୍କା ରହିଥିଲା, ଯାହା ଗତ ମାସରେ ୫୦.୨୫% ବୃଦ୍ଧି ପାଇ ୨୬୪୫୯ କୋଟି ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓଗୁଡ଼ିକ ମଧ୍ୟ ରେକର୍ଡ ୨୨.୫୦ କୋଟି ଟଙ୍କାରେ ପହଞ୍ଚିଛି।

ଗତ ମାସରେ ଇକ୍ୱିଟି ଯୋଜନାରେ ନିଟ୍ ନିବେଶ ୪୧,୧୫୬ କୋଟି ଟଙ୍କା ରହିଥିଲା। ଏହା ବର୍ଷ ବର୍ଷ ଧରି ୧୪୨% ଏବଂ ନଭେମ୍ବର ତୁଳନାରେ ୧୪.୫% ଅଧିକ। କ୍ଷେତ୍ରୀୟ/ ବିଷୟଗତ ଯୋଜନାରେ ସର୍ବାଧିକ ୧୫,୩୩୨ କୋଟି ଟଙ୍କାର ନିବେଶ ହୋଇଛି। ଅନ୍ୟପକ୍ଷରେ, ଋଣ ପାଣ୍ଠିରୁ ୧.୨୭ ଲକ୍ଷ କୋଟି ଟଙ୍କା ନିଟ୍ ଉଠାଣ ହୋଇଛି। ଫଳସ୍ୱରୂପ, ନଭେମ୍ବର ମାସରେ ମ୍ୟୁଚୁଆଲ୍ ଫଣ୍ଡ ହାଉସ୍‌ର ମୋଟ ସମ୍ପତ୍ତି (ଏୟୁଏମ୍) ୮୦,୩୫୫ କୋଟି ଟଙ୍କା ହ୍ରାସ ପାଇ ୬୭ ଲକ୍ଷ କୋଟି ଟଙ୍କାରୁ କମ୍ ହୋଇଛି। ୨୦୨୪ ନଭେମ୍ବରରେ ଏହା ରେକର୍ଡ ୬୮.୦୮ ଲକ୍ଷ କୋଟି ଟଙ୍କା ରହିଥିଲା। ବିଗତ ୧୦ ବର୍ଷ ମଧ୍ୟରେ ମ୍ୟୁଚୁଆଲ୍ ଫଣ୍ଡ ଶିଳ୍ପର ଏୟୁଏମ୍ ୬ ଗୁଣରୁ ଅଧିକ ବୃଦ୍ଧି ପାଇଛି। ୨୦୧୪ ଡିସେମ୍ବରରେ ଏୟୁଏମ୍ ୧୦.୫୧ ଲକ୍ଷ କୋଟି ଟଙ୍କା ରହିଥିଲା, ଯାହା ୨୦୨୪ ଡିସେମ୍ବରରେ ୫୩୭% ବୃଦ୍ଧି ପାଇଛି।

୨୦୨୪ ଡିସେମ୍ବରରେ ଇକ୍ୱିଟି ଯୋଜନାର ଏୟୁଏମ୍ ୩୦.୫୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଶିଳ୍ପର ମୋଟ ଏୟୁଏମ୍‌ର ୪୫.୬୮%। ଗତ ମାସରେ, ଋଣ କିମ୍ବା ବଣ୍ଡ ଆଧାରିତ ପାଣ୍ଠିର ଏୟୁଏମ୍ ୧୫.୬୭ ଲକ୍ଷ କୋଟି ଟଙ୍କା ଥିଲା। ଏହା ମୋଟ ଏୟୁଏମ୍‌ର ୨୩.୪୧%। ବର୍ଷ ବର୍ଷ ଧରି ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓ ସଂଖ୍ୟାରେ ୩୬.୫% ବୃଦ୍ଧି ଘଟିଛି। ଏଥିମଧ୍ୟରୁ ୭୦% ଫୋଲିଓ ଇକ୍ୱିଟି ଯୋଜନାରେ ଅଛନ୍ତି। ଗତ ମାସରେ, ନିବେଶକମାନେ ୩.୮୯କୋଟି ଫୋଲିଓ ମାଧ୍ୟମରେ ଇଣ୍ଡେକ୍ସ ଫଣ୍ଡ, ସୁନା/ରୂପା ଇଟିଏଫ୍ ଭଳି ଯୋଜନାରେ ଟଙ୍କା ନିବେଶ କରିଛନ୍ତି। ୨୦୨୪ରେ କମ୍ପାନୀଗୁଡ଼ିକ ରେକର୍ଡ ୧୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲେ। ୨୦୨୪ରେ କମ୍ପାନୀଗୁଡ଼ିକ ଋଣ (ବଣ୍ଡ ପରି) ମାଧ୍ୟମରେ ସଂଗ୍ରହ କରିଥିବା ପରିମାଣ ୧୧.୦୫ ଲକ୍ଷ କୋଟି ଟଙ୍କାର ରେକର୍ଡ ସ୍ତରକୁ ପହଞ୍ଚିଥିଲା। ଏଥିମଧ୍ୟରୁ ୧୦.୯୪ ଲକ୍ଷ କୋଟି ଟଙ୍କା ଋଣର ବ୍ୟକ୍ତିଗତ ନିବେଶରୁ ଆସିଥିଲା।

# ଶତ୍ରୁ ହେଲା ରକ୍ଷାକାରୀ





ଶିବ ପ୍ରସାଦ ରାଉତ

ଗାଁ ପରେ ପରେ ପତଳାରୁ ଘଞ୍ଚ ହେଇ ଲମ୍ବି ଯାଇଛି ଜଙ୍ଗଲଟା ପାହାଡ଼ ଆଡ଼କୁ । ବହୁଜାତିର ହିଂସ୍ରଜନ୍ତୁ ଭରା ; ବାଘ, ସିଂହ, ଗଣ୍ଡା, ଗୟଳ, ଭାଲୁ, ବିଲୁଆ ଇତ୍ୟାଦି କାହିଁରେ କ'ଣ ଏକକୁ ଆରକବଳି । ସେମାନଙ୍କ ମଧ୍ୟରେ ସରଳ ପ୍ରାଣୀ ତୁରୁକି ହରିଣୀ ଚଳିପାରନ୍ତା କେମିତି ? ଏମିତିରେ ବି ଚାରିପାଞ୍ଚ ଥର ବାଘ, ଭାଲୁ, ଗଧିଆ କବଳରୁ ବର୍ତ୍ତିଯାଇଛି ତୁରୁକି ହରିଣୀ । ଏଣୁ ଘଞ୍ଚ ଜଙ୍ଗଲ ଛାଡ଼ି ଗାଁ ପାଖ ପତଳା ଜଙ୍ଗଲର କଣ୍ଟାଝାଡ଼ ମଧ୍ୟରେ ଆଶ୍ରା ଟିକେ ନେଇ ରହୁଛି ତୁରୁକି । ଏଠି ତ ଟିକେ ହିଂସ୍ର ଜନ୍ତୁଙ୍କର ଚଲାବୁଲା କମ୍ । କିଛିଦିନ ଏକରକମ ଭଲରେ କଟିଲା । ମାତ୍ର ସେ ଗାଁ ଗୋହିରୀ କିଆବୁଦାରେ ରହୁଥିବା ବିଲୁଆଟାର ଦୁଇଥର ହାବୁଡ଼ରେ ପଡ଼ିଲାଣି ତୁରୁକି । ବେଳା ଭଲ ବୋଲି ଖସିଆସିଛି । କିନ୍ତୁ ସେ ବିଲୁଆଟାର ନଜର ପଡ଼ିଛି ତୁରୁକି ଉପରେ । ସେ ଅଣ୍ଡାଳି ଚାଲିଛି କେଉଁଠି ରହୁଛି ହରିଣୀ ତୁରୁକି । ଦିନେ ତୁରୁକି ଘାସ ଚରୁଛି, କିଆବୁଦାରେ ଲୁଚିରହିଥିବା ସେ ବିଲୁଆଟା କୁଦି ପଡ଼ିଲା ତା' ଉପରକୁ । ଏଥର ମଧ୍ୟ ତୁରୁକି ବଞ୍ଚିଗଲା । ନଚେତ୍ ବିଲୁଆ ତା' ବେକ ମୋଡ଼ି ଦେଇଥାନ୍ତା ! ଏସେ ସେ ବେଶୀ ଟିକେ ସତର୍କ ରହୁଛି । ଦିନେ ରାତି ତିନିଘଡ଼ି ହେବ, ତୁରୁକି ତା' ଝାଡ଼ ଭିତରେ ଥାଇ ବିଲୁଆର ଚିତ୍କାର ଶୁଣି ଚମକିଗଲା । ମାତ୍ର ବିଲୁଆ ତ ସବୁଦିନ ଭଳି ବୋବାଉ ନାହିଁ ! ଏପରି ଖେଁ ଖେଁ, ଗର୍ଜନ ତର୍ଜନ ହେଉଛି କାହିଁକି ? କାନେଇଲା ସେ, ଜାଣିଲା ଯେ, ବିଲୁଆର ସ୍ୱର ବିକଳ ଓ କ୍ଷୀଣ ହୋଇ ଆସୁଛି । ବିପଦରେ ପଡ଼ିଛି କି ? ତୁରୁକି ଶବ୍ଦ ଆଡ଼କୁ ଦେହଛପା ଦେଇ ଆଗେଇ ଯାଇ ଯାହା ଦେଖିଲା, ତାକୁ ଭାରି ଦୁଃଖ ଲାଗିଲା । ବିଲୁଆ ସେ ଆଖୁ କିଆରିରେ ପଶି ଖାଉଖାଉ ଚାଷୀର ଫାଶରେ ପଡ଼ିଯାଇଛି । ତା' ବେକ ଓ କମରରେ ଫାଶ ଜରିଯାଇ ନିଶ୍ୱାସ ବନ୍ଦ ହେଇ ଆସିଲାଣି । ଏକଦମ୍ ଲେଉଟି ପଡ଼ିଛି, ମରଣ ଅପେକ୍ଷାରେ । ତୁରୁକି କାଳ ବିଳମ୍ବ ନ କରି ବିଲୁଆ ପାଖରେ ପହଞ୍ଚିଲା । ଶିଂଘ ପୂରାଇ ଫାଶକୁ ହୁଗୁଳେଇଲା । ଫାଶ ଏତେ ଶୀଘ୍ର ମୁକୁଳୁ ନ ଥାଏ । ତଥାପି ଝାଳନାଳ ହେଇ ଫାଶକୁ ମୁକୁଳା କଲା । ବିଲୁଆ ଟିକେ ନିଶ୍ୱାସ ନେଇ ପାରିଲା । ତଥାପି ବେକ ଓ ଅଣ୍ଟାରୁ ଫାଶ ଖସି ନାହିଁ । ବିଲୁଆ ଆରାମ ପାଇ ଠଉରେଇ ନେଲା, କିଏ ତାକୁ ମୁକୁଳାଉଛି । ଆଶ୍ଚର୍ଯ୍ୟ ହେଉଥାଏ ବିଲୁଆ ଫାଶରେ ଥାଇ । ଏଥର ତୁରୁକି କହୁଥାଏ, ବିଲୁଆ ଭାଇ ଧୀରେ ବେକ କାଢ଼ିନିଅ । ହଁ ହଁ . . . ଆଉ ଟିକେ, ହଁ ହେଇଛି । ଏଥର ମୁଁ ଫାଶକୁ ଶିଂଘରେ ଟାଣି ଧରୁଛି ଅଣ୍ଟା କାଢ, ଚେଷ୍ଟାକର । ବିଲୁଆ ପୂରା ମୁକୁଳି ଗଲା । ନିଶ୍ଚିତ ମରଣମୁହଁରୁ ସେଇ ହରିଣୀ ତୁରୁକି ବଞ୍ଚାଇଲା, ଯାହାକୁ ସେ ତିନିଥର ମରଣାନ୍ତକ ଆକ୍ରମଣ କରିଛି । ଛି, ମୋ ଜୀବନକୁ ! ଝରଝର ତତଲା ଲୁହ ଝରାଇ ଅନୁତାପରେ କାନ୍ଦୁଥାଏ ବିଲୁଆ । ତୁରୁକି କହିଲା, "ପଛରେ କାନ୍ଦିବୁରେ ଭାଇ, ହେଇ ଦେଖ ଟର୍ଚ୍ଚ ଆଲୁଅ ଦେଖାଗଲାଣି । ଚାଷୀ ତୋ ପାଟିର ଶବ୍ଦ ଶୁଣି ଏଠାକୁ ଆସୁଛି, ଚାଲ; ବାହାରକୁ ଚାଲ ।" ଠେଲି ଠେଲି ତୁରୁକି ନେଇ ଆସିଲା ବିଲୁଆକୁ । ନିରାପଦ ସ୍ଥାନରେ ପହଞ୍ଚି ବିଲୁଆ କହିଲା, "ବଞ୍ଚେଇ ଦେଲୁ ଲୋ ଭଉଣୀ, ମରିସାରିଥାନ୍ତି ସେ ଫାଶରେ । ମୁଁ ତୋର ଶତ୍ରୁ ଜାଣି ମଧ୍ୟ ମୋତେ ବଞ୍ଚାଇବାକୁ ତୁ କେତେ କଷ୍ଟ କଲୁ । ତା' ପରେ ତୁ ମୋତେ ବିଶ୍ୱାସ କଲୁ କେମିତି ? ଭୋ ଭୋ .. କାନ୍ଦୁଥାଏ ବିଲୁଆ । ତୁରୁକି କହିଲା, ଆରେ ଭାଇ ମୁଁ ତ ହୀନିମାନିଆ ସରଳ ଜୀବନ ପାଇଛି, କେତେବେଳେ କାହା ହାବୁଡ଼ରେ ପଡ଼ି ମରିବି, ନହେଲେ ତୁ ଖାଇଥାନ୍ତୁ । ତୋତେ ବିପଦରେ ଦେଖି ସହି ପାରିଲିନିରେ ଭାଇ । ଆହୁରି ଲଜ୍ଜା ଓ ପରିତାପରେ ବିଲୁଆ ନିଜର ହିଂସ୍ରକ ପଣିଆ ପାଇଁ ଭାଙ୍ଗି ପଡୁଥାଏ । ଏଥର ନିଜର କାନ୍ଧ ବନ୍ଦକରି କହିଲା, "ଦେଖ ଭଉଣୀ ଆଉ ତୁ ହୀନିମାନିଆ ଜୀବନ ବୋଲି କହିବୁନି, ମୁଁ ଅଛି ତୋ ପାଇଁ । ମୁଁ ଏବେ ଜଗିବି ତୋତେ । ମୁଁ ଥିବା ଯାଏ ମୋ ଜୀବନ ଦେଇ ତୋତେ ରକ୍ଷା କରିବି । ଏ ଜୀବନ ଏବେ ତୋରି ଦାନ । ତୁ ନିର୍ଭୟରେ ଥା', ମୁଁ ତୋତେ ବାହାରୁ ସଦା ନଜର ରଖିବି, ତୋ ପାଖେ ପାଖେ ଥିବି ।" ତୁରୁକି କହିଲା, ହଉ ହେଲା, ତୁ ତୁନି ହୋଇ ବିଶ୍ରାମ କର । ତାପରେ ଯାଇ ଯୋଉ କଥା . . . . . . ।■

ବଛଦା, ବାସୁଦେବପୁର, ଭଦ୍ରକ
ମୋ-୮୧୪୪୨୮୧୧୫

## କୁନି ତାରକା



ଆରାଧ୍ୟା

# ଆସରେ ପୂଜିବା ସୂରୁଜ ଦେବ



କୁଞ୍ଜବିହାରୀ ସାହୁ



ସକାଳୁ ଉଠି
ବୋଉ ସାରିଦେଲା ବାସିପାଇଟି ।
ସୂରୁଜେ ଚାହିଁ
ମକର ଭୋଗଟି ରଖିଲା ଯାଇ ।
ପିଣ୍ଡାରେ ବସି
କହିଲା ସୂରୁଜେ ଦେଏ ତୁ ଖୁସି ।
ପିଲାଙ୍କୁ ଡାକି
ବସେଇଦେଲା ସେ ତା ପାଖାପାଖି ।
କହିଲା ସିଏ
ମାରରେ ପିଲାଏ ମୁଣ୍ଡିଆଟିଏ ।
ସୂରୁଜ ଦେବ
ଖୁସି ହୋଇ ସିଏ ଆନନ୍ଦ ଦେବ ।
ଗଲେଣି ସିଏ
ମକର ରାଶିରେ ମୁହଁ ଦେଖାଏ ।
ପିଲାଏ ପୁଣି
ମକର ବସିଲେ ହସଟେ ବୁଣି ।
ନ ଧରି ନାଆଁ
ସାଥୀକୁ ଡାକିଲେ ମକର ଆ ।
ମକର ମେଳା
ମେଳାରେ ଭାସଇ ଖୁସିର ଭେଳା ।
ଗରବ ଇଏ
ହିନ୍ଦୁମାନଙ୍କର ପରବଟିଏ ।
ପିଲାଏ ମିଶି
ସୂରୁଜେ ପୂଜିଲେ ହସିକିହସି ।
କହିଲା ବୋଉ
ସେଇଥିପାଇଁକି ମନେପକାଉ ।■

ପାତ୍ରପଡ଼ା, ଭୁବନେଶ୍ୱର
ମୋ-୭୦୦୮୧୪୨୦୪୦

# ମକର ସଂକ୍ରାନ୍ତି ପର୍ବ



ନଳିନୀ ଦାଶ

ଦେବାଦେବୀ ପୀଠେ ଭୋଗ ଲାଗିଥାଏ
ମକର ଚାଉଳ ମୁଆଁ
ମକର ମେଳଣେ ଭକତ ଗହଳି
ଚମକେ ସହର ଗାଆଁ ।
ସୂରୁଜଙ୍କ ଗତି ଦକ୍ଷିଣାୟନରୁ
ଉତ୍ତରାୟଣକୁ ହୁଏ
ଏହି ଦିନଠାରୁ ଦିନ ବଡ଼ ହୋଇ
ରାତି ସାନ ହୋଇଯାଏ ।
ସେନେହ ଶରଧା ବନ୍ଧୁତା ଭକତି
ମିଠା ଅନୁରାଗ ଥାଏ
ମକର ଚାଉଳ ତୁଣ୍ଡରେ ଧରିକି
ବନ୍ଧୁତ ମକର ଗାଏ ।
ଅରୁଆ ଚାଉଳ ବଟାରେ କଦଳୀ
ଗୋଲମରିଚ ଓ ଛେନା
ନଡ଼ିଆ ସାଥିରେ ଘିଅ ଚିନି ମିଶି
ମନ କରେ ଆନମନା ।
ମକର ପରବେ ହରଷ ମନରେ
ପିଲାଏ ଉଡ଼ାନ୍ତି ଗୁଡ଼ି
ନଟେଇରୁ ସୂତା ଖୋଲିଦେଲେ ଧୀରେ
ଆକାଶକୁ ଯାଏ ଉଡ଼ି ।
ବରଷକେ ଥରେ ମକର ମେଳାରେ
ସବୁରି ହରଷ ଚିତ୍ତ
କେତେ ଦେବାଦେବୀ ପୀଠ କମ୍ପିଲାଣି
ହେଲାଣି ମକର ଯାତ ।
ଆସ ମିଳିମିଶି ମକର ପରବ
ପାଳିବା ଆନନ୍ଦେ ଆମେ
ଆମ ପରମ୍ପରା ଆମ ସଂସ୍କୃତିର
ସମ୍ମାନ ରଖିବା ଧାମେ ।
ସଂକ୍ରାନ୍ତି ଭିତରେ ମକର ସଂକ୍ରାନ୍ତି
ପର୍ବଟି ହେଉଛି ଶ୍ରେଷ୍ଠ
ଭାଇଚାରା ଭାବି ପାଳନ କରନ୍ତି
ହୁଅନ୍ତୁ କନିଷ୍ଠ ଜ୍ୟେଷ୍ଠ ।■

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ- ୯୨୩୮ ୯ ୯ ୬୬୪୯



## ପ୍ରହେଳିକା

- ପୁଷ ମାସେ ଏହି ପରବ ପଡ଼େ
ମାଳମାଳ ଗୁଡ଼ି ଆକାଶେ ଉଡ଼େ
ଉତ୍ତର ଦିଗକୁ ମୁହାଁନ୍ତି ରବି
ଧୀରେ ଧୀରେ ବଢ଼େ ଦିନ ଅବଧି
ଦକ୍ଷିଣ ଭାରତେ ପୋଙ୍ଗଲ ନାମେ
ଏ ପର୍ବ ପାଳନ୍ତି ଶ୍ରଦ୍ଧାରେ ଜନେ
ଚାଉଳ ପ୍ରସାଦ ଲାଗେ ଏ ଦିନ
ଏବେ କୁହ ସେହି ପରବ ନାମ ।

ଉତ୍ତର-ମକର ସଂକ୍ରାନ୍ତି

- ରଙ୍ଗ ବେରଙ୍ଗର ଶରୀର ତା'ର
ଆକାଶେ ଉଡ଼ଇ ସେ ଫରଫର
ପିଲାଏ ଉଡ଼ାନ୍ତି ଧରି ନଟେଇ
ପବନ ସାହାରେ ସିଏ ଉଡ଼ଇ
କାଗଜରେ ଗଢ଼ା ତା'ର ଶରୀର
କହି ପାରିବକି ନାମଟି ତା'ର ।

ଉତ୍ତର-ଗୁଡ଼ି



- ଧଳା ଅବା କଳା ତୈଳବୀଜରେ
ଲଡୁ ବନିଥାଏ ଗୁଡ଼ ସାଥିରେ
ମକର ସଂକ୍ରାନ୍ତି ଯେବେ ଆସଇ
ଦେବାଦେବୀ ପାଶେ ଭୋଗ ଲାଗଇ
ପାଟିକୁ ସୁଆଦ ଦେହକୁ ହିତ
କହି ପାରିବକି ତା' ନାମ ମିତ ।

ଉତ୍ତର-ରାଶି ଲଡୁ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଶିଶୁ ପ୍ରତିଭା

# ଯୋଗ ପାଇଁ ସମର୍ପିତ ପ୍ରଭୁ ପ୍ରକାଶ

**ବୟସ ମାତ୍ର ୯ ବର୍ଷ । ପଞ୍ଚମ ଶ୍ରେଣୀରେ ସେ ପାଠ ପଢ଼ନ୍ତି । ଯୋଗ, ଆସନ ଓ ପ୍ରାଣାୟାମରେ ସେ ପାରଙ୍ଗମ । ସେ ଅତି ନିଖୁଣ ଓ ନିର୍ଭୁଲ୍ ଭାବେ ଯୋଗର ବିଭିନ୍ନ ମୁଦ୍ରାଗୁଡ଼ିକୁ କରିପାରନ୍ତି । ଏତେ କମ୍ ବୟସରେ ବି କେଉଁ ଯୋଗ, ପ୍ରାଣାୟାମ କଲେ କେଉଁ ରୋଗକୁ ଦୂରେଇ ହେବ ସେନେଇ ତାଙ୍କର ଜ୍ଞାନ ରହିଛି । ଯୋଗ ମାଧ୍ୟମରେ ସୁସ୍ଥ ରହିବାକୁ ବାର୍ତ୍ତା ଦେଉଥିବା ଏହି କୁନି ବାଳକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ଗାଁର ପ୍ରଭୁ ପ୍ରକାଶ ପାଣି ।**



ପ୍ରଭୁ ପ୍ରକାଶ ନିଜେ ସୁସ୍ଥ ହେବା ସହ ଅନ୍ୟମାନଙ୍କୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟହ ଯୋଗ ଶିଖାନ୍ତି । ପ୍ରଭୁ ପ୍ରକାଶଙ୍କ ବାପା କମଳା ପ୍ରସନ୍ନ ପାଣି ମଧ୍ୟ ଜଣେ ଯୋଗ ଶିକ୍ଷକ । ଖୁବ୍ କମ୍ ବୟସରୁ ବାପାଙ୍କୁ ଯୋଗ କରୁଥିବାର ଦେଖି ସେ ଯୋଗ କରିବା ଆରମ୍ଭ କରି ଦେଇଥିଲେ । ଏବେ ପ୍ରଭୁ ପ୍ରକାଶ ଯୋଗ ଗୁରୁ ପାଲଟି ଯାଇଛନ୍ତି । ସବୁ ଯୋଗାସନକୁ ପ୍ରଭୁ ପ୍ରକାଶ ସହଜରେ କରି ଦିଅନ୍ତି । ଏତେ ଛୋଟ ବୟସରେ ଏହିଭଳି ଆସନ ପ୍ରାଣାୟାମ କରି ସଭିଁଙ୍କ ସେ ଦୃଷ୍ଟି ଆକର୍ଷଣ କରିଛନ୍ତି । ପାଠପଢ଼ା ସହ ସେ ସମୟ ବାହାର କରି ନିୟମିତ ଯୋଗାଭ୍ୟାସ କରନ୍ତି । ଆଖପାଖର ଲୋକଙ୍କୁ ଘରେ ଡାକି ଯୋଗ ଶିଖାଇଥାନ୍ତି । ସେ ବହୁ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଘରେ ଯୋଗ, ପ୍ରାଣାୟାମ ଆଦି ଶିଖାଉଛନ୍ତି । ଲୋକମାନଙ୍କୁ ବୁଝାଇବା ପାଇଁ ସେ ସୂତ୍ରନେତି କ୍ରିୟାରେ ନାକ ବାଟେ ସୂତା ପୂରାଇ ପାଟି ବାଟେ ବାହାର କରନ୍ତି । କଫ କାଢ଼ିବାକୁ ଏହା ଉପଯୁକ୍ତ କ୍ରିୟା । ଠିକ୍ ସେହିପରି ଜଳନେତି କ୍ରିୟାରେ ଲୁଣମିଶା ନଖ ଉଷୁମ ପାଣିକୁ ସ୍ୱତନ୍ତ୍ର ଜଳ ଲୋଟା ମାଧ୍ୟମରେ ଗୋଟିଏ ନାସାରନ୍ଧ୍ର ମାଧ୍ୟମରେ ନିଆଯାଇ ଅନ୍ୟ ନାସା ରନ୍ଧ୍ରରେ ପାଣିକୁ ବାହାର କରନ୍ତି । ଏହାର ପ୍ରଭାବ ଉଭୟ ନାସା ରନ୍ଧ୍ରରେ ପଡ଼ିଥାଏ । ନାସା ମଧ୍ୟରେ ଜମି ରହିଥିବା କ୍ଷତିକାରକ ଜୀବାଣୁଗୁଡ଼ିକୁ ନଷ୍ଟ କରି ଅନ୍ୟ ନାସା ପଥରେ ବାହାର କରିଦେଇଥାଏ । ଏହାଦ୍ୱାରା ଦୀର୍ଘ ଦିନରୁ ଲାଗି ରହିଥିବା ଥଣ୍ଡା, କାଶ, ଜ୍ୱର, ଓ ମୁଣ୍ଡବିନ୍ଧାର ଉପଶମ ହୋଇଥାଏ । ଛୋଟ ବେଳୁ ପ୍ରଭୁ ପ୍ରକାଶଙ୍କୁ ଥଣ୍ଡା, ଜ୍ୱର ସାଙ୍ଗକୁ ଶ୍ୱାସ ଓ କାଶ ଲାଗି ରହିଥିଲା । ବଡ଼ ହେବା ପରେ ଯୋଗ କରି ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲେ । ଏହି କାରଣରୁ ଯୋଗ ଓ ପ୍ରାଣାୟାମ ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା । ପ୍ରଭୁ ପ୍ରକାଶ ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଯୋଗ ଅଲମ୍ପିଆଡ୍ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରତିପାଦନ କରି କୃତିତ୍ୱ ଅର୍ଜନ କରିଛନ୍ତି । ସେ ଏବେ ବିଦ୍ୟାଳୟଗୁଡ଼ିକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ଯୋଗ, ପ୍ରାଣାୟାମ ଆଦି ଶିଖାଇବା ପାଇଁ ସ୍ଥିର କରିଛନ୍ତି । ସାମ୍ପ୍ରତିକ ସମୟରେ ଯୋଗ ଓ ପ୍ରାଣାୟାମ ଦ୍ୱାରା ଲୋକମାନଙ୍କୁ ସୁସ୍ଥ ଓ ନୀରୋଗ ରହିବାର ମନ୍ତ୍ର ଦେଉଥିବାରୁ ପ୍ରଭୁଙ୍କ ବାପା ଓ ମା' ପୁଅ ପାଇଁ ଖୁସି ଅନୁଭବ କରୁଥିବା କୁହନ୍ତି ।■



- ଦେବଦତ୍ତ ଦାଶ, କେନ୍ଦ୍ରାପଡ଼ା

## ସକାଳ ଶିଶୁ କୁଇଜ୍-୧୪୯

(୧) ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ କିଏ ଇଂଲିଶ୍ ଚ୍ୟାନେଲ ଅତିକ୍ରମ କରିଥିଲେ?

ଉତ୍ତର : ______

(୨) 'ବିଦଗ୍ଧ ଚିନ୍ତାମଣି' ପୁସ୍ତକର କବି କିଏ?

ଉତ୍ତର : ______

(୩) ମହାତ୍ମା ଗାନ୍ଧୀ ୧୯୧୫ ମସିହାରେ କେଉଁଠାରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ?

ଉତ୍ତର : ______

(୪) ଓଡ଼ିଶାର ବୃହତ୍ତମ ଜଳପ୍ରପାତର ନାମ କ'ଣ?

ଉତ୍ତର : ______

(୫) ବିଦ୍ୟୁତ୍ ବଲ୍‌ବର ଫିଲାମେଣ୍ଟ କେଉଁଥିରେ ତିଆରି?

ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

### ଗତ ସପ୍ତାହର କୁଇଜ୍ ବିଜେତା

- ଓମ୍ ପ୍ରକାଶ ରାଣା, ଚକେଇସିହାଣି, ଭୁବନେଶ୍ୱର
- ସୋମ୍ୟାରାଣୀ ପ୍ରଧାନ, ସରେଇକେଲା, ବରଗଡ଼
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ଼

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯





ସାଦ୍ୟାନ୍ତ ଶତପଥୀ
ଷଷ୍ଠ ଶ୍ରେଣୀ
ମଦର୍ସ ପବ୍ଲିକ୍ ସ୍କୁଲ
ପୁରୀ





ଦିବ୍ୟାଂଶ ମହାପାତ୍ର
ଏଲ୍‌କେଜି
କିଡ୍‌ଜି
ପୋଖରୀପୁଟ, ଭୁବନେଶ୍ୱର





ମୋହର ଚଟ୍ଟୋପାଧ୍ୟାୟ
ତୃତୀୟ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର





ଆଦ୍ୟା ଆରାଧ୍ୟା ଷଡ଼ଙ୍ଗୀ
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



# ନୀରଜ ୨୦୨୪ର ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳି

ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଭାରତର ତାରକା ଆଥ୍ଲେଟ୍ ନୀରଜ ଚୋପ୍ରା ବର୍ଷ ୨୦୨୪ ଲାଗି ବିଶ୍ୱର ଶ୍ରେଷ୍ଠ ପୁରୁଷ ଜାଭେଲିନ୍ ଫିଙ୍ଗାଳି ହୋଇଛନ୍ତି। ଆମେରିକାଭିତ୍ତିକ ଜଣାଶୁଣା କ୍ରୀଡ଼ା ମାଗାଜିନ 'ଟ୍ରାକ୍ ଆଣ୍ଡ ଫିଲ୍ଡ ନ୍ୟୁଜ୍' ପକ୍ଷରୁ ନୀରଜଙ୍କୁ ଏହି ସମ୍ମାନଜରେ ସମ୍ମାନିତ କରାଯାଇଛି। ସାରା ବିଶ୍ୱରେ ଜାଭେଲିନ୍ ଫିଙ୍ଗାଳିଙ୍କ ଗୋଟିଏ ସିଜନର ପ୍ରଦର୍ଶନକୁଭିତ୍ତି କରି ୨୭ ବର୍ଷୀୟ ନୀରଜଙ୍କୁ ବିଜେତା ଭାବେ ଘୋଷଣା କରାଯାଇଥିଲା। ୨୦୨୪ରେ ନୀରଜ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ମୋଟ୍ ୬ଟି ଇଭେଣ୍ଟରେ ଅଂଶଗ୍ରହଣ କରି ୨ଥର ଚାମ୍ପିଅନ ଓ ୪ଥର ରନର୍ସଅପ୍ ହୋଇଥିଲେ। ବିଶ୍ୱର ଅନ୍ୟତମ ମହାନ ଜାଭେଲିନ ଫିଙ୍ଗାଳି ଗ୍ରେନେଡାର ଆଣ୍ଡରସନ ପିଟର୍ସ 'ଟ୍ରାକ୍ ଆଣ୍ଡ ଫିଲ୍ଡ ନ୍ୟୁଜ' ପକ୍ଷରୁ ପ୍ରକାଶିତ ତାଲିକାରେ ନୀରଜଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ସେହିଭଳି ପ୍ୟାରିସରେ ସ୍ୱର୍ଣ୍ଣପଦକ ଜିତିଥିବା ପାକିସ୍ତାନର ଆର୍ଶଦ ନଦୀମ ୬ଷ୍ଠ ସ୍ଥାନ ହାସଲ କରିଛନ୍ତି। ନଦୀମ ଗତ ବର୍ଷ କେବଳ ୨ଟି ଇଭେଣ୍ଟରେ ଭାଗନେଇଥିଲେ।

ଲସ୍ ଏଞ୍ଜେଲ୍ସ ଅଗ୍ନିକାଣ୍ଡ

# ଜଳିଗଲା ଗ୍ୟାରୀଙ୍କ ୧୦ ଅଲିମ୍ପିକ୍ସ ପଦକ

ୱାଶିଂଟନ, ୧୦।୧ (ଏଜେନ୍ସି): ଆମେରିକା ଇତିହାସରେ ସବୁଠୁ ଭୟଙ୍କର ଅଗ୍ନିକାଣ୍ଡ କାଲିଫର୍ଣ୍ଣିଆ ଜଙ୍ଗଲରୁ ବ୍ୟାପୀ ହଲିଉଡ୍ ସହର ଭାବେ ପରିଚିତ ଲସ୍ ଏଞ୍ଜେଲ୍ସରେ ବ୍ୟାପକ କ୍ଷତି ଘଟାଇଛି। ଏହି ଭୟାବହ ଅଗ୍ନିକାଣ୍ଡରେ ଆମେରିକାର ମହାନ ସନ୍ତରଣକାରୀ ଗ୍ୟାରୀ ହଲ୍ ଜୁନିଅରଙ୍କ ବାସଭବନ ଜଳିପୋଡ଼ି ଛାର୍‌ଖାର ହୋଇଯାଇଥିବାବେଳେ ସେ ତାଙ୍କର ସମସ୍ତ ୧୦ଟି




ଯାକ ଅଲିମ୍ପିକ୍ସ ପଦକ ମଧ୍ୟ ନିଆଁରେ ହରାଇଛନ୍ତି। ୫୦ ବର୍ଷୀୟ ଗ୍ୟାରୀ ତାଙ୍କ ପୋଷା କୁକୁରକୁ କାର୍‌ରେ ନେଇ ଏହି ନିଆଁରୁ ବର୍ତ୍ତିଯାଇଥିଲେ ବୋଲି ଗଣମାଧ୍ୟମକୁ ସାକ୍ଷାତ୍କାରରେ କହିଛନ୍ତି। ଗ୍ୟାରୀ ୩ଟି ଅଲିମ୍ପିକ୍ସ ୧୯୯୯ (ଆଟଲାଣ୍ଟା), ୨୦୦୦ (ସିଡ୍‌ନୀ) ଓ ଏଥେନ୍ସ (୨୦୦୪)ରେ ମୋଟ୍ ୧୦ଟି ପଦକ ଜିତିଥିଲେ। ଯେଉଁଥିରେ ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଥିଲା।

■ ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ ରୌପ୍ୟ

ବ୍ରହ୍ମପୁର, ୧୦।୧ (ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଆ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଦ୍ୱିତୀୟ ଦିବସରେ ଶୁକ୍ରବାର ଓଡ଼ିଶା ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ମୋଟ୍ ୪ଟି ପଦକ ଜିତିଛି। ଯେଉଁଥିରେ ମୀନା ସାନ୍ତା ଏକାକୀ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଏବଂ ସ୍ନେହା ସୋରେନ ଗୋଟିଏ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମୀନା ମୋଟ୍ ୧୭୯ କିଗ୍ରା ଭାର ଉଠାଇ ଉଭୟ ୫୫ କିଗ୍ରା ୟୁଥ୍ ଓ ଜୁନିଅର ବାଳିକାରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ମୀନା ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ କିଗ୍ରା ଭାର ଉତ୍ତୋଳନ କରିଥିଲେ। ସେହିଭଳି ୫୫ କିଗ୍ରା ସିନିଅର ମହିଳା ବିଭାଗରେ ସ୍ନେହା ୧୮୪ କିଗ୍ରା ଭାର ଉଠାଇ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେ ସ୍ନାଚରେ ୭୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୬ କିଗ୍ରା ଉଠାଇଥିଲେ। ଏହି ଇଭେଣ୍ଟରେ ମୀନା ୨ୟ ସ୍ଥାନରେ ରହି ରୌପ୍ୟ ସହ ଦିବସରେ ନିଜର ୩ୟ ପଦକ ଜିତିଥିଲେ। ମୀନା ଏଥିରେ ୧୭୯ କିଗ୍ରା ଉଠାଇଥିଲେ। ପୂର୍ବରୁ ପ୍ରଥମ ଦିବସରେ ଜ୍ୟୋତ୍ସ୍ନା ଶବର ଓ ତୁଳସୀ ଶବର ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ।



ପଦକ ସହ ସ୍ନେହା ସୋରେନ୍ ଓ ମୀନା ସାନ୍ତା

## ଜୋକୋଭିଚ୍‌ଙ୍କ ସାଂଘାତିକ ଅଭିଯୋଗ

# 'ଅଷ୍ଟ୍ରେଲିଆରେ ମୋତେ ବିଷ ଦିଆଯାଇଥିଲା'

ମେଲବୋର୍ଣ୍ଣ, ୧୦।୧ (ଏଜେନ୍ସି): ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଆରମ୍ଭ ହେବାକୁ ଯାଉଥିବାବେଳେ ସର୍ବିଆ ଅଭିଜ୍ଞ ଖେଳାଳି ନୋଭାକ ଜୋକୋଭିଚ୍ ଏକ ସଂଘାତିକ ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଛନ୍ତି। ୨୦୨୨ ଜାନୁଆରୀରେ ମୋତେ ବିଷ ଦିଆଯାଇଥିଲା ବୋଲି ସେ କହିଛନ୍ତି। କୋଭିଡ୍-୧୯ ଟୀକା ନେଇ ନଥିବାରୁ ତାଙ୍କୁ ୨୦୨୨ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଅଂଶଗ୍ରହଣ କରିବାକୁ ଦିଆଯାଇ ନଥିଲା। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ସେ ଟ୍ରାଭେଲ ଡକ୍ୟୁମେଣ୍ଟରେ ଭୁଲ ତଥ୍ୟ ଦେଇଥିଲେ।




ଏଥିପାଇଁ ତାଙ୍କୁ ମେଲବୋର୍ଣ୍ଣରେ ଗିରଫ କରାଯାଇଥିଲା। ଏହାପରେ ତାଙ୍କ ଭିସାକୁ ବାତିଲ କରାଯାଇଥିଲା ଓ ତାଙ୍କୁ ଅଷ୍ଟ୍ରେଲିଆରୁ ବାହାରକୁ ତଡି ଦିଆଯାଇଥିଲା। ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଅବସରରେ ତାଙ୍କୁ ମେଲବୋର୍ଣ୍ଣର ଏକ ହୋଟେଲରେ ରଖାଯାଇଥିଲା। ଏହି ହୋଟେଲରେ ହିଁ ତାଙ୍କୁ ଖାଦ୍ୟରେ ବିଷ ଦିଆଯାଇଥିଲା ବୋଲି ସେ କହିଛନ୍ତି। ଏକଥା ପୂର୍ବରୁ କେବେ ସାର୍ବଜନୀନ କରି ନଥିଲି। କିନ୍ତୁ ଖାଦ୍ୟ ଖାଇବା ପରେ ଶରୀରରେ ଭାରି ଧାତୁରସ୍ତର ଯଥେଷ୍ଟ ଅଧିକ ଥିଲା। ଶରୀରରେ କାଚ ଓ ପାରାର ମାତ୍ରା ମଧ୍ୟ ଯଥେଷ୍ଟ ଅଧିକ ଥିଲା ବୋଲି ସେ କହିଛନ୍ତି। ଜୋକୋଭିଚ୍‌ଙ୍କ ଏହି ଅଭିଯୋଗକୁ ନେଇ ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷ କୌଣସି ମତ ଦେଇନାହାନ୍ତି।

## ଜିତିଛନ୍ତି ୨୪ଟି ଗ୍ରାଣ୍ଡସ୍ଲାମ୍

ବିଶ୍ୱର ପ୍ରଥମ ପୁରୁଷ ଖେଳାଳି ଭାବେ ଜୋକୋଭିଚ୍ ୨୪ଟି ଗ୍ରାଣ୍ଡସ୍ଲାମ ଜିତି ରେକର୍ଡ କରିଛନ୍ତି। ସେ ୧୦ଥର ଅଷ୍ଟ୍ରେଲିଆନ ଓପନ୍, ୩ଥର ଫ୍ରେଞ୍ଚ ଓପନ୍, ୭ଥର ୱିମ୍ବଲଡନ ଓ ୪ଥର ୟୁଏସ୍ ଓପନ୍ ଟାଇଟଲ ହାସଲ କରିଛନ୍ତି। ୩୭ ବର୍ଷୀୟ ଜୋକୋଭିଚ୍ ବିଶ୍ୱର ୫ମ ଖେଳାଳି ଭାବେ କ୍ୟାରିଅର ଗୋଲ୍ଡେନ ସ୍ଲାମ ଜିତିଛନ୍ତି। ୪ଟି ଗ୍ରାଣ୍ଡସ୍ଲାମ ଓ ଅଲିମ୍ପିକ୍ସ ଏକକ ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିଙ୍କୁ ଗୋଲ୍ଡେନ ସ୍ଲାମ ବିଜେତା ବୋଲି କୁହାଯାଇଥାଏ। ଜୋକୋଭିଚ୍ ଏଥର ଅଷ୍ଟ୍ରେଲିଆନ୍ ଓପନ୍ ପ୍ରଥମ ରାଉଣ୍ଡ ମୁକାବିଲାରେ ଭାରତୀୟ ବଂଶୋଦ୍ଭବ ଖେଳାଳି ଆମେରିକାର ନିଶେଶ ବାସଭାରେଡ୍ଡୀଙ୍କୁ ଭେଟି ଅଭିଯାନ ଆରମ୍ଭ କରିବେ।

● ଇଣ୍ଡିଆନ୍ ଓମେନ୍ସ ଲିଗ୍

# ଗୋକୁଲମ ସହ ପଏଣ୍ଟ ଭାଗକଲା ଓଡ଼ିଶା ଏଫ୍‌ସି

କୋଝିକୋଡ୍, ୧୦।୧ (ଏଜେନ୍ସି): ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଅଷ୍ଟମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଇଏମ୍‌ଏସ୍ କର୍ପୋରେସନ ଷ୍ଟାଡିୟମରେ ଗତଥରର ଚାମ୍ପିଅନ ଓଡ଼ିଶା ଏଫ୍‌ସି ଓ ଘରୋଇ ଗୋକୁଲମ କେରଳ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଲିଣ୍ଡା କମ୍ ସେର୍ତ୍ତୋ ୬୧ତମ ମିନିଟ୍‌ରେ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ୮୭ତମ ମିନିଟ୍‌ରେ ଗୋକୁଲମ ତରଫରୁ ହେମାମ୍ ସିଲ୍‌କି ଦେବୀ ଗୋଲ ପରିଶୋଧର କରିଥିଲେ। ଚମତ୍କାର ପ୍ରଦର୍ଶନ କରି ହେମାମ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଲିଣ୍ଡା କିଛିଦିନ ତଳେ ଓଡ଼ିଶା ଏଫ୍‌ସିରେ ଯୋଗଦେଇଥିଲେ। ଓଡ଼ିଶା ଏବେ ଆସନ୍ତା ୧୭ ତାରିଖରେ ତା'ର ପରବର୍ତ୍ତୀ ତଥା ଦ୍ୱିତୀୟ ମ୍ୟାଚ୍ ଦିଲ୍ଲୀରେ ହୋପ୍ସ ଏଫ୍‌ସିକୁ ଭେଟିବ।

## ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଏକଦିବସୀୟ ମ୍ୟାଚ୍

# ଭାରତୀୟ ମହିଳା ଦଳର ସହଜ ବିଜୟ

ରାଜକୋଟ, ୧୦।୧ (ଏଜେନ୍ସି): ଦୀର୍ଘ ୧୯ ବର୍ଷର ବ୍ୟବଧାନ ପରେ ଭାରତ ଓ ଆୟର୍ଲାଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ଆରମ୍ଭ ହୋଇଛି। ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ଏକଦିବସୀୟ ମ୍ୟାଚରେ ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ୬ ୱିକେଟ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜର ଶେଷ ଦୁଇ ମ୍ୟାଚ୍ ଜାନୁଆରୀ ୧୨ ଓ ୧୫ ଏଠାରେ ଖେଳାଯିବ।

ପ୍ରଥମ ଏକଦିବସୀୟରେ ଟସ୍ ଜିତି ଭ୍ରମଣକାରୀ ଆୟର୍ଲାଣ୍ଡ ମହିଳା ଦଳ ୭ ୱିକେଟ୍‌ରେ ୨୩୮ ରନର ସମ୍ମାନଜନକ ସ୍କୋର କରିଥିଲା। ଦଳ ପକ୍ଷରୁ ଓପନର୍ ତଥା ଅଧିନାୟିକା ଗାବି ଲୁଇସ ୧୨୯ ବଲରେ ସର୍ବାଧିକ ୯୨ ରନ କରିଥିଲେ। ମଧ୍ୟକ୍ରମରେ ଲିଆ ପାଉଲ ୫୯ ରନ କରି ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ଘରୋଇ ଦଳ ପକ୍ଷରୁ ପ୍ରିୟା ମିଶ୍ର ୨ଟି ଏବଂ ତିତାସ ସାଧୁ, ସୟାଲି ସତଘାରେ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଭାରତ ଓପନର୍ ପ୍ରତିକା ରାୱଲଙ୍କ ୮୯ ରନ (୯୬ ବଲ୍, ୧୦ ଚୌକା, ୧ ଛକା) ସହାୟତାରେ ୩୪.୩ ଓଭରରେ ୪ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତେଜା ହାସବିନ ଅପରାଜିତ ୫୩, ସ୍ମୃତି ମନ୍ଧାନା ୪୧, ହର୍ଲିନ ଦେଓଲ ୨୦, ଜେମିମା ରୋଡ୍ରିଗ୍ସେଜ ୯ ରନ କରିଥିଲେ। ପ୍ରତିପକ୍ଷ ଆୟର୍ଲାଣ୍ଡର ଆମି ମାଗୁଇରେ ୩ଟି ୱିକେଟ୍ ନେଇଥିଲେ। ଶେଷଥର ଲାଗି ଭାରତ ଓ ଆୟର୍ଲାଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ୨୦୦୬ରେ ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ଖେଳାଯାଇଥିଲା।


ବ୍ୟାଟିଂ ଅବସରରେ ସ୍ମୃତି ମନ୍ଧାନା

### ୪ ହଜାର ରନ କ୍ଲବରେ ମନ୍ଧାନା:

ବିଶ୍ୱର ୧୫ତମ ଓ ଭାରତର ୨ୟ ଖେଳାଳି ଭାବେ ସ୍ମୃତି ମନ୍ଧାନା ମହିଳା ଏକଦିବସୀୟ କ୍ରିକେଟ୍‌ରେ ୪୦୦୦ ରନ ପୂରଣ କରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚରେ ୪୧ ରନ ଅବସରରେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ମନ୍ଧାନା ୯୫ ମ୍ୟାଚରୁ ୪୪.୯୫ ହାରରେ ୪୦୦୧ ରନ କରିଛନ୍ତି। ଯେଉଁଥିରେ ୯ ଶତକ ଓ ୨୯ ଅର୍ଦ୍ଧଶତକ ସାମିଲ ରହିଛି। ପୂର୍ବରୁ ପ୍ରଥମ ଭାରତୀୟ ମହିଳା କ୍ରିକେଟର୍ ଭାବେ ମିତାଲି (୭୮୦୫ ରନ) ଏହି ସଫଳତା ପାଇଥିଲେ।

# ବେଙ୍ଗଲକୁ ହରାଇ ଶୀର୍ଷରେ ଡ୍ରାଗନ୍ସ

ହକି ଇଣ୍ଡିଆ ଲିଗ୍

ରାଉରକେଲା, ୧୦।୧ (ସମିସ): ଏଠାରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଷଷ୍ଠ ସଂସ୍କରଣରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ୨-୧ ଗୋଲରେ ଶ୍ରଚୀ ରରହ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ଏଥିସହ ଡ୍ରାଗନ୍ସ ୫ଟି ମ୍ୟାଚ୍ ଖେଳି ୪ ବିଜୟ ସହ ୧୨ ପଏଣ୍ଟ ପାଇ ବେଙ୍ଗଲକୁ ହଟାଇ ତାଲିକାର ଶୀର୍ଷକୁ ଉଠିଛି। ସେହିପରି ବେଙ୍ଗଲ ୫ ମ୍ୟାଚ୍ ଖେଳି ୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୧୬ତମ ମିନିଟ୍‌ରେ କାର୍ତ୍ତି ସେଲବମ ଫିଲ୍ଡ ଗୋଲ ଦେଇ ଡ୍ରାଗନ୍ସକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ୩୫ତମ ମିନିଟ୍‌ରେ ବେଙ୍ଗଲର ଅଭିଜ୍ଞ ଷ୍ଟ୍ରାଇକର ରୂପିନ୍ଦରପାଲ ସିଂହ ପେନାଲ୍ଟି ଷ୍ଟ୍ରୋକ ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାର ଦୁଇ ମିନିଟ୍ ପରେ ଉତ୍ତମ ସିଂହ ଫିଲ୍ଡ ଗୋଲ ଦେଇ ଡ୍ରାଗନ୍ସକୁ ପୁଣିଥରେ ଅଗ୍ରଣୀ କରାଇଥିଲେ। ଏହାପରେ ଦୁଇ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇପାରି ନଥିଲେ। ଫଳରେ ଡ୍ରାଗନ୍ସ ବାଜି ମାରିଥିଲା।

# ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଲେ ବିରୁଷ୍କା



ମଥୁରା, ୧୦।୧ (ଏଜେନ୍ସି): ବିରୁଷ୍କା ଅର୍ଥାତ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ତାଙ୍କ ବଲିଉଡ୍ ଅଭିନେତ୍ରୀ ପତ୍ନୀ ଅନୁଷ୍କା ଶର୍ମା ଦୁଇ ସନ୍ତାନ ଝିଅ ଭମିକା ଓ ପୁଅ ଅକାୟଙ୍କ ସହ ମଥୁରା ଯାଇ ଜଣାଶୁଣା ଆଧ୍ୟାତ୍ମିକ ଗୁରୁ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଛନ୍ତି। ତାଙ୍କ ସହ ଦୁହେଁ ପାଖାପାଖି ଅଧଘଣ୍ଟା ଆଧ୍ୟାତ୍ମିକ ଚର୍ଚ୍ଚା କରିଥିଲେ। ଭାରତର ଏହି ଦୁଇ ହାଇପ୍ରୋଫାଇଲ ସେଲିବ୍ରିଟି ପ୍ରେମାନନ୍ଦଙ୍କ ଆଶୀର୍ବାଦ ଲୋଡିଥିଲେ। ଅସଫଳତାରୁ କିପରି ଉପରକୁ ଉଠିବି ବୋଲି କୋହଲି ତାଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ଅଭ୍ୟାସ ଜାରି ରଖିବାକୁ କୋହଲିଙ୍କୁ ସେ ପରାମର୍ଶ ଦେଇଥିଲେ। ଅଭ୍ୟାସକୁ ନିରନ୍ତର ଓ ନିୟନ୍ତ୍ରଣରେ ରଖି ଆଗକୁ ବଢିଲେ ବିଜୟ ନିଶ୍ଚିତ ବୋଲି ମହାରାଜ କହିଥିଲେ।

# ବରୁନ ଆରୋନଙ୍କ ଅବସର



ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଏକଦା ୧୫୦ କିମି ବେଗରୁ ଊର୍ଦ୍ଧ୍ୱ ଗତିରେ ବୋଲିଂ କରି ଚର୍ଚ୍ଚା ସୃଷ୍ଟି କରିଥିବା ଦ୍ରୁତ ବୋଲର ବରୁନ ଆରୋନ ଶୁକ୍ରବାର ପେସାଦର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରେ ନିଜର ପ୍ରଭାବ ବଜାୟ ରଖିପାରି ନଥିଲେ। ୨୦୧୦-୧୧ ବିଜୟ ହଜାରେ ଟ୍ରଫିରେ ୧୫୩ କିମି ବେଗରେ ବୋଲିଂ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଇଞ୍ଜୁରୀ କାରଣରୁ ତାଙ୍କ କ୍ୟାରିଅର ଆଗକୁ ବଢ଼ି ପାରି ନଥିଲା। ୨୦୧୧ରେ ସେ ଭାରତ ପାଇଁ ପଦାର୍ପଣ କରିଥିଲେ। ୩୫ ବର୍ଷୀୟ ବରୁଣ ୯ଟି ଟେଷ୍ଟ ଖେଳି ୧୮ ଓ ୯ଟି ଦିନିକିଆ ମ୍ୟାଚ୍ ଖେଳି ୧୧ଟି ୱିକେଟ ଅକ୍ତିଆର କରିଥିଲେ। ତେବେ ସେ ଝାଡ଼ଖଣ୍ଡ ପାଇଁ ୬୬ଟି ପ୍ରଥମ ଶ୍ରେଣୀ ଓ ୮୪ଟି ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି।

# ଧନମଞ୍ଜରୀଙ୍କୁ ଏସୀୟ ସ୍ୱର୍ଣ୍ଣ




କଟକ, ୧୦।୧ (ସମିସ): ଜଗତପୁର ସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରର ପ୍ରଶିକ୍ଷାର୍ଥୀ ଧନମଞ୍ଜରୀ ଦେବୀ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ହଂକଂରେ ଚାଲିଥିବା ଏସିଆନ କାନୋସ୍ପ୍ରିଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୩ବର୍ଷରୁ କମ୍ ବିଭାଗ ୧୦୦୦ ମିଟର ମହିଳା କାୟାକିଂ-୧ ଇଭେଣ୍ଟରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ଏହି ସଫଳତା ନେଇ ଧନମଞ୍ଜରୀଙ୍କୁ ଓଡ଼ିଶା କାୟାକିଂ ଓ କାନୋଇଂ ସଂଘର ସମ୍ପାଦକ ବିପିନ ଦାସ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରତ୍ୟାଶା ଓ ଜବାର ପାଇବେ ଓସ୍‌ଜା ପୁରସ୍କାର

ଭୁବନେଶ୍ୱର, ୧୦।୧ (ସମିସ): ଓଡ଼ିଶା ସନ୍ତରଣର ସଫଳତମ ଖେଳାଳି ପ୍ରତ୍ୟାଶା ରାୟ ଓ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ ପ୍ରଶିକ୍ଷକ ମହମ୍ମଦ ସହିଦ ଜବାର ଚଳିତ ବର୍ଷର ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର ହାସଲ କରିବେ। ଗତବର୍ଷ ଅନେକ ସଫଳତା ଅର୍ଜନ କରିଥିବା ପ୍ରତ୍ୟାଶାଙ୍କୁ ୨୦୨୪ବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ଏବଂ ଭାରତୀୟ ମହିଳା ଫୁଟବଲ ଦଳର ସଫଳତାରେ ବିଶେଷ ଯୋଗଦାନ ଦେଇଥିବା ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା ଲାଗି ଏହି ପୁରସ୍କାର ପ୍ରଦାନ କରାଯିବ। ଚଳିତ ମାସ ୧୯ରେ ଭୁବନେଶ୍ୱରରେ ହେବାକୁ ଥିବା ଓସ୍‌ଜାର ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।






ଓଡ଼ିଶା ସନ୍ତରଣର ମାର୍ଗଦର୍ଶକ ଭାବେ ପରିଚିତ ପ୍ରତ୍ୟାଶା ରାୟ ୨୦୨୪ରେ ଏକାଧିକ ସଫଳତା ହାସଲ କରିଥିଲେ। ସେ ସେପ୍ଟେମ୍ବରରେ ଅନୁଷ୍ଠିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ। ଏଥିସହ ୨୦୨୪ରେ ଦକ୍ଷିଣର ଆଫ୍ରିକାରେ ଅନୁଷ୍ଠିତ ସନ୍ତରଣ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିବାର ସୁଯୋଗ ପାଇଥିଲେ।

ଉଭୟ ସହିଦ ଜବାର ଏବଂ ପ୍ରତ୍ୟାଶା ରାୟଙ୍କୁ ଓସ୍‌ଜା ବାର୍ଷିକ ପୁରସ୍କାର ଆକାରରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯିବ। ସର୍ବଭାରତୀୟ କ୍ରୀଡା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ଓସ୍‌ଜା ବା ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଘ ୨୦୧୮ ମସିହାରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟବଲର ଦେବ ସିଂହ ପ୍ରଥମ ବର୍ଷର ବିଜେତା ଥିଲେ।

# ଓଡ଼ିଶା ଏଏମ୍‌ଏନ୍‌ଏସ୍ ଖୋ ଖୋ ଏଚ୍‌ପିସିର ସଫଳତା




ଭୁବନେଶ୍ୱର, ୧୦।୧ (ସମିସ): ନିକଟରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ସ୍କୁଲ ଗେମ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଆନୁକୂଲ୍ୟରେ ୧୭ ବର୍ଷରୁ କମ୍ ଜାତୀୟ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବାଳିକା ଦଳ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛି। କାଂସ୍ୟ ବିଜୟୀ ଦଳରେ ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି)ର ୫ଜଣ ପ୍ରଶିକ୍ଷାର୍ଥୀ ସ୍ଥାନ ପାଇଥିଲେ। ସେମାନେ ହେଲେ ଭାଗ୍ୟଶ୍ରୀ ନାୟକ, ଆଶିକା କୁଜୁର, ଅର୍ଚ୍ଚନା ପ୍ରଧାନ, ରକ୍ତିମା ଭଣ୍ଡା ଓ ଲିସାରାଣୀ ରାଇତା। ଏମାନେ ବର୍ତ୍ତମାନ ଏଏମ୍‌ଏନ୍‌ଏସ୍ ଖୋ ଖୋ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ସେହିଭଳି ଏହି ପ୍ରତିଯୋଗିତାରେ ବାଳକ ବିଭାଗରେ ରୌପ୍ୟ ପଦକ ଜିତିଥିବା ମହାରାଷ୍ଟ୍ର ଦଳର ୨ଜଣ ଖେଳାଳି ଶରଦ ଘଟଗେ ଓ ଉଦୟ ପାଡାଲକର ମଧ୍ୟ ଏହି ଖୋ ଖୋ ଏଚ୍‌ପିସିର ପ୍ରଶିକ୍ଷାର୍ଥୀ। ସମସ୍ତ ୭ଜଣ ଯାକ ଖେଳାଳି ଓଡ଼ିଶାରେ ଥିବା ଖୋ ଖୋ ଏଚ୍‌ପିସିରେ କ୍ରୀଡ଼ା ପ୍ରଶିକ୍ଷଣ ଓ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ବଳରେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନସିପ୍‌ରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିଲା। ଏଥିରେ ଖୋ ଖୋ ଏଚ୍‌ପିସିର ୧୧ଜଣ ଖେଳାଳି ସ୍ଥାନ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS